


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-5 ♦BHUBANESWAR ♦SUNDAY ♦29 JUNE 2025 ♦PAGE-12 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୫ ♦ଭୁବନେଶ୍ୱର ♦ରବିବାର ♦୨୯ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)


# ଗୁଣ୍ଡିଚା ଦୁଆରେ ତିନି ରଥ

## ଆଜି ଆଡ଼ପ ମଣ୍ଡପ ବିଜେ କରିବେ ଚତୁର୍ଦ୍ଧାମୂର୍ତ୍ତି

■ **ପୁରୀ, ୨୮।୬ (ସମିସ)**: ନବଦିନାତ୍ମକ ଯାତ୍ରାରେ ବାହାରି ବଡ଼ଦାଣ୍ଡରେ ଭାଇ-ଭଉଣୀଙ୍କ ସହ ଅଟକି ରହିଥିଲେ କାଳିଆ ଠାକୁର। ରାତିରେ ରଥାରୂଢ଼ ଠାକୁରଙ୍କୁ ମନଲୋଭା ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଶନିବାର ସକାଳୁ ନିର୍ଘଣ୍ଟ ନୀତିକାନ୍ତି ପରେ ପୁନଶ୍ଚ ଆରମ୍ଭ ହୋଇଥିଲା ରଥଟଣା। ଝିପିଝିପି ବର୍ଷା ସାଙ୍ଗକୁ ଅନୁକୂଳ ପାଗ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଭରିଥିଲା। ଜୟ ଜଗନ୍ନାଥ ଧ୍ୱନିରେ ରଥ ଟାଣିଥିଲେ ହଜାରହଜାର ଶ୍ରଦ୍ଧାଳୁ। ଏବେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ପହଞ୍ଚି ଯାଇଛନ୍ତି ତିନିରଥ। ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରୁଛନ୍ତି ଭକ୍ତ। ଶନିବାର ରାତି ଏବଂ ରବିବାର ଦିନବ୍ୟାପୀ ଭକ୍ତଙ୍କୁ ଦର୍ଶନ ଦେବା ପରେ ଅପରାହ୍ଣରେ ଚତୁର୍ଦ୍ଧାବିଗ୍ରହ ଜନ୍ମବେଦୀ ତଥା ଆଡ଼ପ ମଣ୍ଡପକୁ ବିଜେ କରିବେ।

ଆଷାଢ଼ ଶୁକ୍ଳ ଦ୍ୱିତୀୟା ଥିଲା ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା। ଶୁକ୍ରବାର ନିର୍ଘଣ୍ଟ ସମୟରେ ଚାଲିଥିଲା ନୀତିକାନ୍ତି। ଧାର୍ଯ୍ୟ ସମୟରେ ରଥଟଣା ବି ଆରମ୍ଭ ହୋଇଥିଲା। ହେଲେ ବଡ଼ଠାକୁରଙ୍କ ତାଳଧ୍ୱଜ ରଥ ବାଟସାରା ବିଭିନ୍ନ ସ୍ଥାନରେ ମୋଡ଼ ନେଇଥିଲା। ତେଣୁ ରଥଟଣା ବନ୍ଦ ବେଳକୁ ତାଳଧ୍ୱଜ ରଥ ବଳଗଣ୍ଡି ଛକ, ଦର୍ପଦଳନ ମରୀଚିକୋଟ ଏବଂ ନନ୍ଦିଘୋଷ ରଥ ସିଂହଦ୍ୱାର ନିକଟରେ ଅଟକି ରହିଥିଲା। ରଥାରୂଢ଼ ଠାକୁରଙ୍କୁ ବିଳମ୍ବିତ ରାତି ଯାଏ ମନଭରି ଦର୍ଶନ କରିଥିଲେ ଭକ୍ତ।

ଶନିବାର ପ୍ରାତଃରେ ରଥ ଉପରେ ମଙ୍ଗଳ ଆଳତି ଓ ଅବକାଶ ନୀତି ସମ୍ପନ୍ନ ହେବା ପରେ ସକାଳ ୯ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା। ଡାହୁକର ଡାକ ଓ ଘଣ୍ଟୁଆଙ୍କ ଘଣ୍ଟର ତାଳେ ତାଳେ ତାଳଧ୍ୱଜ, ଦର୍ପଦଳନ ଓ ନନ୍ଦିଘୋଷ ରଥ ଆଗକୁ ଆଗକୁ ମାଡ଼ି ଚାଲିଥିଲା। ବଡ଼ କଥା ହେଲା, ଶୁକ୍ରବାର ଭଳି ଶନିବାର ବି ପାଗ ବେଶ୍ ଅନୁକୂଳ ରହିଥିଲା। ଆଦୌ ଖରା ନଥିଲା। ଏପରିକି, ରଥ ଗଡ଼ୁଥିବା ବେଳେ ଝିପିଝିପି ବର୍ଷା ହୋଇଥିଲା। ଶ୍ରଦ୍ଧାଳୁମାନେ ଭିଜିଭିଜି ରଥ ଟାଣୁଥିଲେ। ଅବଶ୍ୟ ବାଟରେ କିଛି ଜାଗାରେ ରଥ ମୋଡ଼ ନେଇଥିଲା। ହେଲେ ସେମିତି ବେଶି ଅଝଟ ହୋଇନଥିଲେ ଭାଇ-ଭଉଣୀ। ପ୍ରଥମେ ପୂର୍ବାହ୍ଣ ୧୧ଟା ୧୬ରେ ତାଳଧ୍ୱଜ ରଥ ଲାଗିଥିଲା ଗୁଣ୍ଡିଚା ମନ୍ଦିର ସମ୍ମୁଖରେ। ପରେ ମଧ୍ୟାହ୍ନ ୧୨ଟା ୧୭ରେ ଦର୍ପଦଳନ ଏବଂ ଶେଷରେ ଅପରାହ୍ଣ ୧ଟା ୧୦ରେ ନନ୍ଦିଘୋଷ ରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଥିଲା। ସଙ୍ଗେସଙ୍ଗେ ଉଭୟ ରଥ ଚତୁଃପାର୍ଶ୍ୱରେ ବ୍ୟାରିକେଡିଂ କରାଯାଇଥିଲା। ଏହାପରେ ରଥ ଉପରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ଚାଲିଥିବା ବେଳେ ଦର୍ଶନ ପାଇଁ ଶରଧାବାଲି ମଧ୍ୟ ଲୋକାରଣ୍ୟ ହୋଇପଡ଼ିଥିଲା। ରବିବାର ଦିନତମାମ ରଥ ଉପରେ ଭକ୍ତଙ୍କୁ ଦର୍ଶନ ଦେବେ ଦାରୁବିଗ୍ରହ। ଅପରାହ୍ଣ ପ୍ରାୟ ୫ଟା ପରେ ଗୋଟିପହଣ୍ଡିରେ ଆଡ଼ପମଣ୍ଡପ ଯାତ୍ରା କରିବେ ବିଶ୍ୱନିୟନ୍ତା। ସୋମବାରଠାରୁ ଶ୍ରଦ୍ଧାଳୁଙ୍କୁ ମିଳିବ ଆଡ଼ପ ଅବଢ଼ା।




### ଝିପିଝିପି ବର୍ଷା ସାଙ୍ଗକୁ ଅନୁକୂଳ ପାଗ

### ବଡ଼ଦାଣ୍ଡରେ ରଥଟାଣିଲେ ଲକ୍ଷାଧିକ ଭକ୍ତ

## ରଥଯାତ୍ରା ମହାବିଭ୍ରାଟ; ନବୀନଙ୍କ ଉଦ୍‌ବେଗ

# ମହାପ୍ରଭୁ ଦାୟୀଙ୍କୁ କ୍ଷମା କରିଦିଅନ୍ତୁ

■ **ଭୁବନେଶ୍ୱର, ୨୮।୬ (ସମିସ)**: ରଥଯାତ୍ରା ପରିଚାଳନାରେ ମହାବିଭ୍ରାଟ ଏବଂ ଭିଡ଼ ନିୟନ୍ତ୍ରଣକୁ ନେଇ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ବିଭିନ୍ନ ମହଲରୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼ୁଛି। ରାଜ୍ୟ ସରକାରଙ୍କ ଅପାରଗତା ରାଜ୍ୟ ତଥା ଜାତୀୟସ୍ତରରେ ଚର୍ଚ୍ଚାର କାରଣ ପାଲଟିଥିବା ବେଳେ ଏନେଇ ପ୍ରତିକ୍ରିୟା ରଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ରଥଟଣାରେ ଅଯଥା ବିଳମ୍ବ ପାଇଁ ପ୍ରଶାସନକୁ ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ଚାହୁଁନାହୁଁ ବୋଲି ନବୀନ କହିଥିବା ବେଳେ ଭୟଙ୍କର ବିଭ୍ରାଟ ଓ ବିଶୃଙ୍ଖଳା ପାଇଁ ଦାୟୀ ସମସ୍ତଙ୍କୁ ମହାପ୍ରଭୁ କ୍ଷମା କରିଦିଅନ୍ତୁ ବୋଲି "ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଚକା ଆଖି ସବୁ ଦେଖୁଛି। ତେଣୁ କଣ ପାଇଁ ଏମିତି ଅଘଟଣ ଘଟିଲା, ଭୟଙ୍କର ବିଭ୍ରାଟ ହେଲା ସେନେଇ ସରକାର ଆତ୍ମଚିନ୍ତନ କରନ୍ତୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି। ନବୀନଙ୍କ ପରାମର୍ଶକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବା ବେଳେ ସରକାର ଅଯଥା ଯୁକ୍ତି ନକରି ନିଜର ତ୍ରୁଟିକୁ ସ୍ୱୀକାରନ୍ତୁ ବୋଲି ମତ ପ୍ରକାଶ ପାଇଛି। ଆଡ଼ପ ମଣ୍ଡପ ଦର୍ଶନଠାରୁ ଆରମ୍ଭ କରି ବାହୁଡ଼ା ଯାତ୍ରା, ସୁନାବେଶ, ଅଧରପଣା ଓ ନିଳାଦ୍ରିବିଜେ ଯେପରି ଶାନ୍ତି ଶୃଙ୍ଖଳାର ସହ ସମାପନ ହେବ ସେନେଇ ସରକାର ସଚେତନ ଭାବେ କାମ ▶ପୃଷ୍ଠା-୭



**ଚକା ଆଖି ସବୁ ଦେଖୁଛି**

**ନନ୍ଦିଘୋଷ ରଥଟଣା ପାଇଁ ପ୍ରଶାସନକୁ ଦୋଷାରୋପ କରୁନାହୁଁ**

**ଯେଉଁ ଅଘଟଣ ଘଟିଲା, ସେନେଇ ଚିନ୍ତା ପ୍ରକାଶ ବିନା ରହି ହେଉନାହିଁ**

**ବିଭ୍ରାଟ, ଅଘଟଣ ଲକ୍ଷ ଲକ୍ଷ ଭକ୍ତଙ୍କୁ ନିରାଶ ଓ ହତାଶ କରିଛି**

**ସରକାର ଆତ୍ମଚିନ୍ତନ କରନ୍ତୁ**

## ଶୁଭାଂଶୁଙ୍କ ସହ କଥାହେଲେ ମୋଦୀ

# ମହାକାଶରୁ ଭବ୍ୟ ଦିଶୁଛି ଭାରତ

■ **ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି)**: ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)ରେ ପହଞ୍ଚିଥିବା ଶୁଭାଂଶୁ ଶୁକ୍ଲାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ପକ୍ଷରୁ ଶନିବାର ସନ୍ଧ୍ୟା ୫ଟା ୪୯ରେ ଏହି କଥାବାର୍ତ୍ତାର ଭିଡିଓ ଜାରି କରାଯାଇଛି। ଉଭୟେ ୧୮ ମିନଟ୍ ୨୫ ସେକେଣ୍ଡ ପର୍ଯ୍ୟନ୍ତ ଚର୍ଚ୍ଚା କରିଛନ୍ତି। ଶୁଭାଂଶୁ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି ଯେ ଦିନକୁ ୧୬ ଥର ପୃଥିବୀ ପରିକ୍ରମା କରୁଛୁ। ଘଣ୍ଟା ପ୍ରତି ୨୮ ହଜାର କିମିରେ ଗତି କରୁଛୁ। ୧୬ ଥର ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ଦେଖୁଛୁ। ମହାକାଶରୁ ଭାରତ ଭବ୍ୟ ଦେଖାଯାଉଛି। ଆମ ଦେଶ କେଉଁ ବେଗରେ ଆଗକୁ ବଢ଼ୁଛି ତାହା ଏହି ଗତି ଦର୍ଶାଉଛି। ମୋଦୀ ପଚାରି ଥିଲେ ଯେ ଗାଜର ହାଲୱା ନେଇ ମହାକାଶକୁ ଯାଇଥିଲେ। ଏହା ସହଯୋଗୀଙ୍କୁ ଦେଇଛନ୍ତି କି ନାହିଁ? ଏହା ଉତ୍ତରରେ ମହାକାଶଚାରୀ କହିଥିଲେ ଯେ ଗାଜର ହାଲୱା, ମୁଗ ଡାଲି ହାଲୱା ଏବଂ ଆମ୍ବ ରସ ଆଣିଛି। ଆମେ ସମସ୍ତେ ଏକାଠି ବସିକି ଖାଇଛୁ। ସମସ୍ତଙ୍କୁ ଏହା ଭଲ ଲାଗିଛି।

ଫୋନ ବାର୍ତ୍ତାଳାପ ଆରମ୍ଭ ହେବା ପରେ ମୋଦୀ ଭାରତୀୟଙ୍କ ପକ୍ଷରୁ ଶୁଭାଂଶୁଙ୍କୁ ଶୁଭକାମନା ଜଣାଇ ଥିଲା। ଏଥିପାଇଁ ଧନ୍ୟବାଦ ଦେଇ ଭଲରେ ଏବଂ ସୁରକ୍ଷିତ ଥିବା ମହାକାଶଚାରୀ କହିଥିଲେ। ଏହା କେବଳ ମୋର ନୁହେଁ, ସାରା ଦେଶର ଯାତ୍ରା। ଆପଣଙ୍କ ନେତୃତ୍ୱରେ ଭାରତ ଆଗେଇ ଚାଲିଛି। ସ୍ୱପ୍ନ ପୂରଣ କରିବା ପାଇଁ ସୁଯୋଗ ପାଉଛି। ପୃଥିବୀ କେମିତି ଲାଗୁଛି ଉତ୍ତରରେ ଶୁଭାଂଶୁ କହିଥିଲେ ଯେ ପ୍ରଥମେ ଧରିତ୍ରୀ ସମାନ ଭଳି ଲାଗିଥିଲା। ପୃଥିବୀରେ ବିଭିନ୍ନତାରେ ଏକତା ଦେଖାଯାଉଛି। ମାନଚିତ୍ରଠାରୁ ଭାରତ ଅଧିକ ଭବ୍ୟ ଏବଂ ସୁନ୍ଦର ଦିଶୁଛି। ▶ପୃଷ୍ଠା-୭



**ଦିନକୁ ୧୬ ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ ଦେଖୁଛି**

## ପରାଗ ଜୈନ 'ର' ମୁଖ୍ୟ



■ **ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି)**: ଭାରତ ସରକାର ଶନିବାର ୧୯୮୯ ବ୍ୟାଚ୍‌ର ଆଇପିଏସ ଅଧିକାରୀ ପରାଗ ଜୈନଙ୍କୁ ଗୁଇନ୍ଦା ଏଜେନ୍ସି ରିସର୍ଚ୍ଚ ଆଣ୍ଡ ଆନାଲିସିସ ୱିଙ୍ଗ(ର)ର ନୂଆ ମୁଖ୍ୟ ନିଯୁକ୍ତ କରିଛନ୍ତି। ପାକିସ୍ତାନକୁ ଜବାବ ଦେବା ପାଇଁ ଭାରତ କରିଥିବା ଅଭିଯାନ 'ଅପରେସନ ସିନ୍ଦୂର' ଶ୍ରୀ ଜୈନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ୩୦ ତାରିଖରେ ଅବସରଗ୍ରହଣ କରୁଥିବା 'ର' ମୁଖ୍ୟ ରବି ସିହ୍ନାଙ୍କ ସ୍ଥାନ ନେବେ। ଶ୍ରୀ ଜୈନ ଜୁଲାଇ ୧ରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଏହି ପଦରେ ରହିବେ। ଏବେ ସେ 'ର'ର ଆଭିଏସନ ରିସର୍ଚ୍ଚ ସେଣ୍ଟର (ଏଆରସି) ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଆକାଶ ମାର୍ଗର ସର୍ବେକ୍ଷଣ ଏବଂ ତତ୍ ସମ୍ବନ୍ଧିତ ଅଭିଯାନ ପାଇଁ ଏଆରସି କାର୍ଯ୍ୟ କରୁଛି। ଏହି ପଦରେ ରହି ସେ ପାକିସ୍ତାନର ଆତଙ୍କବାଦୀ ଶିବିର ଚିହ୍ନଟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେ ଦୁଇ ଦଶନ୍ଧି ହେଲା 'ର'ରେ କାର୍ଯ୍ୟ କରୁଛନ୍ତି। 'ର'ର ପୂର୍ବତନ ମୁଖ୍ୟ ସାମନ୍ତ ଗୋୟଲଙ୍କ ସହ ଶ୍ରୀ ଜୈନ କାମ କରିଥିଲେ। ସେ ପାକିସ୍ତାନ ଡେସ୍କ ଦାୟିତ୍ୱରେ ଅଛନ୍ତି। ଧାରା ୩୭୦ ଉଚ୍ଛେଦ ଏବଂ ବାଲାକୋଟ ଏୟାର ଷ୍ଟ୍ରାଇକ ଭଳି ଗୁରୁତ୍ୱପୂର୍ଣ୍ଣ ଅଭିଯାନରେ ମଧ୍ୟ କାମ କରିଛନ୍ତି। ସେ ଏସ୍‌ଏସ୍‌ପି ଚଣ୍ଡିଗଡ଼ ଏବଂ ଡିଆଇଜି ଲୁଧିଆନା ପଦରେ ମଧ୍ୟ ଥିଲେ।

## ଅଧା ରହିଗଲା ଜଗା ଦର୍ଶନ

# ଚାପିଦେଲା ବସ୍; ୩ ଛାତ୍ରୀ ମୃତ

■ **ପିପିଲି, ୨୮।୬(ସମିସ)**: ଅଧା ରହିଗଲା ଜଗା ଦର୍ଶନ। ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଯାଉଥିବା ବେଳେ ଏକ ଦୁର୍ଘଟଣାରେ ଆଜି ୨ ଭଉଣୀଙ୍କ ସମେତ ୩ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ପୁରୁଣା ଭୁବନେଶ୍ୱର ରଥରୋଡ୍



ବାରିକସାହିରେ ରହୁଥିବା ରମେଶ ସାହୁଙ୍କ ଝିଅ ରିମ୍‌ଝିମ୍ ସାହୁ (୨୦) ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳର ଦୁଇ ଭଉଣୀ ଏଲିନା ଦାଶ (୨୦) ଓ କାଜଲ ଦାଶ (୨୨)। ୩ଜଣ ଯାକ ଆଜି ଏକ ସ୍କୁଟିରେ ପୁରୀ ଯାଉଥିବା ବେଳେ ପିପିଲି ▶ପୃଷ୍ଠା-୭

## ଦୁଇଟି ଦୁର୍ଘଟଣାରେ ୫ ମୃତ

■ **ନୂଆପଡ଼ା, ୨୮।୬(ସମିସ)**: ଜଗା ଦର୍ଶନ କରିବାକୁ ଯାଉଥିଲେ। ରଥ ଦଉଡ଼ି ଛୁଇଁବା ସହ ନିଜ ପରିବାରର ଆଶିଷ ଭିକ୍ଷା କରିଥା'ନ୍ତେ। କିନ୍ତୁ ସେମାନଙ୍କର ଏ ଆଶା ଆଶାରେ ହିଁ ରହିଗଲା। କାଳିଆର ଚକାଆଖି ଦେଖିବା ଆଗରୁ ସେମାନେ ଆଖି ବୁଜିଛନ୍ତି। ନୂଆପଡ଼ା ଜିଲ୍ଲା ୩୫୩ ନମ୍ବର ଜାତୀୟ ରାଜପଥର ପଲସିପାଣି ଛକ ନିକଟରେ ଶନିବାର ଦୁଇଟି ପୃଥକ୍ ଦୁର୍ଘଟଣାରେ ୩ଶିଶୁଙ୍କ ସମେତ ମୋଟ ୫ଜଣଙ୍କ ମୃତ୍ୟୁ ହୋଇଛି। ଗୋଟିଏ ଘଟଣାରେ ୪ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଏକ ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୩ଜଣ ସଦସ୍ୟ ରହିଛନ୍ତି। ମୃତକମାନେ ହେଲେ, କୋମନା ଥାନା ଅଧୀନ ପଲସିପାଣି ଗାଁର ଲଳିତ ଶବର (୩୫), ତାଙ୍କ ଝିଅ ସୁନାଫୁଲ (୧୨), ଡୋଲେଶ୍ୱରୀ(୮), ପାଇକମାଲ ଥାନା ଚୁହାପାଲି ଗାଁର କ୍ଷୀର ରାଉଳ(୨୫), ଲଖନା ▶ପୃଷ୍ଠା-୭

**ଗୋଟିଏ ପରିବାରର ବାପା ଓ ୨ ଝିଅ ମୃତ**

## କାଳ ହେଲା ବର୍ଷା

# ଗଛରେ ବାଇକ୍ ପିଟିହୋଇ ୨ ମୃତ

■ **ବିଷମ କଟକ, ୨୭।୬ (ସମିସ)**: ବର୍ଷା ସାଜିଲା କାଳ। ଘରକୁ ଫେରିବା ବେଳେ ନିୟନ୍ତ୍ରଣ ହରାଇ ବାଇକ୍‌ଟି ଗଛରେ ପିଟି ହେବାରୁ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ବିଷମକଟକ ଥାନା ଅନ୍ତର୍ଗତ ଡୁମୁରିନେଳି ଗ୍ରାମର ମନୋଜ ସାରକା(୩୦) ଏବଂ ଗାହିଁ ହୁଇକା(୨୮)। ସେହିପରି ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି।

ସୂଚନାନୁଯାୟୀ, ୩ଜଣ ଯାକ ଏକ ବାଇକ୍‌ରେ ମୁନିଗୁଡ଼ାରୁ ନିଜ ଗାଁ ଡୁମୁରିନେଳିକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ପାଇକଡାକୁଲୁଗୁଡା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ବାଇକ୍‌ଟି ରାସ୍ତାକଡ଼ରେ ଥିବା ଏକ ଗଛରେ ଧକ୍କା ହୋଇଯାଇଥିଲା। ଏଥିରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଅନ୍ୟ ୨ଆହତଙ୍କୁ ଆମ୍ବୁଲାନ୍ସରେ ମୁନିଗୁଡ଼ା ମେଡିକାଲକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ▶ପୃଷ୍ଠା-୭

# ତିନି ଦିନରେ ରାଜ୍ୟ ବିଜେପି ମୁଖିଆ ବଛା

■ **ଭୁବନେଶ୍ୱର, ୨୮।୬ (ସମିସ)**: ବହୁ ପ୍ରତୀକ୍ଷିତ ବିଜେପିର ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ପ୍ରକ୍ରିୟା ଆସନ୍ତାକାଲିଠାରୁ ଆରମ୍ଭ ହେବ। ଆସନ୍ତା ୩ ଦିନ ମଧ୍ୟରେ ଅର୍ଥାତ୍ ଜୁଲାଇ ୧ ତାରିଖ ସୁଦ୍ଧା ଦଳର ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ନିର୍ବାଚନ ସମ୍ପର୍କରେ ରାଜ୍ୟ ବିଜେପି ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସୂଚନା ପରେ ରାଜ୍ୟ ବିଜେପିର ଆଭ୍ୟନ୍ତରୀଣ ରାଜନୀତି ଜୋର୍ ଧରିଛି। ବର୍ତ୍ତମାନ ସଭାପତି ଦାୟିତ୍ୱ ତୁଲାଉଥିବା ମନମୋହନ ସାମଲଙ୍କୁ ପୁନଃ ସୁଯୋଗ ମିଳିବ ଅବା ସଂଗଠନକୁ ନୂଆ ମୁହଁ ମିଳିବ, ତାହା ଦଳୀୟ କର୍ମୀଙ୍କ ମଧ୍ୟରେ ଚର୍ଚ୍ଚାର କାରଣ ପାଲଟିଛି।

ନୂତନ ରାଜ୍ୟ ସଭାପତି ନିର୍ବାଚନ ପାଇଁ ତୃଣମୂଳ ସ୍ତରରେ ପ୍ରଥମେ ମଣ୍ଡଳ ସଭାପତି ଏବଂ ପରେ ଜିଲ୍ଲା ସଭାପତି ନିର୍ବାଚନ ସମ୍ପନ୍ନ ହୋଇଥିଲା। ତେବେ ଏକାଧିକ କାରଣ ଯୋଗୁଁ ▶ପୃଷ୍ଠା-୭

**ଆଜିଠୁ ରାଜ୍ୟ ସଭାପତି ଏବଂ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ**

**ରାଷ୍ଟ୍ରୀୟ ସଭାପତି ନିର୍ବାଚନ ଖୁବ୍‌ଶୀଘ୍ର**

## ରଥଟଣାରେ ମହାବିଭ୍ରାଟ

# କାରଣ କ'ଣ, ଉତ୍ତରଦାୟୀ କିଏ?

**ଭିଡ଼ ଆଳରେ ଖସିଯାଉଛନ୍ତି କି ସରକାର!**

**ପାଳନ ହେଉନି କି କାର୍ ଫେଷ୍ଟିଭାଲ୍ କୋଡ୍**

**ରଥ ମୋଡ଼ନେବାକୁ ଗୁରୁତ୍ୱ ଦେଲେନି କାହିଁକି**

**କୁଆଡ଼େ ଗଲା ମହାକୁମ୍ଭ ଭିଡ଼ ନିୟନ୍ତ୍ରଣ ମଡେଲ୍**

**ବିଫଳ ହେଲା କି ଡ୍ରୋନ୍, ଏଆଇ କ୍ୟାମେରା**

■ **ଭୁବନେଶ୍ୱର, ୨୮।୬ (ସମିସ)**: ଚଳିତ ରଥଯାତ୍ରାରେ ବିଭ୍ରାଟ ଦେଶବିଦେଶର କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ମନରେ ଆଘାତ ପହଞ୍ଚାଇଛି। ମହାପ୍ରଭୁଙ୍କ ଘୋଷଯାତ୍ରା ସୁପରିଚାଳନାକୁ ନେଇ ରାଜ୍ୟ ସରକାର ପୁଣିଥରେ କାଠଗଡ଼ାକୁ ଟାଣି ହୋଇଆସିଛନ୍ତି।

ସରକାର ରଥଯାତ୍ରା ପୂର୍ବରୁ ସମସ୍ତ ପ୍ରକାର ପ୍ରସ୍ତୁତି ଠିକ୍ ଭାବେ ଚାଲିଛି ବୋଲି କହିଥିଲେ। କିନ୍ତୁ କିଛି ଠିକ୍ ନାହିଁ ଓ ବିଭାଗ-ବିଭାଗ ମଧ୍ୟ ଆଦୌ ସମନ୍ୱୟ ନାହିଁ ବୋଲି ଜଳଜଳ ଦେଖାଯାଇଥିଲା। ଏବେ ରଥଟଣା ବିଳମ୍ବକୁ ଲୁଚାଇବା ପାଇଁ ସରକାର ଆଶାଠାରୁ ଅଧିକ ଭିଡ଼ ହୋଇଥିବା କହି ନିଜ ମୁଣ୍ଡରୁ ଦୋଷ ଖସାଇଦେବାକୁ ଉଦ୍ୟମ କରୁଛନ୍ତି। ବାସ୍ତବରେ କ'ଣ ପାଇଁ ଏଭଳି ଅସୁବିଧା ଘଟିଲା, ତା'ର ପ୍ରକୃତ କାରଣ ଖୋଜିବାକୁ ସାମାନ୍ୟତମ ଚେଷ୍ଟା କରୁନାହାନ୍ତି। ଚଳିତବର୍ଷ ଆରମ୍ଭରୁ ଏଭଳି ବିଭ୍ରାଟ ହେଲାଣି। ତେଣୁ ଆଗକୁ ଏହି ନବ ଦିନାତ୍ମକ ଯାତ୍ରା ସୁରୁଖୁରରେ ସରିବ କି ନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଶୁକ୍ରବାର ରଥଟଣା ବିଳମ୍ବକୁ ନେଇ ହଟଚମଟ ହେବା ପରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମ ସାମ୍ନାକୁ ଆସି କହିଲେ, ଆଶାଠୁ ଅଧିକ ଭିଡ଼ ଯୋଗୁଁ ଏଭଳି ଘଟିଲା। ହେଲେ ମନ୍ତ୍ରୀଙ୍କ ଏଭଳି ହାଲୁକା ଟିପ୍ପଣୀକୁ ସଚେତନ ନାଗରିକ ସହଜରେ ଗ୍ରହଣ କରିପାରୁନାହାନ୍ତି। କାରଣ ନିକଟ ଅତୀତରେ ଅନୁଷ୍ଠିତ ପ୍ରୟାଗରାଜ ମହାକୁମ୍ଭରେ କୋଟି କୋଟି ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରୟାଗରାଜରେ ଭିଡ଼ ନିୟନ୍ତ୍ରଣ ପାଇଁ ଉତ୍ତର ପ୍ରଦେଶ ସରକାର ଡ୍ରୋନ୍ ଓ ଏଆଇ କ୍ୟାମେରା ନିୟୋଜିତ କରିଥିଲେ। ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରୟାଗରାଜ ମଡେଲ୍‌ରେ ଡ୍ରୋନ୍ ଓ ଏଆଇ କ୍ୟାମେରା ମାଧ୍ୟମରେ ଭିଡ଼ ନିୟନ୍ତ୍ରଣ କରାଯିବ ବୋଲି ରାଜ୍ୟ ସରକାର କହିଥିଲେ। ବିଶେଷକରି ଡ୍ରୋନ୍ ସାହାଯ୍ୟରେ ରଥ ସହ ଲକ୍ଷାଧିକ ଭକ୍ତଙ୍କ ସମାଗମ ଓ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ ବୋଲି ଆଲୋଚନା କରିଥିଲେ। ହେଲେ ମାତ୍ର ▶ପୃଷ୍ଠା-୭

## ଘରେ ପଶି ଛାତ୍ରୀଙ୍କୁ ଦୁଷ୍କର୍ମ




■ **ବୈଶିଙ୍ଗା, ୨୮।୬ (ସମିସ)**: ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ପଞ୍ଚାୟତ ଅଞ୍ଚଳରେ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀକୁ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ବୈଶିଙ୍ଗା ପୁଲିସ୍ ଅଭିଯୁକ୍ତ ଟାରଜନ୍ ମାଝୀକୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାସହ ପୁଲିସ୍ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଇବା ସହ ବୟାନ ରେକର୍ଡ କରିଛି। ସୂଚନାନୁଯାୟୀ, ଷଷ୍ଠ ଶ୍ରେଣୀରେ ପଢ଼ୁଥିବା ଏହି ଛାତ୍ରୀଜଣଙ୍କ ମା'ଙ୍କ ସହ ବୈଶିଙ୍ଗା ଅଞ୍ଚଳରେ ଭଡ଼ାରେ ରହୁଥିଲେ। ଗତକାଲି ତାଙ୍କ ମା' କୌଣସି କାମରେ ବାହାରକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ଦାହିବାଡ଼ି ଗ୍ରାମର ଟାରଜନ ତାଙ୍କ ଘରକୁ ଆସିଥିଲା। ମୋବାଇଲ୍ ଚାର୍ଜ ▶ପୃଷ୍ଠା-୭






# ଶ୍ରୀଗୁଣ୍ଡିଚା ମନ୍ଦିରରୁ ହୋଇଥିଲା ପ୍ରଥମ ରଥଯାତ୍ରା

ନବଦିନାତ୍ମକ ଯାତ୍ରାରେ ବାହାରିଥିବା ଚତୁର୍ଦ୍ଧାବିଗ୍ରହ ଏବେ ଶରଧାବାଲିରେ। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ତିନିରଥ। ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରୁଛନ୍ତି ଭକ୍ତ। ରବିବାର ଅପରାହ୍ଣରେ ପହଣ୍ଡି ହୋଇ ଆଡ଼ପମଣ୍ଡପ ଯିବେ ଦାରୁବିଗ୍ରହ। ତେବେ ରଥଯାତ୍ରା କଥା ଉଠିଲେ ସମସ୍ତଙ୍କ ମନରେ ଆସେ ଶ୍ରୀମନ୍ଦିରରୁ ଦାରୁବିଗ୍ରହ ଶ୍ରୀଗୁଣ୍ଡିଚା ମନ୍ଦିରକୁ କାହିଁକି ଯାତ୍ରା କରିଥା'ନ୍ତି। ହେଲେ ଅନେକ ବୋଧହୁଏ ଜାଣି ନ ଥିବେ ପ୍ରଥମ ରଥଯାତ୍ରା ଶ୍ରୀଗୁଣ୍ଡିଚା ମନ୍ଦିରରୁ ହିଁ ଆରମ୍ଭ ହୋଇଥିଲା। ଅର୍ଥାତ୍ ଦାରୁବିଗ୍ରହମାନେ ଗୁଣ୍ଡିଚା ମନ୍ଦିରରୁ ରଥରେ ବସି ଶ୍ରୀମନ୍ଦିରକୁ ଯାତ୍ରା କରିଥିଲେ।

ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଶ୍ରୀଗୁଣ୍ଡିଚା ମନ୍ଦିର ହେଉଛି ଚତୁର୍ଦ୍ଧାବିଗ୍ରହଙ୍କ ଜନ୍ମସ୍ଥାନ। ଏଠାରେ ଦାରୁବିଗ୍ରହ ପ୍ରଥମେ ଆବିର୍ଭୂତ ହୋଇଥିଲେ। ଏଠାରୁ ରଥରେ ବସି ଶ୍ରୀମନ୍ଦିରକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ରଥରୁ ଜଣେ ଜଣେ ଦିଅଁ ଯାଇ ଶ୍ରୀମନ୍ଦିରରେ ପ୍ରତିଷ୍ଠିତ ହୋଇଥିଲେ ବୋଲି ସ୍କନ୍ଦ ପୁରାଣରେ ଏପରି ବର୍ଣ୍ଣନା ରହିଛି। ମହାପ୍ରଭୁଙ୍କ ରଥଯାତ୍ରାକୁ ନବଦିନାତ୍ମକ ଯାତ୍ରା ମଧ୍ୟ କୁହାଯାଏ। ଏହି ୯ ଦିନ ମଧ୍ୟରୁ ଯିବା ଏବଂ ଆସିବା ଦୁଇଦିନକୁ ଛାଡ଼ିଦେଲେ ଠାକୁରମାନେ ଏକ ସପ୍ତାହ ଧରି ଆଡ଼ପ ମଣ୍ଡପରେ ଅବସ୍ଥାନ କରିଥା'ନ୍ତି। କିନ୍ତୁ ଚଳିତବର୍ଷ ଅଧିକ ଗୋଟିଏ ଦିନ ରଥ ଉପରେ ରହିବେ ଠାକୁର। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ଅପେକ୍ଷା ଆଡ଼ପମଣ୍ଡପରେ ଦର୍ଶନ କଲେ ଅଧିକ ପୁଣ୍ୟ ମିଳିଥାଏ। ଅର୍ଥାତ୍ ଶ୍ରୀମନ୍ଦିରରେ ୧୦ବର୍ଷ ମହାପ୍ରଭୁଙ୍କୁ ଦର୍ଶନ କଲେ ଯେତିକି ପୁଣ୍ୟ ମିଳିଥାଏ ଆଡ଼ପମଣ୍ଡପରେ ଗୋଟିଏ ଦିନ ଦର୍ଶନ କଲେ ସେତି କି ପୁଣ୍ୟପ୍ରାପ୍ତି ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏହି ଆଡ଼ପମଣ୍ଡପ ନିକଟରେ ପଞ୍ଚତୀର୍ଥ ମଧ୍ୟରୁ ଅନ୍ୟତମ ତୀର୍ଥ ଇନ୍ଦ୍ରଦ୍ୟୁମ୍ନ ସରୋବର ରହିଛି।

ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟରେ ଶ୍ରୀନୀଳକଣ୍ଠେଶ୍ୱର ରହିଛନ୍ତି। ଏହି ନବଦିନାତ୍ମକ ଯାତ୍ରା କାଳରେ ଅନେକ ଭକ୍ତ ପ୍ରତିଦିନ ଇନ୍ଦ୍ରଦ୍ୟୁମ୍ନ ସରୋବରରେ ସ୍ନାନ କରି ଶ୍ରୀନୀଳକଣ୍ଠଙ୍କୁ ଦର୍ଶନ କରିଥା'ନ୍ତି। ଏହାପରେ ମହାପ୍ରଭୁଙ୍କୁ ଦର୍ଶନ କରି ବ୍ରତ ପାଳିଥା'ନ୍ତି। ସେହିପରି ଗୁଣ୍ଡିଚା ମନ୍ଦିରକୁ ଲାଗି ଶ୍ରୀନୃସିଂହ ଦେବଙ୍କ ମନ୍ଦିର ରହିଛି। ଏହି ସମୟରେ ଶ୍ରୀନୃସିଂହ ଦେବଙ୍କୁ ଦର୍ଶନ କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ କଲେ ଅନନ୍ତ ପୁଣ୍ୟଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଠାକୁରମାନେ ଏଠାରେ ଅବସ୍ଥାନ କରୁଥିବା ସମୟରେ ଅନେକ ବ୍ୟକ୍ତି ବ୍ରାହ୍ମଣଙ୍କୁ ମହାପ୍ରସାଦ ଭୋଜନରେ ମଧ୍ୟ ଆପ୍ୟାୟିତ କରିଥା'ନ୍ତି। ହେରାପଞ୍ଚମୀରେ ମହାଲକ୍ଷ୍ମୀ ଠାକୁରାଣୀ ସ୍ୱୟଂ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରନ୍ତି। ସେଠାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରି ନନ୍ଦିଘୋଷ ରଥରୁ ଖଣ୍ଡିଏ କାଠ ଭାଙ୍ଗି ହେରାଗୋହିରୀ ବାଟ ଦେଇ ପୁଣି ଶ୍ରୀମନ୍ଦିରକୁ ଫେରି ଯାଇଥା'ନ୍ତି। ଆଷାଢ଼ ଶୁକ୍ଳ ନବମୀ ଦିନ ଶ୍ରୀଗୁଣ୍ଡିଚା ମନ୍ଦିରରେ ଦୁର୍ଲଭ ସନ୍ଧ୍ୟା ଦର୍ଶନ ମଧ୍ୟ ଅନୁଷ୍ଠିତ ହୋଇଥାଏ।









# ସପରିବାର ମହାପ୍ରଭୁଙ୍କୁ ଦର୍ଶନ କଲେ ଗୌତମ ଆଦାନୀ

ସପରିବାର ରଥାରୂଢ଼ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ବିଶିଷ୍ଟ ଶିଳ୍ପପତି ତଥା ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀ। ଶନିବାର କଡ଼ା ସୁରକ୍ଷାବଳୟ ମଧ୍ୟରେ ଧର୍ମପତ୍ନୀ ଓ ପୁଅଙ୍କ ସହ ଆଦାନୀ ପୁରୀରେ ପହଞ୍ଚିଥିଲେ। ଗୁଣ୍ଡିଚା ମନ୍ଦିର ନିକଟରେ ତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ ପୂର୍ବକ ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସ୍ୱାଗତ କରାଯାଇଥିଲା। ପରେ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ ନିକଟକୁ ଯାଇ ପ୍ରତ୍ୟେକ ଠାକୁରଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ। ସେଠାରୁ ଆଦାନୀ ଗୁଣ୍ଡିଚା ମନ୍ଦିର ପଛ ପାର୍ଶ୍ୱରେ ଥିବା ସୁଷମା ଗାର୍ଡେନରେ ପହଞ୍ଚିଥିଲେ। ସେଠାରେ ଆଦାନୀ ପକ୍ଷରୁ ଆୟୋଜିତ ହୋଇଥିବା ନିଃଶୁଳ୍କ ପ୍ରସାଦ ସେବା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସୁଷୁମା ଗାର୍ଡେନ ପ୍ରାଙ୍ଗଣରେ ଥିବା ମହାପ୍ରଭୁଙ୍କୁ ପ୍ରଥମେ ଗୌତମ ଆଦାନୀ ଓ ତାଙ୍କ ପରିବାର ସଦସ୍ୟ ଦର୍ଶନ ପରେ ରୋଷଶାଳାକୁ ଯାଇ ନିଜେ ଖାଦ୍ୟ ରାନ୍ଧିଥିଲେ। ନିଜେ ରନ୍ଧା ଯାଇଥିବା ପ୍ରସାଦକୁ ଭକ୍ତ, ଶ୍ରଦ୍ଧାଳୁଙ୍କୁ ବାଣ୍ଟିଥିଲେ।



ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆଦାନୀ କହିଥିଲେ, ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରି ବେଶ୍ ଖୁସି ଅନୁଭବ କରୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ରଥଯାତ୍ରାରେ ଲୋକଙ୍କ ନିକଟକୁ ଆସିଛନ୍ତି। ଏହା ପ୍ରମାଣିତ କରୁଛି ଅହଂକାର ଆଗରେ ନମ୍ରତାର ବେଶ୍ ଗୁରୁତ୍ୱ ରହିଛି। ମହାପ୍ରଭୁଙ୍କ ଚରଣକୁ ଆସିବାର ମୋର ସୌଭାଗ୍ୟ ମିଳିଲା। ଏହି ମୁହୂର୍ତ୍ତ ମୋ ସାରା ଜୀବନ ପାଇଁ ଏକ ଅଭୁଲା ସ୍ମୃତି ହୋଇ ରହିବ। ମୋ ପାଖରେ ଦିନ ଥିଲା କିଛି ନ ଥିଲା, ହେଲେ ଲୋକଙ୍କ କୃପା ଓ ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ ଏବେ ମୋ ପାଖରେ ସବୁ କିଛି ଅଛି। ଦେଶର ଉନ୍ନତି ଓ ଓଡ଼ିଶାର ସମୃଦ୍ଧି ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛି। ମହାକୁମ୍ଭରେ ପ୍ରଥମେ ଲୋକଙ୍କ ସେବା ପାଇଁ ପ୍ରୟାସ ଆରମ୍ଭ କରିଥିଲି। ଆଗାମୀ ଦିନରେ କିଭଳି ଏହି ସେବା ଜାରି ରହିବ ସେ ନେଇ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ସଂକଳ୍ପ ନେଇଛି। ରଥଯାତ୍ରାକୁ ସଫଳ କରିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର, ସଫେଇ କର୍ମଚାରୀଙ୍କ ସହ ଅନେକ ଅନୁଷ୍ଠାନ ଲାଗିଛନ୍ତି। ମୁଁ ତାଙ୍କୁ ଅଭିବାଦନ ଜଣାଉଛି ବୋଲି କହିଥିଲେ ଶିଳ୍ପପତି ଆଦାନୀ। ଏହାପରେ ସେ ବେଳାଭୂମିକୁ ଯାଇ ଲାଇଫ୍‌ଗାର୍ଡଙ୍କ ସହ କଥା ହୋଇଥିଲେ। ସେମାନଙ୍କ ଜୀବନଶୈଳୀ ଏବଂ ପର୍ଯ୍ୟଟକଙ୍କୁ କିପରି ସେବା ଯୋଗାଉଛନ୍ତି ସେ ବିଷୟରେ ପଚାରି ବୁଝିଥିଲେ।

## ରଥାରୂଢ଼ ଠାକୁରଙ୍କୁ ଦେଖିଲେ, ଭକ୍ତଙ୍କୁ ପ୍ରସାଦ ବାଣ୍ଟିଲେ

ସୂଚନାଥାଉ କି, ଆଦାନୀ ପକ୍ଷରୁ ପୁରୀରେ ସମୁଦାୟ ୨୧ଟି ଷ୍ଟଲ୍ ହୋଇଥିବା ବେଳେ ସକାଳ, ଦ୍ୱିପ୍ରହର ଓ ସନ୍ଧ୍ୟାରେ ଭକ୍ତଙ୍କୁ ଖାଦ୍ୟ ବିତରଣ କରାଯାଉଛି। ରଥଯାତ୍ରା ପୂର୍ବଦିନଠାରୁ ଆସନ୍ତା ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଆଦାନୀ ପକ୍ଷରୁ ମାଗଣା ବା ନିଃଶୁଳ୍କ ଖାଦ୍ୟ, ଜୁସ୍ ବଣ୍ଟନ କରାଯାଉଥିବା ସହ ସମୁଦାୟ ୪୦ଲକ୍ଷ ଲୋକଙ୍କୁ ଏହି ପ୍ରସାଦ ସେବା ପ୍ରଦାନ କରାଯିବ। ଆଦାନୀ ପକ୍ଷରୁ ଅନୁଷ୍ଠିତ ପ୍ରସାଦ ସେବା କାର୍ଯ୍ୟକ୍ରମରେ ୫ହଜାରରୁ ଅଧିକ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି। ପ୍ରସାଦ ସେବାରେ ରଥଯାତ୍ରାରେ ସାମିଲ୍ ରହିଥିବା ସରକାରୀ ଅଧିକାରୀ ଓ ପୁଲିସ ଅଧିକାରୀଙ୍କୁ ମଧ୍ୟ ନିଃଶୁଳ୍କରେ ଖାଦ୍ୟ ବଣ୍ଟନ କରାଯାଉଛି। ଅନ୍ୟପଟେ ଦେଶୀ ପଦ୍ଧତିରେ ଚୁଲାରେ ରୁଟି, ଡାଲମା, ଭାତ, ରାଜମା, ଛୋଲେ, ପୁରୀ, ମିଠା ଇତ୍ୟାଦି ପ୍ରସ୍ତୁତ କରାଯାଉଥିବା କହିଛନ୍ତି ଇସ୍କନର ମୁଖପାତ୍ର ବଲ୍ଲୀ ମୁରାରୀ ଦାସ।

# ଅନୁଭୂତିରେ ଜଗନ୍ନାଥ...

## ■ ଡୋରି ଲଗାଇ ଆଫ୍ରିକାରୁ ଟାଣି ଆଣିଲା ଜଗା





ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କରୁଣା ବିଷୟରେ ବହୁ ଶୁଣିଥିଲେ ମଧ୍ୟ ଠାକୁରଙ୍କ ଡୋରି ଲାଗୁନଥିବାରୁ ମୁଁ ଆସି ପାରୁନଥିଲି। ପ୍ରଥମଥର ପାଇଁ ମୁଁ ଆଫ୍ରିକାରୁ ଧାଇଁ ଆସିଛି। ପୁରୀ ଆସିବାର ସୌଭାଗ୍ୟ ମିଳି ଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି। ଗତକାଲି ଜଗନ୍ନାଥଙ୍କୁ କେବଳ ଦର୍ଶନ କରିଥିଲି। ହେଲେ ଆଜି ରଥ ଟାଣିବାର ସୌଭାଗ୍ୟ ପାଇଲି। ସେଥିପାଇଁ ନିଜକୁ ଧନ୍ୟ ମନେ କରୁଛି। ଦର୍ଶନ କରିବା ସହ ରଥ ବି ଟାଣିଲି। ଏଠାରେ ମୋତେ ଅପୂର୍ବ ଆନ୍ଦ ଲାଗୁଛି।

-ସୁଲାସି ମହାରାଣୀ, ଭକ୍ତ

## ■ ଅପୂର୍ବ ଦୃଶ୍ୟ, କେବେ ଦେଖିନଥିଲି



ମୁଁ ୨୦ ଦିନ ହେଲା ପୁରୀରେ ରହିଛି। ଗତକାଲି ପ୍ରଥମଥର ରଥଯାତ୍ରା ଦେଖିବାର ସୁଯୋଗ ପାଇଥିଲି। ଲକ୍ଷଲକ୍ଷ ଭକ୍ତଙ୍କ ସାମାଗମ ଏକ ଅଭୂତପୂର୍ବ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପୂର୍ବରୁ ଏଭଳି ଦୃଶ୍ୟ କେବେ ବି ଦେଖିନଥିଲି। ଆଜି ମଧ୍ୟ ରଥଯାତ୍ରା ଦେଖିବି। ସାଧାରଣତଃ ଭକ୍ତମାନେ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ମନ୍ଦିର ଯାଇଥା'ନ୍ତି। ହେଲେ ରଥଯାତ୍ରାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଭକ୍ତଙ୍କୁ ଦର୍ଶନ ଦେବା ଆସନ୍ତି।

-ଗୌରାଙ୍ଗୀ ଗନ୍ଧାର୍ବିକା ଦେବୀ ଦାୟିସୀ, ଭକ୍ତ

## ■ ରଥରେ ଠାକୁର ଦର୍ଶନ ଭାଗ୍ୟରେ ଥିଲେ ମିଳେ



ମୁଁ ବୃନ୍ଦାବନ ଆଶ୍ରମରେ ରହୁଛି। ମୋର ଗୁରୁମାନେ ମଧ୍ୟ ଗଜନ୍ନାଥଙ୍କୁ ଦର୍ଶନ କରିବାକୁ ଆସିଛନ୍ତି। ଜଗନ୍ନାଥଙ୍କ ନିଟକରେ ମୋର ବହିଗୁଡ଼ିକ ଅର୍ପଣ କରିବି। ପୂର୍ବରୁ କେବେ ମୁଁ ଏତେ ନିଟକରୁ ରଥଯାତ୍ରା ଦେଖି ନଥିଲି। ଠାକୁରଙ୍କୁ ରଥରେ ଦେଖିବା ପରେ ବହୁତ ଖୁସି ଲାଗୁଛି। ସତରେ ମୁଁ ଭାଗ୍ୟବାନ। ଗୁଣ୍ଡିଚା ମନ୍ଦିର ମଧ୍ୟ ଦର୍ଶନ କରିଛି।

-ସୂର୍ଯ୍ୟଶ୍ୱରୀ ଦାୟିସୀ, ଭକ୍ତ

## ■ କାଳିଆ ମୋ ଆଖି ଲୁହ ନିଶ୍ଚିତ ବୁଝିପାରିବ



ଗତକାଲି ରଥଯାତ୍ରାରେ ବଡ଼ଦାଣ୍ଡରେ ରଥ ଅଟକି ଯାଇଥିଲା। ଅନେକ ଭକ୍ତ ରଥ ଟାଣି ନ ପାରିବାରୁ ତାଙ୍କ ଆଖିରେ ଲୁହ ଦେଖିବାକୁ ମିଳିଥିଲା। ରାଜ୍ୟ ବାହାରୁ ପ୍ରତିବର୍ଷ ରଥଯାତ୍ରାରେ ଧାଇଁ ଆସୁଥିବା ଜଣେ ମହିଳା ଭକ୍ତ କାନ୍ଦି କାନ୍ଦି କହିଛନ୍ତି ଯେ ମୁଁ ପିଲାଦିନରୁ ଟିଭିରେ ରଥଯାତ୍ରା ଦେଖିବା ସହ ପିତାମାତାଙ୍କଠାରୁ ରଥଯାତ୍ରା ବିଷୟରେ ଶୁଣିଥିଲି। ଏହାପରେ ବିଗତ କିଛି ବର୍ଷ ହେବ ମୁଁ ରଥଯାତ୍ରାରେ ରଥ ଟାଣିବାର ସୌଭାଗ୍ୟ ଅର୍ଜନ କରିଛି। ବଡ଼ଦାଣ୍ଡରେ ରଥ ଉପରେ ମହାପ୍ରଭୁଙ୍କ ଦିବ୍ୟଦର୍ଶନ ମନକୁ ଶାନ୍ତି ଦେଇଥାଏ। କିନ୍ତୁ ଏଥର ଠାକୁରଙ୍କୁ ରଥରେ ଦର୍ଶନ କରିଥିଲେ ବି ରଥ ଟାଣିପାରିନାହିଁ। ଜଗନ୍ନାଥ ମୋ ଆଖିର ଲୁହକୁ ନିଶ୍ଚିତ ବୁଝିପାରିବେ। ମୁଁ ନିଶ୍ଚିତ ଭାବେ ରଥ ଟାଣିବି। ସାରା ବିଶ୍ୱ ଦେଖୁଛି ଜଗନ୍ନାଥ ରଥ ଅଟକାଇ ଛିଡ଼ା ହୋଇଛନ୍ତି, ଜଗନ୍ନାଥ ବି ପ୍ରତିଟି ଭକ୍ତଙ୍କ ଆଖିର ଲୁହକୁ ଦେଖିପାରୁଛନ୍ତି। ମୋର ବିଶ୍ୱାସ, ଜଗନ୍ନାଥ ମୋତେ ଏଥର ରଥ ଟାଣିବାର ସୁଯୋଗ ଦେବେ।

# କୋଟିଆରେ ରଥ ଟାଣିଲେ ୫ ମନ୍ତ୍ରୀ



ପଟ୍ଟାଙ୍ଗି, ୨୮ ।୬(ସମିସ): ପୁରୀ ରଥଯାତ୍ରାର ଦିନକ ପରେ ଆଦିମ ଶ୍ରୀକ୍ଷେତ୍ର ଭାବେ ପରିଚିତ କୋଟିଆରେ ଆଜି ରଥ ଗଡ଼ିଛି । ଉପମୁଖ୍ୟମନ୍ତ୍ରୀ କେ.ଭି ସିଂଦେଓଙ୍କ ସମେତ ମନ୍ତ୍ରୀ ସୁରେଶ ପୂଜାରୀ, ବିଭୂତି ଭୂଷଣ ଜେନା, ନିତ୍ୟାନନ୍ଦ ଗଣ୍ଡ ଓ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଏହି ରଥଯାତ୍ରାରେ ସାମିଲ ହୋଇ ରଥ ଟାଣିଛନ୍ତି । ମନ୍ତ୍ରୀମାନେ ଜୟପୁର ବିମାନବନ୍ଦରରେ ଅବତରଣ କରିବା ପରେ କୋଟିଆସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ । ସେଠାରେ ରଥାରୂଢ଼ ଶ୍ରୀଜିଉଙ୍କୁ ପୂଜାର୍ଚ୍ଚନା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା । ଜୟ ଜଗନ୍ନାଥ ଧ୍ୱନି ସାଙ୍ଗକୁ ପାରମ୍ପରିକ ଆଦିବାସୀ ନାଚଗୀତରେ ରଥଦାଣ୍ଡ ଉଚ୍ଛୁଳି ପଡ଼ିଥିଲା । ମାଲକାନଗିରି ପଡ଼ିଆ ବ୍ଲକ୍ ଇରାଗୁଣ୍ଡି ଗ୍ରାମର କୟା ନାଚ, ପୁକାଲି ସରକାରୀ ଉଚ୍ଚ ବିଦ୍ୟାଳୟର କାଠି ନାଚ, ପଟ୍ଟାଙ୍ଗି ଗ୍ରାମର ଢେମସା ଓ ବାଦ୍ୟଯନ୍ତ୍ର ଉପସ୍ଥିତ ଶହଶହ ଭକ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଏହାବ୍ୟତୀତ ବିଭିନ୍ନ ସ୍ଥାନରୁ ଆସିଥିବା ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ସଙ୍କୀର୍ତ୍ତନ ପରିବେଶକୁ ଭକ୍ତିମୟ କରିଥିଲା ।

କାର୍ଯ୍ୟକ୍ରମରେ ସାଂସଦ ସପ୍ତଗିରି ଉଲାକା ଓ ବଳଭଦ୍ର ମାଝି ଏବଂ ବିଧାୟକ ରାମଚନ୍ଦ୍ର କାଡାମ, ତାରାପ୍ରସାଦ ବାହିନୀପତି, ରଘୁରାମ ମାଛ ଓ ରୁପୁ ରୁପୁ ଭୋତ୍ରାଙ୍କ ସମେତ ବରିଷ୍ଠ କଂଗେସ ନେତା ଜୟରାମ ପାଙ୍ଗି, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ଜିଲ୍ଲା ପରିଷଦ ସଦସ୍ୟ ଟିକାଇ ଗେମେଲ ଓ ଲଇଛନ ଖରା, ବ୍ଲକ୍ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ସୁନାବେଡ଼ା ମ୍ୟୁନିସିପାଲିଟି ଚେୟାରମ୍ୟାନ ରାଜେନ୍ଦ୍ର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

ପରେ ମନ୍ତ୍ରୀମାନେ ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚି ସ୍ଥାନୀୟ ଜନପ୍ରତିନିଧି, ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ଜନପ୍ରତିନିଧିମାନେ ମନ୍ତ୍ରୀମାନଙ୍କୁ ୨୨ଦଫା ଦାବି ସମ୍ବଳିତ ଏକ ପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣ ନାୟକ, ତହସିଲଦାର ଦେବେନ୍ଦ୍ର ଧାରୁଆ ପ୍ରମୁଖ ପରିଚାଳନା କରିଥିଲେ ।


## ରଥଯାତ୍ରା ଅଘଟଣ, ବିଭ୍ରାଟ

# ସରକାରଙ୍କୁ ସଂତୃପ୍ତଙ୍କ ୮ ପ୍ରଶ୍ନ

ଭୁବନେଶ୍ୱର,୨୮ ।୬(ସମିସ): ଚଳିତବର୍ଷ ରଥଯାତ୍ରାରେ ଅଘଟଣ, ବିଶୃଙ୍ଖଳା ଓ ବିଭ୍ରାଟକୁ ନେଇ ସରକାରଙ୍କୁ ସମାଲୋଚନା ଥମୁନାହିଁ । ଅବ୍ୟବସ୍ଥାକୁ ନେଇ ସରକାରଙ୍କୁ ୮ଟି ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର । ସେ କହିଛନ୍ତି ଯେ ଓଡ଼ିଆ ଅସ୍ମିତାର ପ୍ରକୃତ ଚିହ୍ନ ହେଲେ ମହାପ୍ରଭୁ ଜଗନ୍ନାଥ ଏବଂ ଓଡ଼ିଆ ଅସ୍ମିତାର ଅଭୂତ ପରିଚୟ ହେଲା ମହାପ୍ରଭୁଙ୍କ ରଥଯାତ୍ରା । ସେ ଯେଉଁ ପ୍ରଶ୍ନ ଉଠାଇବାକୁ ଯାଉଛନ୍ତି, ସେଗୁଡିକ ରାଜନୈତିକ ନୁହେଁ । ଏହା ଓଡ଼ିଆ ଅସ୍ମିତା ସହିତ ଜଡିତ ପ୍ରଶ୍ନ । ସରକାର ଗଭୀର ଆତ୍ମଚିନ୍ତନ ପରେ ସମସ୍ତ ପ୍ରଶ୍ନର ଉତ୍ତର ରଖିବା ପାଇଁ ସାହାସ ଜୁଟାଇବେ ବୋଲି ଶ୍ରୀ ମିଶ୍ର ଏକ୍ସରେ ଆଶା ପ୍ରକାଶ କରିଛନ୍ତି ।

ଶ୍ରୀ ମିଶ୍ର କହିଛନ୍ତି ଯେ ଗତବର୍ଷ ପହଣ୍ଡି ସମୟରେ ବଳଭଦ୍ର ମହାପ୍ରଭୁ ତଳେ ପଡ଼ିଯାଇଥିବା ଭଳି ଅଘଟଣ ଘଟିଥିଲା । ଏହାକୁ ନେଇ ତଦନ୍ତ ଆରମ୍ଭ ହୋଇଥିଲା । ବର୍ଷେ ହେଲାଣି, ତଦନ୍ତ ରିପୋର୍ଟ କେଉଁଠି? କୌଣସି ଦାୟିତ୍ୱ ନିର୍ଣ୍ଣୟ ବା କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯାଇନି? ଦ୍ୱିତୀୟ ପ୍ରଶ୍ନ : ରଥଯାତ୍ରାର ୪୨ ବର୍ଷର ଇତିହାସରେ ପ୍ରଥମ ଥର ତିନୋଟି ରଥ ବଡଦାଣ୍ଡରେ ଅଟକି ଯିବା ଓ ନନ୍ଦିଘୋଷ ରଥ ତା ନିଜର ନିର୍ଦ୍ଧାରିତ ସ୍ଥାନରୁ ବାହାରିପାରିନଥିବା ଦେଖିବାକୁ ମିଳିଲା । ସନ୍ଧ୍ୟା ୭.୪୫ ପରେ ରଥ ଟାଣିବା ନିଷ୍ପତ୍ତି ଏବଂ ଏହି ବିଧି ଭଙ୍ଗ କାହା ଅନୁମତିରେ ଘଟିଲା ? ସମସ୍ତେ ଜାଣନ୍ତି ଯେ ସନ୍ଧ୍ୟା ପରେ ରଥ ଟାଣିବା ଆରମ୍ଭ ହୁଏ ନାହିଁ । ତେଣୁ ଏମିତି ଅନିୟମିତତା କେମିତି ହେଲା? ତୃତୀୟ ପ୍ରଶ୍ନ: ପାଞ୍ଚ ଦିନ ପୂର୍ବରୁ ଅନୁଷ୍ଠିତ ନୀତିକାନ୍ତି ଦ୍ୱାରା ସ୍ପଷ୍ଟ ଭାବରେ ଜଣାଯାଏ ଯେ କେବେ ପହଣ୍ଡି ଆରମ୍ଭ ଓ ଶେଷ ହେବ । ତଦନୁଯାୟୀ ରଥଟଣା ଆରମ୍ଭ ହେବାର ଥିଲା । ଏହି ଅନୁଷ୍ଠାନ ଓ ପ୍ରବନ୍ଧନ ଉପରେ ଦୃଷ୍ଟି ରଖିବା ଦାୟିତ୍ୱ କାହାର ଥିଲା ? ଲକ୍ଷ-ଲକ୍ଷ ଭକ୍ତଗଣ ଓଡ଼ିଶା ବାହାରୁ ଏହି ମହାପ୍ରଭୁଙ୍କ ଅଭୂତ ଲୀଳା ଦେଖିବାକୁ ଆସିଥିଲେ । କିନ୍ତୁ ରଥ ଟଣା ଦେଖି ନ ପାରି ନିରାଶ ହୋଇ ଘରକୁ ଫେରିଯାଇଛନ୍ତି । ଏହା ଏକ ଓଡ଼ିଶାର ଆତ୍ମଗର୍ବ ଉପରେ କଳଙ୍କ । ଭକ୍ତଙ୍କ ମନରେ ସବୁଦିନ ପାଇଁ ଏହି ବ୍ୟଥା ରହିଯିବ । ଏଥିପାଇଁ ଦାୟୀ କିଏ? ପଞ୍ଚମ ପ୍ରଶ୍ନ: ଏତେ ଦୁଃଖଦ ଘଟଣା ଏବଂ ବ୍ୟବସ୍ଥାର ଅଭାବ କାହାର ଅପାରଗତା ପାଇଁ ଘଟିଲା? ବିଭିନ୍ନ ବିଶିଷ୍ଟ ବ୍ୟକ୍ତିମାନେ(ଭିଆଇପି) ଯେଉଁମାନେ ବାହାରୁ ନିମନ୍ତ୍ରିତ ହୋଇ ଆସିଥିଲେ । ସେମାନଙ୍କୁ ଅଧିକ ଧ୍ୟାନ ଦେବାକୁ ଯାଇ, ପୁଲିସ ପ୍ରଶାସନର ନଜର ରଥଯାତ୍ରା ରୁ ହଟିଗଲା କି ? ଷଷ୍ଠ ପ୍ରଶ୍ନ: କର୍ଡନ ଭିତରେ ଅନୁମତି ବିନା ବହୁ ଲୋକ ପଶିଯାଇଥିଲେ । ଅନୁମତି ବିନା ଏତେ ଲୋକ କେମିତି ପ୍ରବେଶ କଲେ? ଅନେକ କହୁଛନ୍ତି, ଯେଉଁମାନେ କର୍ଡନ ଭିତରେ ପଶିଯାଇଥିଲେ ସେମାନେ ଶାସକ ଦଳର ସମର୍ଥକ ଏବଂ ତାଙ୍କର ପୁଲିସର ଅନୁମତି ଦରକାର ନଥିଲା । ଏହା ଓଡ଼ିଆ ଅସ୍ମିତା ପାଇଁ ଅନ୍ୟାୟ ଓ ଅପମାନ ନୁହେଁ କି? ସପ୍ତମ ପ୍ରଶ୍ନ: ରଥଯାତ୍ରାରେ ହୋଇଥିବା ଦଳଚକଟାରେ ୬୦୦ରୁ ଅଧିକ ଭକ୍ତ ଆହତ ହେବା ଏହା ପ୍ରଶାସନର ବିଫଳତା ନୁହେଁ କି ? ଏଭଳି ଘଟଣା ଘଟିବା ପରେ ଆଗକୁ ଆସୁଥିବା ଯାତ୍ରାରେ ସେମାନେ ଘରେ ରହି ପ୍ରାର୍ଥନା କରିବେ ବୋଲି ଭକ୍ତଙ୍କଠାରୁ ଶୁଣିବାକୁ ମିଳୁଛି । ଜଗନ୍ନାଥ ଧାମ ଆସିବେ ନାହିଁ । ଏହା ଓଡ଼ିଆ ଅସ୍ମିତାର ଅପମାନ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି । ନିଜ ଶେଷ ପ୍ରଶ୍ନରେ ଶ୍ରୀ ମିଶ୍ର କହିଛନ୍ତି ଯେ ବର୍ଷେ ପରେ ମଧ୍ୟ ଶ୍ରୀମନ୍ଦିରର ପରିଚାଳନା କମିଟିର ପୁନର୍ଗଠନ କରାଯାଇ ପାରି ନାହିଁ କାହିଁକି ? ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ବିଜେପି ସରକାର କ୍ଷମତାକୁ ଆସିଛନ୍ତି । ଓଡିଶାବାସୀଙ୍କୁ ଓଡ଼ିଆ ଅସ୍ମିତା ନାମରେ ଆହ୍ୱାନ ଦେଇଥିଲେ । ମୋ ମନରେ ପ୍ରଶ୍ନ ଉଠୁଛି ଏହି ଓଡ଼ିଆ ଅସ୍ମିତା ପ୍ରତି ସମ୍ମାନ କେବଳ ଭୋଟ ପାଇଁ ଥିଲା କି ? ଯଦି ଓଡ଼ିଆ ଅସ୍ମିତାର ପ୍ରତୀକ ଜଗନ୍ନାଥଙ୍କ ରଥଯାତ୍ରା ରେ ଏତେ ବିଚ୍ୟୁତି ହୋଇପାରେ, ତାହେଲେ ଏହି ସରକାରଙ୍କୁ ଓଡ଼ିଆ ଅସ୍ମିତା ର ସଂରକ୍ଷକ ଭାବେ ଆମେ ଗ୍ରହଣ କରି ପାରିବା କି ବୋଲି ସେ ପ୍ରଶ୍ନ କରିଛନ୍ତି ।

- ଗତବର୍ଷ ମହାପ୍ରଭୁ ବଳଭଦ୍ରଙ୍କ ପହଣ୍ଡି ଅଘଟଣ ତଦନ୍ତ ରିପୋର୍ଟ କାହିଁ?
- ସନ୍ଧ୍ୟା ୭ଟା ୪୫ ମିନିଟ ପରେ ରଥ ଟାଣିବା ନିଷ୍ପତ୍ତି କାହାର?
- ବିନା ଅନୁମତିରେ ଲୋକେ କର୍ଡନ ଭିତରେ ପଶିଲେ କେମିତି?



## ଅନହରପୁର ଘୋଷଯାତ୍ରାରେ ଅଘଟଣ

# ଡିଜେ ଗାଡ଼ି ଓଲଟି ନାବାଳକ ମୃତ

ଧାମନଗର,୨୮ ।୬(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନହରପୁର ଗାଁର ରଥଟଣା ବେଳେ ଅଘଟଣ ଘଟିଛି । କୋଲକାତାରୁ ଆସିଥିବା ଡିଜେ ଗାଡ଼ି କେନାଲକୁ ଓଲଟି ପଡ଼ିବାରୁ ତଳେ ଚାପି ହୋଇ ଜଣେ ନାବାଳକର ମୃତ୍ୟୁ ହୋଇଛି । ଏଥିରେ ଅନ୍ୟ କିଛି ଲୋକ ମଧ୍ୟ ଆହତ ହୋଇଛନ୍ତି । ମୃତକ ହେଲେ, ଗ୍ରାମର ସ୍ୱର୍ଗତ କିଶୋର ଚନ୍ଦ୍ର ରାଉତଙ୍କ ପୁଅ ସୌମ୍ୟରଞ୍ଜନ ରାଉତ (୧୩) ।



ସୂଚନାନୁଯାୟୀ, ଶୁକ୍ରବାର ସନ୍ଧ୍ୟା ପରେ ଗ୍ରାମରେ ରଥଟଣା ଆରମ୍ଭ ହୋଇଥିଲା । ରାତି ପ୍ରାୟ ସାଢ଼େ ୧୦ଟାରେ ଅନହରପୁର ବଜାରରେ ଡିଜେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ରଥ ଦେଖିବାକୁ ଆସିଥିବା ସୌମ୍ୟ ଓ ଅନ୍ୟ କିଛି ଲୋକ ଗାଡ଼ି ତଳେ ଚାପି ହୋଇଯାଇଥିଲା । ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରିଥିଲା । ଗୁରୁତର ସୌମ୍ୟକୁ ଧାମନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ ।

ବାପା କିଶୋର ରାଉତଙ୍କର ମୃତ୍ୟୁକୁ ବର୍ଷେ ପୂରି ନ ଥିବା ବେଳେ ପୁଅର ଏଭଳି ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ଅନ୍ୟପଟେ ଧାମନଗର ପୁଲିସ ଉକ୍ତ ସ୍ଥାନରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି ।

ସୂଚନାଯୋଗ୍ୟ, ଗତମାସ ତିହିଡି ଅଞ୍ଚଳରେ ଏକ ଡିଜେ ଗାଡ଼ି ଓଲଟି ଜଣଙ୍କର ମୃତ୍ୟୁ ପରେ ଜିଲ୍ଲାରେ ଡିଜେ ଉପରେ ଜିଲ୍ଲା ପ୍ରଶାସନ କଟକଣା ଲଗାଇଥିଲା । ଏପରିକି, ଡିଜେକୁ ସଂପୂର୍ଣ୍ଣ ବନ୍ଦ କରାଯିବାକୁ ନେଇ ଏକ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଥିଲା । କିନ୍ତୁ ପ୍ରଶାସନର ନିଷ୍ପତ୍ତି ପରେ ବି କିପରି ଅନହରପୁର ରଥ କମିଟିକୁ ଡିଜେ ବଜାଇବାକୁ କିଏ ଅନୁମତି ଦିଆଗଲା ଏବଂ କୋଲକାତାରୁ ଡିଜେ ଅଣାଗଲା; ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ଘଟଣାରେ ସଂପୃକ୍ତ ଥିବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତକଙ୍କ ମା'ଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି ।

# ଅବସର ୩ଦିନ ପୂର୍ବରୁ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ଭୁବନେଶ୍ୱର,୨୮ ।୬(ସମିସ): ଆଉ ୩ଦିନ ପରେ ନେଇଥାନ୍ତେ ଅବସର । ହେଲେ ତାହା ପୂର୍ବରୁ ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢଉ କରିଛି । ଚାକିରି କାଳରେ ସରକାରୀ ବାବୁ ଯେତିକି କଳାଧନ ଅର୍ଜନ କରିଥିଲେ ତାହାକୁ ଠାବ କରିଛି ଭିଜିଲାନ୍ସ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ବ୍ଲକର ସହକାରୀ ଯନ୍ତ୍ରୀ ସୁଶୀଲ ପଣ୍ଡାଙ୍କ ଘରେ ଭିଜିଲାନ୍ସ ଆଜି ଚଢ଼ାଉ କରିଛି । ଗଞ୍ଜାମ ବ୍ଲକ କାର୍ଯ୍ୟାଳୟ ସମେତ ୭ରୁ ଅଧିକ ସ୍ଥାନରେ ଚଢ଼ଉ ହୋଇଛି । ବ୍ରହ୍ମପୁର ରାମହରି ନଗରରେ ଥିବା ତିନି ତାଲା କୋଠା, ଅଙ୍କୁଲି, ମୁକ୍ତେଶ୍ୱର ଆପାର୍ଟମେଣ୍ଟରେ ଥିବା ଦୁଇଟି ଫ୍ଲାଟ୍, ପୁରୀରେ ଥିବା ଫ୍ଲାଟ୍, କବିସୂର୍ଯ୍ୟନଗରରେ ଥିବା ପୈତୃକ ବାସଭବନ, ପୁରୁଷୋତ୍ତମପୁରରେ ଥିବା ଶଶୁର ଘର ଏବଂ ଗଞ୍ଜାମ ବ୍ଲକ୍ ଅଫିସରେ ଚଢଉ କରାଯାଇଛି । ଚଢଉରେ ୬ଜଣ ଡିଏସ୍ପି, ୭ ଇନ୍ସପେକ୍ଟର ଏବଂ ଅନ୍ୟଷ୍ଟାଫ୍ ସାମିଲ ଥିଲେ । ଚଢଉରେ ତାଙ୍କର ରାମ ହରି ନଗରରେ ଗୋଟିଏ ୩ତାଲା କୋଠା ଠାବ କରାଯାଇଥିବା ବେଳେ ଅଙ୍କୁଲିରେ ଗୋଟିଏ ୨ବିଏଚ୍‌କେ ଫ୍ଲାଟ୍, ପୁରୀରେ ଗୋଟିଏ ୧ବିଏଚ୍‌କେ ଫ୍ଲାଟ୍ ଠାବ କରାଯାଇଛି । ତାଙ୍କ ନାମରେ ଭୁବନେଶ୍ୱର, ଖୋର୍ଦ୍ଧା ଏବଂ ବ୍ରହ୍ମପୁରରେ ୬ଟି ପ୍ଲଟ୍ ଠାବ କଯରାଯାଇଛି । ତାହାର ମୂଲ୍ୟ କୋଟିଏ ଟଙ୍କାରୁ ଅଧିକ ହେବ । ଏହି ପ୍ଲଟ୍ ଗୁଡିକର ସଠିକ୍ ମୂଲ୍ୟାଙ୍କନ ପାଇଁ ଭିଜିଲାନ୍ସର ଟେକ୍ନିକାଲ ଟିମ୍ ଲାଗି ପଡିଛନ୍ତି । ତାଙ୍କ ଘରୁ ନଗଦ ୨ଲକ୍ଷ ୫ହଜାର ଟଙ୍କା ଜବତ କରାଯାଇଥିବା ବେଳେ ଘରୁ ୧୨୬ ଗ୍ରାମର ସୁନା ଅଳଙ୍କାର, ବ୍ୟାଙ୍କ୍‌ରେ ୫୦ଲକ୍ଷ ଜମା ରହିଛି । ସେହିପରି ବ୍ରହ୍ମପୁର ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ୍‌ରେ ସୁଶୀଲ ଏବଂ ତାଙ୍କ ପତ୍ନୀଙ୍କ ନାମରେ ଏକ ଲକର ରହିଛି । ଯାହାକୁ ଖୋଲିବା ପାଇଁ ଭିଜିଲାନ୍ସ ଟିମ୍ ପକ୍ରିୟା ଆରମ୍ଭ କରିଛି । କୋଟି କୋଟି ଟଙ୍କାର କଳାଧନ ସମ୍ପର୍କରେ ଭିଜିଲାନ୍ସ ଟିମ୍ ତାଙ୍କୁ ପଚରାଉଚରା କରୁଥିଲେ ମଧ୍ୟ ସେ ତାହାର ଉତ୍ତର ଦେଇପାରିନଥିଲେ । ଫଳରେ ଭିଜିଲାନ୍ସ ଟିମ୍ ତାଙ୍କୁ ଉଠାଇ ନେଇ ଏକ ଡିଏ ମାମଲା ରୁଜୁ କରି ତଦନ୍ତ କରୁଛି ।

ସୁଶିଲ ସୋମବାରେ ଅବସର ନେଉଥିବାରୁ ବ୍ଲକ୍ ଅଫିସରେ ତାଙ୍କ ପାଇଁ କର୍ମଚାରୀମାନେ ଏକ ବିଦାୟୀକାଳୀନ ସଭା ରଖିଥିଲେ । ଭିଜିଲାନ୍ସ ଚଢଉ କରି ସୁଶିଲଙ୍କୁ ଉଠାଇ ନେବା ପରେ ଏହାକୁ ବାତିଲ କରାଯାଇଛି । ସୁଶିଲ ପ୍ରଥମେ ୧୯୯୭ ମସିହାରେ ଗଞ୍ଜାମ ଜିଲ୍ଲା ଶଙ୍ଖମୁଣ୍ଡି ବ୍ଲକ୍‌ରେ ଜେଇ(ଚୁକ୍ତିଭିତ୍ତିକ) ଭାବେ ଚାକିରି କରୁଥିଲେ । ଏହାପରେ ସେ ୨୦୧୫ ପର୍ଯ୍ୟନ୍ତ ବିଭିନ୍ନ ବ୍ଲକ୍‌ରେ ଜେଇ ଭାବେ କାମ କରିଥିଲେ । ୨୦୧୫ ଅଗଷ୍ଟ ମାସରେ ଚାକିରି ସ୍ଥାୟୀ ହେବା ପରେ ପୁରୁଷୋତ୍ତମପୁର ବ୍ଲକ୍‌ରେ କାର୍ଯ୍ୟ କରିଥିଲେ । ୨୦୨୨ରେ ପ୍ରମୋସନ ପାଇଁ ସହକାରୀ ଯନ୍ତ୍ରୀ ଭାବେ ସେରଗଡ଼ ବ୍ଲକ୍‌ରେ ନିଯୁକ୍ତି ପାଇଥିଲେ । ୨୦୨୩ରେ ସେ ଗଞ୍ଜାମ ବ୍ଲକ୍‌ରେ ଏଇଇ ଭାବେ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ ।

- ଗୋଟିଏ ବହୁତଳ କୋଠା, ୨ଟି ଫ୍ଲାଟ୍, ୬ଟି ପ୍ଲଟ୍ ଠାବ
- ନଗଦ ୨.୫ଲକ୍ଷ ଜବତ, ଆକାଉଣ୍ଟରେ ରହିଛି ୫୦ଲକ୍ଷ



# ଲାଞ୍ଚୁଆ ଫାର୍ମାସିଷ୍ଟଙ୍କୁ ୨ ବର୍ଷ ଜେଲ୍

ସୁନ୍ଦରଗଡ଼, ୨୮।୬ (ସମିସ): ସୁନ୍ଦରଗଡ଼ ଦୁର୍ନୀତି ନିବାରଣ ଅଦାଲତର ସ୍ୱତନ୍ତ୍ର ବିଚାରପତି ସସ୍ମିତା ପାଢ଼ୀ ଏକ ଲାଞ୍ଚ ଗ୍ରହଣ ମାମଲାର ବିଚାର କରି ଖଏଲଟୋଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଫାର୍ମାସିଷ୍ଟ ସନତ କୁମାର ମହାନ୍ତି (୫୫)ଙ୍କୁ ୨ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ, ଅଧିକ ୪ ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି ।



୨୦୧୩ ମସିହାରେ ଫାର୍ମାସିଷ୍ଟ ସନତ ଗୁରୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିବା ବେଳେ ଗୁରୁଣ୍ଡିଆ ଥାନା ଅନ୍ତର୍ଗତ ବଡ଼ଗାଁଓର ଜଉରା ଓରାମ ତାଙ୍କ ମା' ଜିଦ୍ଧି ଓରାମଙ୍କୁ ଡାକ୍ତରଖାନା ଆଣିଥିଲେ । ସେତେବେଳେ ଫାର୍ମାସିଷ୍ଟ ଶ୍ରୀ ମହାନ୍ତି ତାଙ୍କୁ ଭଲ ଔଷଧ ଯୋଗାଇ ଦେବାକୁ ୧୨୦୦ ଟଙ୍କା ଲାଞ୍ଚ ମାଗିଥିଲେ । ଜଉରା ଏତେ ଟଙ୍କା ଦେବାକୁ ଅସାମର୍ଥ୍ୟତା ପ୍ରକାଶ କରି ୨୦୦ଟଙ୍କା ଦେବାରୁ କିଛିଟା ଔଷଧ ପ୍ରଦାନ କରିଥିଲେ । ବାକି ଏକ ହଜାର ଟଙ୍କା ଦେଲେ ଭଲ ଔଷଧ ଯୋଗାଇଦେବେ ବୋଲି କହିଥିଲେ । ସରକାରୀ ଡାକ୍ତରଖାନାରେ ସରକାର ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇ ଦେଉଥିବା ବେଳେ ଫାର୍ମାସିଷ୍ଟଜଣକ ଔଷଧ ପାଇଁ ଲାଞ୍ଚ ମାଗିବା ଘଟଣା ଜଉରାଙ୍କୁ ବେଶ ବାଧିଥିଲା । ଏହା ବିରୋଧରେ ସେ ସମ୍ବଲପୁର ଦୁର୍ନୀତି ନିବାରଣ ବିଭାଗରେ ଫେରାଦ ହୋଇଥିଲେ । ପରେ ବିଭାଗ ପକ୍ଷରୁ ସନତକୁ ଧରିବାକୁ ଯୋଜନା କରାଯାଇଥିଲା । ଯୋଜନା ମୁତାବକ ୨୦୧୩ ମସିହା ସେପଟେମ୍ବର ୧୬ତାରିଖ ଦିନ ସେ ଜଉରା ଓରାମଙ୍କଠାରୁ ଲାଞ୍ଚ ଟଙ୍କା ନେଉଥିବା ବେଳେ ବିଭାଗୀୟ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର୍ ଶ୍ୟାମସୁନ୍ଦର ମିଶ୍ର ମାମଲା ପରିଚାଳନା କରୁଥିଲେ ।

# ସାନଭାଇର କାଠଫାଳିଆ ମାଡ଼ରେ ବଡ଼ ମୃତ

ବରପାଲି, ୨୮।୬(ସମିସ): ସଂପତ୍ତି ବିବାଦକୁ କେନ୍ଦ୍ର କରି ସାନଭାଇର କାଠଫାଳିଆ ମାଡ଼ରେ ବଡ଼ଭାଇର ମୃତ୍ୟୁ । ବରଗଡ଼ ଜିଲ୍ଲା ବରପାଲି ବ୍ଲକ୍ ମହୁଲପାଲି ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି । ମୃତକ ହେଲେ, ବିବିଧ ଗଣିତ (୪୦) । ସେ ଗତକାଲି ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପଛପଟେ ଶୋଇଥିବା ବେଳେ ତାଙ୍କ ସାନଭାଇ ଛାୟାକାନ୍ତ ଗଣିତ (୩୫) ଏକ କାଠଫାଳିଆରେ ତାଙ୍କୁ ଆକ୍ରମଣ କରିଥିଲା । ଏଥିରେ ବିବିଧଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ପଡ଼ୋଶୀଙ୍କଠାରୁ ମିଳିଥିବା ସୂଚନାନୁଯାୟୀ, ପୈତୃକ ଜମି ବିକ୍ରି ଟଙ୍କା ନେଣଦେଣକୁ ନେଇ ଦୁଇଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିଲା । ପୂର୍ବ ରାଗରୁ ଅଭିଯୁକ୍ତ ଏହି କାଣ୍ଡ ଭିଆଇଥିବା ସେମାନେ କହିଛନ୍ତି । ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ଛାୟାକାନ୍ତକୁ ଗିରଫ କରି ପଚରାଉଚରା କରିଛି । ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି ।

## ରଥଯାତ୍ରା ମହାବିଭ୍ରାଟ୍

# ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି

ଭୁବନେଶ୍ୱର,୨୮।୬(ସମିସ): ଚଳିତବର୍ଷ ତ୍ରୁଟିଶୂନ୍ୟ ଓ ସ୍ମରଣୀୟ ରଥଯାତ୍ରା ହେବ ଏବଂ ଏକ ଦିବ୍ୟ ଅନୁଭୂତି ନେଇ ଭକ୍ତମାନେ ଫେରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମାତ୍ର ରଥଯାତ୍ରା ଅବ୍ୟବସ୍ଥିତ ଓ ମହାବିଭ୍ରାଟରେ ସମ୍ପନ୍ନ ହେଲା । ବିଶେଷକରି ଗତବର୍ଷ ଅଘଟଣ ଏବଂ ବିଭ୍ରାଟରୁ ସରକାର କିଛି ଶିଖିଲେ ନାହିଁ । ସରକାରଙ୍କ ଏପରି ହେୟଜ୍ଞାନ ମନୋବୃତ୍ତି ଏବଂ ଅପାରଗତା ପାଇଁ ଯାହା କେବେ ଘଟିନଥିଲା ତାହା ଚଳିତ ବର୍ଷ ଘଟିଛି । ତେଣୁ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀ ଏହାର ନୈତିକ ଦାୟିତ୍ୱ ନେଇ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ଦାବି କରିଛି ବିଜେଡି ।

ଶନିବାର ଶଙ୍ଖ ଭବନରେ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି (ମୁଖ୍ୟାଳୟ) ତଥା ପୂର୍ବତନ ଆଇନ ମନ୍ତ୍ରୀ ପ୍ରତାପ ଜେନା ସରକାରଙ୍କୁ ରଥଯାତ୍ରା ଅଘଟଣ ପାଇଁ ପ୍ରବଳ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ଯଥା ସମୟରେ ସେବାୟତଙ୍କ ଦ୍ୱାରା ପହଣ୍ଡି ସମ୍ପନ୍ନ ହୋଇଥିଲେ ମଧ୍ୟ ସରକାରଙ୍କ ଅପାରଗତା ଲାଗି ଶରଧାବାଲିରେ ୩ ରଥ ପହଞ୍ଚିବା ତ ଦୂରର କଥା ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ସିଂହଦ୍ୱାରରୁ ଘୁଞ୍ଚି ପାରିଲା ନାହିଁ । ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ଉପସ୍ଥିତ ଥିଲେ ମଧ୍ୟ ସରକାରଙ୍କ ଅପରିଣାମଦର୍ଶୀ ନିଷ୍ପତ୍ତି ଦ୍ୱାରା ପ୍ରଥମଥର ପାଇଁ ଅତ୍ୟଧିକ ସଂଖ୍ୟାରେ କର୍ଡନ ପାସ୍ ବଣ୍ଟନ, ରଥଟଣାରେ ବିଭ୍ରାଟ ସୃଷ୍ଟି କଲା । ରଥ ନିକଟରେ ବହୁ ସଂଖ୍ୟାରେ ଦଳୀୟ ନେତାଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ସେହିପରି ସାମ୍ବାଦିକମାନଙ୍କୁ ସରକାର ନିମନ୍ତ୍ରଣ କରି ପୁଲିସ ଦ୍ୱାରା ମାଡ଼ ମରାଇ ଲହୁଲୁହାଣ କରିବା ରଥଯାତ୍ରା ଇତିହାସରେ ପ୍ରଥମ ଅଟେ । ଅନେକ ବରିଷ୍ଠ ଓ ମହିଳା ସାମ୍ବାଦିକ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ଭିଡ଼ ନିୟନ୍ତ୍ରଣରେ ସରକାରଙ୍କ ପାରଦର୍ଶିତା ଅଭାବରୁ ଶହ ଶହ ସଂଖ୍ୟାରେ ଭକ୍ତ ଆହତ ହୋଇଛନ୍ତି ଓ କିଛି ଭକ୍ତ ମଧ୍ୟ ଆଇସିୟୁରେ ଚିକିତ୍ସାଧୀନ ଅଛନ୍ତି । ପ୍ରଶାସନ ତୁରନ୍ତ ସ୍ପଷ୍ଟ କରନ୍ତୁ ରଥଯାତ୍ରାରେ କେତେ ସଂଖ୍ୟକ ଭକ୍ତ ମୃତାହତ ହୋଇଛନ୍ତି । ଶ୍ରୀ ଜେନା ଆହୁରି କହିଥିଲେ ଯେ ବିଡ଼ମ୍ବନାର ବିଷୟ ଏହି ଘଟଣା ପରେ ଉଭୟ ଆଇନ ମନ୍ତ୍ରୀ ଓ ଶ୍ରୀମନ୍ଦିର ପ୍ରଶାସକ କହିଛନ୍ତି 'ଏହା ପ୍ରଭୁଙ୍କ ଇଚ୍ଛା'ରୁ ହୋଇଛି । ଯାହା କେବେ ଘଟିନଥିଲା, ସେଭଳି ବିଭ୍ରାଟ ଚଳିତବର୍ଷ ରଥଯାତ୍ରାରେ ଘଟିଲା । ମହାପ୍ରଭୁ ଅଣସର ଘରେ ଥିବା ସମୟରେ ୩ ଠାକୁରଙ୍କ ପାଇଁ ଲାଗି ହେବା ମୋଦକ ଚୋରି ହେଲା ଓ ମାରା ମୋଦକ ମହାପ୍ରଭୁଙ୍କୁ ଅର୍ପଣ କରାଗଲା ବୋଲି ସେବାୟତଙ୍କ ଅଭିଯୋଗକୁ ଆଇନ ମନ୍ତ୍ରୀ ଓ ପ୍ରଶାସନ ଅସ୍ୱୀକାର କଲେ । ଗତବର୍ଷ ରଥଯାତ୍ରା ପହଣ୍ଡି ସମୟରେ ବଡ଼ ଠାକୁର ରଥରୁ ପଡିଯିବାର ତଦନ୍ତ ରିପୋର୍ଟ ଆଜିଯାଏଁ ସାର୍ବଜନୀନ ହେଲା ନାହିଁ । ଗତବର୍ଷର ଅଘଟଣରୁ ଶିକ୍ଷାଲାଭ କରି ସରକାର ଯଦି ସତର୍କ ହୋଇଥାନ୍ତେ, ତାହେଲେ ଚଳିତବର୍ଷ ଏଭଳି ବିଭ୍ରାଟ ହୋଇନଥାନ୍ତା । ଏହି ବିଭ୍ରାଟର ନୈତିକ ଦାୟିତ୍ୱ ନେଇ ମୁଖ୍ୟମନ୍ତ୍ରୀ ଓ ଆଇନ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି ।



- ରଥଯାତ୍ରା ସ୍ମରଣୀୟ ଓ ଦିବ୍ୟ ଅନୁଭବ ହେବ ବୋଲି କହି ମହାବିଭ୍ରାଟ କଲେ
- ଦଳୀୟ ନେତାଙ୍କୁ ଅତ୍ୟଧିକ କର୍ଡନ ପାସ୍ ରଥଟଣାରେ ବାଧକ
- ମୃତାହତଙ୍କ ସଂଖ୍ୟା ସ୍ପଷ୍ଟ କରନ୍ତୁ ସରକାର

## କାହା ପ୍ରତି ଏତେ ଅନୁକମ୍ପା?

# ବଡ଼ଦାଣ୍ଡ ଗହଳିରେ ଛତିଶଗଡ଼ ଇନୋଭା

### ଚାଳକ କହିଲେ ଏମ୍‌ଏଲ୍‌ଏ; ଟ୍ରାଫିକ୍ ଡିଏସ୍‌ପି କହୁଛନ୍ତି ଏନ୍‌ଏସ୍‌ଜି କମାଣ୍ଡୋ

ପୁରୀ,୨୮ ।୬(ସମିସ): ଭିଡ଼ ନିୟନ୍ତ୍ରଣରେ ବିଫଳ ଯୋଗୁଁ ଶୁକ୍ରବାର ରଥଯାତ୍ରାରେ ଦେଖିବାକୁ ମିଳିଥିଲା ବିଭ୍ରାଟ । ସନ୍ଧ୍ୟା ସାଢ଼େ ୭ଟା ପର୍ଯ୍ୟନ୍ତ ସିଂହଦ୍ୱାରରୁ ଗଡ଼ି ନଥିଲା ନନ୍ଦିଘୋଷ ରଥ । ଏପରିକି, ଚଳିତ ରଥଯାତ୍ରାରେ ନାନାପ୍ରକାର ବିଶୃଙ୍ଖଳା ସୃଷ୍ଟି ହୋଇଥିଲା । ଭିଡ଼ ଏବଂ ଠେଲାପେଲା ଯୋଗୁଁ ପ୍ରାୟ ୬୦୦ଶ୍ରଦ୍ଧାଳୁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଏହା ସତ୍ତ୍ୱେ ଟ୍ରାଫିକ୍ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଅଧିକାରୀଙ୍କର ଚେତା ପଶି ନଥିଲା । ଶନିବାର ସକାଳେ ବଡ଼ଦାଣ୍ଡରେ ରଥଟଣା ଯାଉଥିବା ବେଳେ ଭଡ଼ ଭିତରେ ଗଡୁଥିଲା ଛତିଶଗଡ଼ ପଞ୍ଜିକୃତ ଏକ ଇନୋଭା କାର୍ । ଏହାକୁ ଦେଖିବା ପରେ ସ୍ୱେଚ୍ଛାସେବୀ ସ୍ୱାଧୀନ କୁମାର ପଣ୍ଡା ସମ୍ପୃକ୍ତ କାର୍ ଚାଳକଙ୍କୁ ପ୍ରଶ୍ନ କରିଥିଲେ । ଆପଣ ରଥଟଣା ଚାଲିଥିବା ବେଳେ ବଡ଼ଦାଣ୍ଡ ଭିଡ଼ ଭିତରକୁ ପଶିଲେ କିପରି? ଏହି ଗାଡ଼ିରେ କିଏ ଆସିଛନ୍ତି? ହେଲେ ଡ୍ରାଇଭର ଜଣକ ଚୁପ୍ ରହିବାର କିଛି ସମୟ ପରେ ଏମ୍‌ଏଲ୍‌ଏ ଆସିଛନ୍ତି କହି ସେଠାରୁ ଖସିଯିବାକୁ ଚେଷ୍ଟା କରିଥିଲେ । ତେବେ ରାଜ୍ୟ ବାହାରର ଜଣେ ବିଧାୟକଙ୍କୁ କିପରି ଏମିତି ଅହେତୁକ ଅନୁକମ୍ପା ମିଳିଲା ଏବଂ କିଏ ତାଙ୍କୁ ଏଭଳି ଅନୁକମ୍ପା ଦେଖାଇଲା ତାହାକୁ ନେଇ ସମସ୍ତଙ୍କ ଭିତରେ ଚାଲିଛି ଚର୍ଚ୍ଚା ।

ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ, ଶନିବାର ସକାଳ ସାଢ଼େ ୯ଟାରେ ଆରମ୍ଭ ହୋଇଥିଲା ରଥଟଣା । ବଡ଼ଦାଣ୍ଡରେ ପ୍ରବଳ ଭିଡ଼ ଥିଲା । ତାଳଧ୍ୱଜ ରଥ ମେଡିକାଲ ଛକ ଅତିକ୍ରମ କରିସାରିଥିଲା । ପୂର୍ବାହ୍ନ ପ୍ରାୟ ୧୦ଟା ୪୫ରେ ବଳଗଣ୍ଡି ଛକରୁ ଗହଳି ଭିତରେ ଏକ ଇନୋଭା କାର୍ ବଗଲା ଧର୍ମଶାଳା ଆଡ଼କୁ ଯାଉଥିଲା । ଅର୍ଥାତ୍ ଏହି କାର୍‌ଟି ନନ୍ଦିଘୋଷ ଏବଂ ଦେବଦଳନ ରଥମଧ୍ୟରେ ଥିଲା । ଛତିଶଗଡ଼ ପଞ୍ଜିକୃତ ଏହି ଇନୋଭାର ନମ୍ବର ଥିଲା ସିଜି୦୪ଏନ୍‌କେ-୦୦୧୦ ।




ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କିଭଳି ସମ୍ପୃକ୍ତ କାର୍‌କୁ ପାସ୍ ମିଳିଥିଲା । ଯଦି ବି ପାସ୍ ଥିଲା, ରଥ ଗଡୁଥିବା ବେଳେ ବଡ଼ଦାଣ୍ଡକୁ ପଶିଲା କେମିତି? ଟ୍ରାଫିକ୍ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନେ କରୁଥିଲେ କ'ଣ? ନା କାହା ଚାପରେ ସବୁ ନିୟମକାନୁନ୍‌କୁ ଦଳିମକଚି ଦିଆଯାଇଥିଲା? ଏମିତି ଅନେକ ପ୍ରଶ୍ନ ଏବେ ଉଙ୍କି ମାରୁଥିବା ବେଳେ ସେହି କାର୍‌ରେ ଆସିଥିବା ବ୍ୟକ୍ତିଜଣଙ୍କ କିଏ; ତାକୁ ନେଇ ସମସ୍ତଙ୍କ ଭିତରେ ଚାଲିଛି ଚର୍ଚ୍ଚା । ଯେଉଁଠି ପାସ୍ ପାଇଥିବା ସାମ୍ବାଦିକଙ୍କୁ ପୁଲିସ୍ କର୍ଡନ ଭିତରକୁ ନଛାଡ଼ି ଦୁର୍ବ୍ୟବହାର କରୁଛି ଏବଂ ସେମାନଙ୍କ ଗାଡ଼ିକୁ ଛାଡୁନାହିଁ; ସେଠି ଛତିଶଗଡ଼ର କାର୍‌କୁ କିପରି ଭିଡ଼ ଭିତରକୁ ଛାଡ଼ିଲା, ତାକୁ ନେଇ ସମସ୍ତେ ପ୍ରଶ୍ନ ଉଠାଇଛନ୍ତି ।

ଏ ସମ୍ପର୍କରେ ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ାଙ୍କୁ ପଚାରିବାରେ ତାହା ଏନ୍‌ଏସ୍‌ଜି କମାଣ୍ଡୋଙ୍କ କାର୍ ଥିଲା । ସେମାନଙ୍କ କାମ ଥିବାରୁ ବଡ଼ଦାଣ୍ଡକୁ ଆସିଥିଲେ । ଅନୁଧ୍ୟାନ ପରେ ସେମାନେ ଚାଲିଯାଇଥିଲେ ବୋଲି ସଫେଇ ଦେଇଛନ୍ତି । ଏପଟେ କାର୍‌ଚାଳକ ଏମ୍‌ଏଲ୍‌ଏ କହୁଥିବା ବେଳେ ଟ୍ରାଫିକ୍ ଡିଏସ୍‌ପି ସେହି ଗାଡ଼ିରେ ଏନ୍‌ଏସ୍‌ଜି କମାଣ୍ଡୋ ଆସିଥିଲେ କହିବା ଘଟଣା ଆହୁରି ଦ୍ୱନ୍ଦ୍ୱ ବଢ଼ାଇଛି ।

# ଆଜି ଲଘୁଚାପ: ୪ ତାରିଖ ଯାଏଁ ବର୍ଷା

ଭୁବନେଶ୍ୱର,୨୮।୬(ସମିସ): ଦକ୍ଷିଣ-ପଶ୍ଚିମ ବାଂଲାଦେଶ ଏବଂ ପାଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତାକାଲି ଉତ୍ତର-ବଙ୍ଗୋପସାଗର ପାଶ୍ୱର୍ବର୍ତ୍ତୀ ବାଂଲାଦେଶ ଏବଂ ପଶ୍ଚିମବଙ୍ଗ ଉପକୂଳରେ ଏକ ଲଘୁଚାପର ରୂପ ନେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

କେନ୍ଦ୍ର ପକ୍ଷରୁ ଜାରପି ବୁଲେଟିନ ଅନୁଯାୟୀ ଆସନ୍ତାକାଲି ମୟୂରଭଞ୍ଜ ଜିଲ୍ଲାରେ ଅତି ପ୍ରବଳ ବର୍ଷା ଏବଂ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହାବ୍ୟତୀତ ଝାରସୁଗୁଡା, ଦେବଗଡ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବର୍ଷା, ପବନ ସହ ଘଡଘଡିର ସମ୍ଭାବନା ରହିଛି । ୩୦ ତାରିଖରେ ସମାନ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଜିଲ୍ଲାରେ ପ୍ରବଳ ବର୍ଷା ଆକଳନ କରାଯାଇଥିବା ବେଳେ ଅନ୍ୟ ଜିଲ୍ଲାମାନଙ୍କରେ ବର୍ଷା, ପବନ ନେଇ ସୂଚନା ଜାରି କରିଛି ପାଣିପାଗ କେନ୍ଦ୍ର ।

## ନିବେଶ ଆଳରେ ଠକେଇ

# ଧାରଣା ଦେଲେ ୧୦୦ ଜମାକାରୀ

କପ୍ତିପଦା, ୨୮।୬ (ସମିସ): ଟ୍ରେଡିଂରେ ଅର୍ଥ ନିବେଶ ଆଳରେ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକି ନେଇଥିବା ଜଣେ ଧୂର୍ତ୍ତ ଘର ଆଗରେ ଜମାକାରୀମାନେ ଧାରଣା ଦେବା ଘଟଣା ଆଜି କପ୍ତିପଦା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ସୂଚନାନୁଯାୟୀ କପ୍ତିପଦା ଥାନା ଅନ୍ତର୍ଗତ ବିଶୋଳ ଗ୍ରାମର ଈଶ୍ୱର ବିନ୍ଧାଣୀ ନିଜକୁ କୋଲକାତାର ଏକ ଟ୍ରେଡିଂ କମ୍ପାନୀର ଓଡ଼ିଶା ମୁଖ୍ୟ କହି ଲୋକଙ୍କଠାରୁ ବିପୁଳ ଅର୍ଥ ସଂଗ୍ରହ କରିଥିଲେ । କମ୍ ଦିନରେ ଅଧିକ ସୁଧ ମିଳିବାର ପ୍ରଲୋଭନ ଦେଖାଇ ସେ କଟକ, ଭୁବନେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଜଗତସିଂହପୁରଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସ୍ଥାନର ଲୋକଙ୍କୁ ପ୍ରଲୋଭିତ କରି ଟଙ୍କା ନେଇଥିଲେ । କିନ୍ତୁ ଦୀର୍ଘ ଦିନ ପରେ ମଧ୍ୟ ଲାଭ ତ ମିଳିବା ଦୂରର କଥା, ନିବେଶକାରୀ ନିଜର ମୂଳଧନ ବି ପାଇନଥିଲେ । ଏନେଇ ନିବେଶକାରୀମାନେ ତାଙ୍କୁ ପଚାରିବାରୁ ସେ ଆଜି କାଲି କହି ଦିନ ଗଡ଼ାଇବା ପରେ ଏବେ ଫେରାର୍ ହୋଇଯାଇଛନ୍ତି । ଆଜି ୧୦୦ରୁ ଊର୍ଦ୍ଧ୍ୱ ଜମାକାରୀ ତାଙ୍କ ଘର ସାମ୍ନାରେ ରୁଣ୍ଡ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଛନ୍ତି । ତେବେ ଖବର ଲେଖା ହେବା ବେଳକୁ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିଲା ।

ସକାଳ THE SAKALA



www.sakalaepaper.com

# ରଥରେ ଭକ୍ତଙ୍କୁ ଦର୍ଶନଦେଲେ ମହାବାହୁ

ରାଉରକେଲା, ୨୮।୬(ସମିସ)

ପବିତ୍ର ରଥଯାତ୍ରାରେ ଏକାକାର ହୋଇଛନ୍ତି ଭକ୍ତ-ଭଗବାନ। ରଥ ଉପରେ ଭକ୍ତ ମହାବାହୁଙ୍କୁ ଦର୍ଶନ କରି କୋଟି ପୁଣ୍ୟ ଲାଭ କରିଛନ୍ତି। ଅନୁକୂଳ ପାଗ ଯୋଗୁଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ରାଉରକେଲାର ବିଭିନ୍ନ ସ୍ଥାନରେ ରଥଯାତ୍ରା ବେଶ୍ ଆଧ୍ୟାତ୍ମିକ ପରିବେଶ ସମାପନ ହୋଇଥିବାବେଳେ କେତେକ ସ୍ଥାନରେ ମହିଳାମାନେ ସୁଭଦ୍ରାଙ୍କ ରଥ ଟାଣିଥିବା ଦେଖିବାକୁ ମିଳିଛି।

## ସାରନଗରୀ ଜଗନ୍ନାଥ ମନ୍ଦିର

ସାରନଗରୀସ୍ଥିତ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ୩ ଦିଅଁଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ପ୍ରଧାନ ସେବକ ମନ୍ଦିରର ରୀତିନୀତି ଓ ରଥରେ ଛେରାପହଁରା କାର୍ଯ୍ୟ କରିଥିଲେ। ମନ୍ଦିର ପରିଚାଳନା କମିଟିର ସଭାପତି ସମାଜସେବୀ ଅଶୋକ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ରଥଯାତ୍ରା ପରିଚାଳନା ଦାଇତ୍ୱ ତୁଲାଇ ଥିଲେ। ଗତକାଲି ୯ଟାରେ ପହଣ୍ଡି ଆରମ୍ଭ ହୋଇ ଚତୁର୍ଦ୍ଧା ବିଗ୍ରହ ରଥାରୁଢ଼ କରାଯାଇଥିଲା। ପ୍ରଥମେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ପରେ ପ୍ରଭୁ ଶ୍ରୀଜଗନ୍ନାଥ ଧାଡ଼ି ପହଣ୍ଡିରେ ଆସି ବିଜେ କରିଥିଲେ। ପୂଜକ ହରିହର ପଣ୍ଡା, ପ୍ରକାଶ ପଣ୍ଡା, ସତ୍ୟବ୍ରତ ପଣ୍ଡା, ଶୁଭମ୍ କର ପ୍ରମୁଖ ମହାପ୍ରଭୁଙ୍କ ସମସ୍ତ ପୂଜାବିଧି ସମ୍ପନ୍ନ କରିଥିଲେ। ସାରନଗରୀସ୍ଥିତ ଜଗନ୍ନାଥ ମନ୍ଦିରରୁ ସୁସଜ୍ଜିତ ରଥ ନିର୍ଦ୍ଧାରିତ ସମୟରେ ବାହାରି ଆନନ୍ଦ ବଜାର ମାର୍କେଟ, ଶନି ମନ୍ଦିର, ପୁଷ୍ପା ପାର୍କ ଛକ, ଷ୍ଟେଟ ବ୍ୟାଙ୍କ ଛକ, ମିନି ଷ୍ଟାଡିୟମ ଛକ, ହସ୍ପିଟାଲ ଛକ, ମାଆ ମଙ୍ଗଳା ଛକ, ଗଞ୍ଜୁ ମାର୍କେଟ ହୋଇ 'ଇ' ବ୍ଲକ ସ୍ଥିତ ମାଉସୀ ମା' ମନ୍ଦିରରେ ରାତି ସାଢ଼େ ୯ଟାରେ ପହଞ୍ଚିଥିଲା। ଏହି ଅବସରରେ ସାରନଗରୀ ଶ୍ରୀଜଗନ୍ନାଥ ମନ୍ଦିର କମିଟିର ସଭାପତି ଅଶୋକ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ସୌମେନ୍ଦ୍ର ବେହୁରିଆ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ଭୋଳ, ରାମଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ଦିଲ୍ଲୀପ କୁମାର ମଲ୍ଲିକ, ଶଶାଙ୍କ ସ୍ୱାଇଁ ଏବଂ କୋଷାଧ୍ୟକ୍ଷ ଉତ୍ତମ କୁମାର ଜେନା, ବରିଷ୍ଠ ସଦସ୍ୟ ସୁଭାଷ ଚନ୍ଦ୍ର ପାତ୍ର, କାର୍ଯ୍ୟନିର୍ବାହୀ ସଦସ୍ୟ ବିପିନ କୁମାର ଲେଙ୍କା, ଗୋପୀନାଥ ଦାସ, ଜ୍ୟୋତିରଞ୍ଜନ ମହାନ୍ତି, ଶ୍ରୀଚରଣ ମହାନ୍ତିଙ୍କ ସମେତ ସମସ୍ତ ଟ୍ରଷ୍ଟି ସଭ୍ୟ, ସେବାୟତ, ପୂଜକ ଉପସ୍ଥିତ ରହି ରଥଯାତ୍ରା ସମ୍ପାଦନ କରିଥିଲେ। ତେବେ ରଥଯାତ୍ରାବେଳେ ରଥ ସମ୍ମୁଖରେ ପୌରାଣିକ ରାମାୟଣ କଥା ଚଳିତ ବର୍ଷର ବିଶେଷ ଆକର୍ଷଣ ଥିଲା। ଚତୁର୍ଦ୍ଧାମୂର୍ତ୍ତିଙ୍କ ଅପୂର୍ବ ବେଶ ଦେଖିବା ପାଇଁ ସାରନଗରୀ ଅଞ୍ଚଳରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।



## ରଥଟଣାବେଳେ ବୃଦ୍ଧ ଆହତ

ବାସନ୍ତୀ କଲୋନୀ ଅଞ୍ଚଳରେ ଅନୁଷ୍ଠିତ ରଥଯାତ୍ରାରେ ଜଣେ ବୃଦ୍ଧ ଆହତ ହୋଇଥିବା ଜଣାପଡ଼ିଛି। ଅପରାହ୍ଣରେ ମାଲଗୋଦାମ ବସ୍ତିସ୍ଥିତ ମାଉସୀ ମା' ମନ୍ଦିରକୁ ରଥ ଯାଉଥିଲା। ତେବେ ଡିଏଲ ଛକ ନିକଟରେ କାର୍ଯ୍ୟକ୍ରମରେ ନିୟୋଜିତ ବୟସ୍କ ସ୍ୱେଚ୍ଛାସେବୀଙ୍କ ଗୋଡ଼ ରଥ ମାଡ଼ରେ ଆହତ ହୋଇଥିଲା। ପୁଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇ ଥିଲା। ଅସାବଧାନତା ଯୋଗୁଁ ଏହି ଘଟଣା ଘଟିଥିବା ସୂଚନା ମିଳିଛି। ଖବର ଲେଖା ହେବା ଯାଏଁ ପୁଲିସ ନିକଟରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

## ସୁଭଦ୍ରାଙ୍କ ରଥ ଟାଣିଲେ ମହିଳା

ରାଜଗାଙ୍ଗପୁର : ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁରସ୍ଥିତ କୁମାରକେଲା ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସକାଳୁ ଠାକୁରଙ୍କ ଦୈନନ୍ଦିନ ନୀତିକାନ୍ତି କରାଯାଇଥିଲା। ସକାଳ ଧୂପ ଆଦି ଚଢ଼ିଲା ପରେ ଠାକୁରଙ୍କ ନବଯୌବନ ଦର୍ଶନ ଆରମ୍ଭ ହୋଇଥିଲା। ଅପରାହ୍ଣ ପ୍ରାୟ ୪.୩୦ରେ ଛେରାପହଁରା ନୀତି ସମାପନ ପରେ ଶ୍ରୀଜୀଉଙ୍କ ଗୋଟି ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ପ୍ରଥମେ ବଳଭଦ୍ରଙ୍କ ରଥ ତାପରେ ମା' ସୁଭଦ୍ରାଙ୍କ ରଥ ଏବଂ ଶେଷରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ହୋଇଥିଲା। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମା' ସୁଭଦ୍ରାଙ୍କ ରଥ ମହିଳାମାନେ ଟାଣିଥିଲେ। ପ୍ରାୟ ୨୫୦ବର୍ଷ ହେବ ଗଡ଼ତିଆ ପରିବାର ପକ୍ଷରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଏହି ରଥଯାତ୍ରାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଭିଡ଼ ଜମିଥିଲା। ଦୀର୍ଘ ୧୫ ବର୍ଷ ପୂର୍ବରୁ ଗୋଟିଏ ରଥ ଟଣା ଯାଉଥିଲା। ଏବେ ୩ଟି ରଥ ଟଣାଯାଉଛି। କୁମାର କେଲା ରଥ ଯାତ୍ରା କମିଟି ପକ୍ଷରୁ ଅଶୋକ ଦାସ, ମନମୋହନ ଗଡ଼ତିଆ, ସୁରେଶ ଗଡ଼ତିଆଙ୍କ ସାଙ୍ଗକୁ କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବଡ଼ଦାଣ୍ଡରେ ବାଲୁକା ଶିଳ୍ପୀ ରାଜୁ ସାହୁଙ୍କ ଦ୍ୱାରା ନିର୍ମିତ ଜଗନ୍ନାଥଙ୍କ କଳାକୃତି ଭକ୍ତ ଦର୍ଶନ କରିଥିଲେ। ସେଭଳି ଲିପଲୋଇ, କଂସବାହାଲ, ଲାଇଙ୍ଗରେ ଥିବା ଜଗନ୍ନାଥ ମନ୍ଦିରରେ ଏହି ଘୋଷଯାତ୍ରା ଶାନ୍ତି ଶୃଙ୍ଖଳାରେ ସମ୍ପନ୍ନ ହୋଇଥିଲା। ରାଜଗାଙ୍ଗପୁର ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା।




## ନୂଆଗାଁ ବ୍ଲକ୍

ସୁନ୍ଦରଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ସୋରଡ଼ା, ନୂଆଗାଁ, ବାଗଡ଼େଗା ଏବଂ ହାତୀବାରି ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଥ ଉପରେ ଭଗବାନ ଦର୍ଶନ ଦେଉଥିବାବେଳେ ଆଗରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା। ଭଜନ, କୀର୍ତ୍ତନରେ ଭକ୍ତ ମଜ୍ଜିଯାଇଥିଲେ। ଏହି ରଥଯାତ୍ରାରେ ସୋରଡ଼ା, ବାଗଡ଼େଗା, ନୂଆଗାଁ, ହାତିବାରୀ ଅଞ୍ଚଳରେ ପ୍ରାୟ ତିନି ହଜାରରୁ ପାଞ୍ଚ ହଜାର ପର୍ଯ୍ୟନ୍ତ ଭକ୍ତଙ୍କ ସମାଗମ ହୋଇଥିଲା। ସୋରଡ଼ା ଗ୍ରାମରେ ଅନୁଷ୍ଠିତ ରଥ ଯାତ୍ରାରେ ରାଜକିଶୋର ସାହୁ ଛେରାପହଁରା କରିଥିଲେ। ଏହି ଯାତ୍ରାରେ ସୋରଡ଼ା ସମେତ ଆଖପାଖ ୫ଟି ପଞ୍ଚାୟତର ଜନସାଧାରଣ ସାମିଲ୍ ହୋଇଥିଲେ। ଉକ୍ତ ରଥଯାତ୍ରା ଆଠ ଦଶନ୍ଧି ହେଲା ଆୟୋଜିତ ହେଉଛି। ବିଶ୍ରା ପୁଲିସ ପ୍ରଶାସନ ସୋରଡ଼ା ଓ ବାଗଡ଼େଗାରେ ଶାନ୍ତି ଶୃଙ୍ଖଳା ରକ୍ଷାକରିଥିବା ବେଳେ ବିଶ୍ରା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର ନିଜେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ତଦାରଖ କରିଥିଲେ। ସେହିଭଳି ନୂଆଗାଁ ଓ ହାତୀବାରୀ ଠାରେ ଅନୁଷ୍ଠିତ ରଥ ଯାତ୍ରାରେ ନୂଆଗାଁ ଫାଣ୍ଡି ପୁଲିସ ଓ ହାତିବାରୀ ଥାନା ପୁଲିସ ଓ କମିଟିର ସଦସ୍ୟମାନଙ୍କ ସହାୟତାରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଏହି ଘୋଷଯାତ୍ରା ପାଇଁ ସୋରଡ଼ା ଗ୍ରାମ ପଞ୍ଚାୟତର ସମାଜ ସେବୀ ପ୍ରମୋଦ ପ୍ରଧାନ, ଅକଲୁ ପ୍ରଧାନ, ବସନ୍ତ ସାହୁ, ଜଗତ ସିଂ, ନରେଶ ପଣ୍ଡା, ମୁକେଶ ସାହୁ, ସନ୍ତୋଷ ପଶାୟତ, ହିମାଂଶୁ ତ୍ରିପାଠୀ, ଅଜିତ ତ୍ରିପାଠୀ, ଟଙ୍କଧର ସାହୁ, ଆଲୋକ ପଣ୍ଡା, ଦେବାନନ୍ଦ ସାହୁ, ବିଜୟ ମହାପାତ୍ର, ସମୀର ସୁର, ବିଜୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ରଥ ଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାରେ ସହାୟତା କରିଥିଲେ।



## କେନ୍ଦ୍ର ବିରୋଧରେ ଧର୍ମଘଟ ୯ରେ

ରାଉରକେଲା, ୨୮।୬(ସମିସ): ଦେଶର ୫ଟି ପ୍ରମୁଖ ବାମପନ୍ଥୀ ଦଳ, ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ (ସିଟିୟୁ), ସ୍ୱାଧୀନ ସର୍ବଭାରତୀୟ ଫେଡେରେସନ୍ ସମୂହ ଏବଂ ଆସୋସିଏସନ ମାନଙ୍କୁ ନେଇ ଗଠିତ ଟ୍ରେଡ୍ ୟୁନିୟନ ସମୂହର ମିଳିତ ମଞ୍ଚ ଦ୍ୱାରା ଜୁଲାଇ ୯ ତାରିଖରେ ଡାକରା ଦିଆଯାଇ ଥିବା ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ସିପିଆଇଏମ୍ ପୂର୍ଣ୍ଣ ସମର୍ଥନ ଜଣାଇଛି। ସିପିଆଇଏମ୍ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ଜିଲ୍ଲା ସମ୍ପାଦକ ପ୍ରମୋଦ ସାମଲ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା, ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ରାଜକିଶୋର ପ୍ରଧାନ, ପ୍ରଭାତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବିଜେପି ନେତୃତ୍ୱାଧୀନ ସରକାରର ଶ୍ରମିକ ବିରୋଧୀ ନୀତି ଗୁଡିକର ସମସ୍ତ ବିରୋଧକୁ ଦମନ କରିବାକୁ ଏହି ସରକାର ଚେଷ୍ଟା କରୁଛି। ଆଗାମୀ ସାଧାରଣ ଧର୍ମଘଟରେ ଟ୍ରେଡ୍ ୟୁନିୟନ ଗୁଡ଼ିକ ଦ୍ୱାରା ଉଠା ଯାଇଥିବା ଦାବିଗୁଡ଼ିକ ପୁନରାବୃତ୍ତି ହୋଇଛି। ଯାହା କୃଷକ, କୃଷି ଶ୍ରମିକ ଏବଂ ବ୍ୟାପକ ଜନସାଧାରଣଙ୍କ ଉଦ୍‌ବେଗ ତଥା ଚିନ୍ତାକୁ ମଧ୍ୟ ପ୍ରତିଫଳିତ କରୁଛି। ସଂଯୁକ୍ତ କୃଷକ ମୋର୍ଚ୍ଚା, କୃଷି-ଶ୍ରମିକ ସଂଗଠନ ଗୁଡିକ ମଧ୍ୟ ସାଧାରଣ ଧର୍ମଘଟକୁ ସମର୍ଥନ ଜଣାଇବା ସହ ଏହି ଦିନ ବ୍ୟାପକ ଭାବେ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଛନ୍ତି। ସାଧାରଣ ଧର୍ମଘଟ କୃଷକ ମାନଙ୍କ ଏକତା ପ୍ରଦର୍ଶନ ସହିତ, ଶ୍ରମଜୀବୀ ଲୋକଙ୍କୁ ବିଭାଜନ କରିବା ଏବଂ ଘୃଣା ବିସ୍ତାର କରିବାର ଅପପ୍ରୟାସକୁ ବିରୋଧ କରି ସେମାନଙ୍କର ଐକ୍ୟକୁ ସୁଦୃଢ଼ କରିବାରେ ସହାୟକ ହେବ। ବାମପନ୍ଥୀ ଦଳମାନଙ୍କ ସମେତ ସିପିଆଇଏମ୍ ସାଧାରଣ ଧର୍ମଘଟକୁ ସମର୍ଥନ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେବା ସହ ଏହାର ସଫଳତା ସୁନିଶ୍ଚିତ କରିବା ପାଇଁ ସମସ୍ତ ୟୁନିଟ୍ ଗୁଡ଼ିକୁ ସକ୍ରିୟ ଭାବରେ ପ୍ରଚାର ଏବଂ ବହୁ ସଂଖ୍ୟାରେ ଜନସାଧାରଣଙ୍କୁ ଏକତ୍ରିତ କରାଇ ଅଧିକ ସଂଖ୍ୟକ ଜନସମାଗମ କରିବାକୁ ଅନୁରୋଧ କରିଛନ୍ତି।

## ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଉଦ୍‌ଘାଟିତ

ରାଉରକେଲା, ୨୮।୬(ସମିସ): ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆପେଲ ସାଇନ୍ ଆଣ୍ଡ ଗ୍ରାଫିକ୍ସ ସହଯୋଗରେ ଦ୍ୱିତୀୟ ରାଉରକେଲା ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରଘୁନାଥପାଲି ବିଧାୟକ ଦୁର୍ଗା ତନ୍ତୀ ଯୋଗ ଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେପି ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ଏନ୍ଆଇଟି ଅଧ୍ୟାପକ ଦେବେନ୍ଦ୍ର ବେହେରା ଓ ବଣିକ ସଂଘ ସଭାପତି ମଳୟ ମଣ୍ଡଳ ଯୋଗ ଦେଇଥିଲେ।



ମେଳାର ମଲ୍ଟି ସେକ୍ଟର ବି୨ବି ଏବଂ ବି୨ସି ପ୍ରଦର୍ଶନୀରେ ୨୨ଟି ରାଜ୍ୟ ଏବଂ ୧୦ଟି ଦେଶରୁ ବିଭିନ୍ନ ବ୍ୟବସାୟିକ ସଂସ୍ଥା ଅଂଶଗ୍ରହଣ କରିଛନ୍ତି। ରିଏଲ୍ ଇଷ୍ଟେଟ୍, ଷ୍ଟାର୍ଟ ଅପ୍ କମ୍ପାନୀ, ଉତ୍ପାଦକ, ବିକାଶକାରୀ, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ହାର୍ଡୱେର୍, ଆସବାବପତ୍ର, ଆଭ୍ୟନ୍ତରୀଣ, ଶିକ୍ଷା, ଘର ସାଜସଜ୍ଜା ଆଦି ଉତ୍ପାଦ ସହିତ ଘରୋଇ ଉପକରଣ, ଇଲେକ୍ଟ୍ରୋନିକ୍ସ, ଆର୍ଟିଷ୍ଟିକ୍ସ ପରିଦର୍ଶକ ମାନେ ରିଅଲ୍ ଇଷ୍ଟେଟ୍, ଷ୍ଟାର୍ଟ-ଅପ୍, ଉତ୍ପାଦନ, ବ୍ୟାଙ୍କିଙ୍ଗ୍, ନିର୍ମାଣ ସାମଗ୍ରୀ, ଆସବାବପତ୍ର, ଆଭ୍ୟନ୍ତରୀଣ ଡିଜାଇନ୍, ହୋମ ଇଲେକ୍ଟ୍ରୋନିକ୍ସ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ଥାଇ ଫୁଲ, ଆଫଗାନିସ୍ତାନ ଶୁଖିଲା ଫଳ, ରାଜସ୍ଥାନୀ ମାର୍ବଲ, ଇରାନୀ ପର୍ସିଆନ କାର୍ପେଟ ଏବଂ ବାଂଲାଦେଶୀ ହ୍ୟାଣ୍ଡଲୁମ୍ ସହ ଭାରତୀୟ ହସ୍ତତନ୍ତ ଭଳି ଉତ୍ପାଦମାନ ଉପଲବ୍ଧ ରହିଛି। ବିସ୍ତୃତ ଉତ୍ପାଦ ପ୍ରଦର୍ଶନୀ ସହିତ ଉପସ୍ଥିତ ଲୋକ ମାନେ ଖାଦ୍ୟ ଜୋନ୍‌ରେ ଉପଲବ୍ଧ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଏବଂ ସ୍ୱଚ୍ଛ ଖାଦ୍ୟ ମଧ୍ୟ ପାଇ ପାରିବେ। ରାଉରକେଲା ସହର ସମେତ ସୁନ୍ଦରଗଡ଼ ଜିଲ୍ଲା ଓ ସମଗ୍ର ପଶ୍ଚିମ ଓଡ଼ିଶାରୁ ପ୍ରାୟ ୩ ଲକ୍ଷ ଦର୍ଶକ ଇଭେଣ୍ଟର ଭରପୁର ଲାଭ ଉଠାଇବା ସହ ଅନେକ କ୍ଷେତ୍ରରୁ ଗୁଣାତ୍ମକ ଉତ୍ପାଦମାନ ଏହି ପ୍ରଦର୍ଶନୀରୁ ସୁଲଭ ମୂଲ୍ୟରେ ଉପଲବ୍ଧ ରହିଛି ବୋଲି ଜଣାପଡ଼ିଛି। ଆଗାମୀ ୮ ତାରିଖ ଯାଏଁ ମେଳା ଚାଲିବାକୁ ଥିବା ବେଳେ ଗୁପ୍ତା ଇଭେଣ୍ଟ ମ୍ୟାନେଜେଣ୍ଟର ପରିଚାଳନା ନିର୍ଦ୍ଦେଶକ ସୁଜିତ୍ ଗୁପ୍ତା କହିଥିଲେ। ଆପେଲ୍ ସାଇନର ନିର୍ଦ୍ଦେଶକ ସରୋଜ ମହାପାତ୍ର, ଦିଲ୍ଲୀପ ପଟ୍ଟନାୟକ, ମନୋରଞ୍ଜନ ମୁନି ଓ ଦୀନେଶ ଭୋଳ ପ୍ରମୁଖ ଏହାର ଫାଇଦା ଉଠାଇବାକୁ ନିବେଦନ କରିଛନ୍ତି।

## ଗଛରେ ପିଟିହୋଇ ବାଇକ୍ ଆରୋହୀ ମୃତ



ବଣାଇଁ, ୨୮।୬(ସମିସ): ବଣାଇଁ ଥାନା କନ୍ତଯୋଡ଼ି ତଳିତା ରାସ୍ତାର ପୋଲ ନିକଟରେ ରାସ୍ତା କଡ଼ରେ ଥିବା ଗଛରେ ପିଟି ହୋଇ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ନୂଆଡିହି ଗ୍ରାମର ବିଜୁ କିସାନ (୩୧) ଓଡି ୧୪ ୱାଇ ୯୫୯୦ ନମ୍ବର ବିଶିଷ୍ଟ ବାଇକ୍ ଯୋଗେ ବଣାଇଁ ଆସୁଥିବାବେଳେ ପୋଲ ନିକଟରେ ଭାରସାମ୍ୟ ହରାଇ ରାସ୍ତା ଉପରେ ଥିବା ଗଛକୁ ଧକ୍କା ଦେଇ ରାସ୍ତାକଡ଼ ବିଲକୁ ଛିଟିକି ପଡ଼ିଥିଲେ। ପୁଲିସ ତାଙ୍କୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ଆଇଜିଏଚ୍‌ରେ ଜଟିଳ ଅସ୍ତ୍ରୋପଚାର



ରାଉରକେଲା, ୨୮।୬(ସମିସ): ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଅଧୀନ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ସଫଳତାର ସହ ଅଞ୍ଚଳର ପ୍ରଥମ ୩୬୦ ଡିଗ୍ରୀ ସର୍ଭିକାଲ୍ ସ୍ପାଇନ୍ ଅସ୍ତ୍ରୋପଚାର ସମ୍ପନ୍ନ ହୋଇଛି। ଯାହା ଉନ୍ନତତର ନ୍ୟୁରୋସର୍ଜିକାଲ୍ ଚିକିତ୍ସା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଜୁନ୍ ୧୧ ତାରିଖରେ ସଡ଼କ ଦୁର୍ଘଟଣାରେ ଗୁରୁତର ମେରୁଦଣ୍ଡ ଆଘାତ ପାଇଥିବା ଝାଡ଼ଖଣ୍ଡର ଜଣେ ୨୩ ବର୍ଷୀୟ ଯୁବକଙ୍କ ଠାରେ ଏହି ବିରଳ ଏବଂ ଜଟିଳ ଅସ୍ତ୍ରୋପଚାର କରାଯାଇଥିଲା। ତାଙ୍କ ସମ୍ପର୍କୀୟମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଆଇଜିଏଚକୁ ଆଣିଥିଲେ ଏବଂ ସେ ନନ-ଏଣ୍ଟାଇଟେଲ୍ଡ କ୍ୟାସ ବର୍ଗରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହସପିଟାଲରେ ଭର୍ତ୍ତି ହେବା ସମୟରେ, ସେ ତାଙ୍କ ଡାହାଣ ଗୋଡ ସମ୍ପୂର୍ଣ୍ଣ ଅକ୍ଷମ ରହିବା ସହ ସମସ୍ତ ଚାରୋଟି ଅଙ୍ଗ ସମ୍ପୂର୍ଣ୍ଣ କ୍ଷୀଣ ଦୁର୍ବଳ ତଥା ସେ ବସି ପାରୁନଥିଲେ ଏବଂ ବେକ ଓ ଶରୀରରେ ତୀବ୍ର ଯନ୍ତ୍ରଣା ଅନୁଭବ କରୁଥିଲେ। ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ବରିଷ୍ଠ ପରାମର୍ଶଦାତା ତଥା ନ୍ୟୁରୋସର୍ଜରୀ ବିଶେଷଜ୍ଞ ଡାକ୍ତର ମନୋଜ କୁମାର ଦେଓଙ୍କ ନେତୃତ୍ୱରେ ଏକ ବ୍ୟାପକ କ୍ଲିନିକାଲ୍ ମୂଲ୍ୟାଙ୍କନରୁ ତାଙ୍କର ସି ୪ ସି ୫ ସର୍ଭିକାଲ୍ ସ୍ପାଇନ୍‌ର ଗ୍ରେଡ୍ ୨ ଡିସଲୋକେସନ୍ ସହିତ ଏକ ଜୀବନ ପ୍ରତି ବିପଦପୂର୍ଣ୍ଣ ଅବସ୍ଥା ଥିବା ଜଣାଯାଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ଅସ୍ତ୍ରୋପଚାର କରାଯାଇଥିଲା। ଡାକ୍ତର ଦେଓଙ୍କ ସହ ୯ ଜଣିଆ ଡାକ୍ତରୀ ଦଳ ତାଙ୍କର ଅସ୍ତ୍ରୋପଚାର କରିଥିଲେ। ଆନାସ୍ଥେସିଆ ଏବଂ ଆଇସିୟୁର ଅତିରିକ୍ତ ସିଏମଓ ଡକ୍ଟର ସଞ୍ଜୁକ୍ତା ପାଣିଗ୍ରାହୀ ଏବଂ ଆନାସ୍ଥେସିଆର ବରିଷ୍ଠ ପରାମର୍ଶଦାତା ଡକ୍ଟର ସ୍ମିତା କୁଜୁର ସହଯୋଗ କରିଥିଲେ। ଅସ୍ତ୍ରୋପଚାର ପରେ ରୋଗୀ ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ଦେଖା ଦେଇଛି। ଅସ୍ତ୍ରୋପଚାରର ଗୋଟିଏ ସପ୍ତାହ ମଧ୍ୟରେ ସେ ତାଙ୍କ ଡାହାଣ ଗୋଡ଼ରେ ଗତିଶୀଳତା ଫେରି ପାଇଛନ୍ତି ଏବଂ ଅନ୍ୟ ସମସ୍ତ ଅଙ୍ଗରେ ଶକ୍ତି ବୃଦ୍ଧି ପାଇବା ସହିତ ସେ ବସିବା ଏବଂ ଠିଆ ହେବାରେ ମଧ୍ୟ ସକ୍ଷମ ହୋଇଛନ୍ତି।

## ଆର୍‌ଏସ୍‌ପି ଆର୍‌ସିଏମ୍ ବିଭାଗରେ ନିଜସ୍ୱ ବିକଶିତ ପରୀକ୍ଷଣ ସୁବିଧା ଉଦ୍‌ଘାଟିତ




ରାଉରକେଲା, ୨୮।୬(ସମିସ): କେନ୍ଦ୍ରୀକୃତ ରକ୍ଷଣାବେକ୍ଷଣ (ଯାନ୍ତ୍ରିକ) ବିଭାଗର ମରାମତି ଭବନରେ ମେକାନିକାଲ୍ ଏବଂ ସହର ସିଜିଏମ୍ ଇନଚାର୍ଜ ଆର.ଏନ୍. ରାଜେନ୍ଦ୍ରନ ଏକ ନିଜସ୍ୱ ରୂପେ ବିକଶିତ ପରୀକ୍ଷଣ ସୁବିଧା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସିଜିଏମ ମେକାନିକାଲ ଦେବେନ୍ଦ୍ର କୁମାର ପାଲ, ସିଏମ୍(ଏମ୍) ବିଭାଗର ଜିଏମ୍ ଇନ-ଚାର୍ଜ ଏସ୍. କେ ପଙ୍କ, ସିଏମ୍(ଏମ୍) ବିଭାଗର ଜିଏମ୍ ଏସ୍.ପି. ପଟେଲ, ଏଜିଏମ ଏସ୍. ଅଖତରଙ୍କ ସମେତ ବହୁ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ। ନିଜର ବକ୍ତବ୍ୟରେ ଶ୍ରୀ ରାଜେନ୍ଦ୍ରନ୍ ଏହି ସୁବିଧାକୁ ନିଜସ୍ୱ ଭାବରେ ସଂରଚିତ ଏବଂ ବିକଶିତ କରିବା ପାଇଁ ଦଳର ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ସମଗ୍ର ପ୍ଲାଣ୍ଟରେ ଆତ୍ମନିର୍ଭରଶୀଳତା, କାର୍ଯ୍ୟକ୍ଷମତା ଏବଂ ସୁରକ୍ଷା ମାନଦଣ୍ଡ ବୃଦ୍ଧି କରିବାରେ ଏପରି ପଦକ୍ଷେପର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ନୂତନ ଭାବରେ ଉଦଘାଟିତ ହୋଇଥିବା ଏହି ସୁବିଧା ବିବିଧ ଚାପ ଆବଶ୍ୟକତା ବିଶିଷ୍ଟ ସୁରକ୍ଷା ଭଲ୍ଭର ସୁଗମ ଏବଂ ଦକ୍ଷ ପରୀକ୍ଷଣ ସୁନିଶ୍ଚିତ କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ଫଳରେ ପ୍ଲାଣ୍ଟର ବିଭିନ୍ନ ଉତ୍ପାଦନ ୟୁନିଟ୍‌ଗୁଡ଼ିକୁ ପ୍ରୟୋଜନୀୟ ସହାୟତା ମିଳିପାରିବ। ଏହି ନିଜସ୍ୱ ସୁବିଧା ରକ୍ଷଣାବେକ୍ଷଣ କାର୍ଯ୍ୟ ସମୟ ଏବଂ ନିର୍ଭରଯୋଗ୍ୟତାକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ।

## ଟାଙ୍ଗରପାଲିରେ ୨ କଳିକା କେନ୍ଦ୍ର ଉଦ୍‌ଘାଟିତ

### କର୍ମଜୀବୀ ମହିଳାଙ୍କ ଶିଶୁର ସୁରକ୍ଷିତ ଭବିଷ୍ୟତ ପାଇଁ ପ୍ରୟାସ

ରାଉରକେଲା, ୨୮।୬(ସମିସ)

କର୍ମଜୀବୀ ମହିଳାମାନଙ୍କ ଶିଶୁମାନଙ୍କର ଶାରୀରିକ ଓ ମାନସିକ ବିକାଶକୁ ଦୃଷ୍ଟିରେ ରଖି ଟାଙ୍ଗରପାଲି -୧ ଏବଂ ଟାଙ୍ଗରପାଲି -୨ ଠାରେ ୨ଟି କଳିକା କେନ୍ଦ୍ର ଆଜି ଉଦଘାଟିତ ହୋଇଛି। ଏହି କ୍ରମରେ ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଆଜି ପ୍ରଥମେ ଦୁଇଟି କଳିକା କେନ୍ଦ୍ରକୁ ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ବିଧାୟକ ଦୁର୍ଗାଚରଣ ତନ୍ତୀ ଫିତା କାଟିବା ସହ ନାରିକେଳ ଭାଙ୍ଗି ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାନପୋଷ ସବଡ଼ିଭିଜନର ଉପଜିଲ୍ଲାପାଳ ବିଜୟ କୁମାର ନାୟକ, 'ସକାଳ'ର ରାଉରକେଲା ସଂସ୍କରଣ ମୁଖ୍ୟ ବରିଷ୍ଠ ସାମ୍ବାଦିକ ଦେବବ୍ରତ ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରବୀଣା ହରିଚନ୍ଦନ, ଟାଙ୍ଗରପାଲି ଥାନା ଅଧିକାରୀ ନିରଞ୍ଜନ ସେଠୀ ଓ ବିଶିଷ୍ଟ ସମାଜସେବୀ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନିୟତି ଫାଉଣ୍ଡେସନ ଏନଜିଓ ପକ୍ଷରୁ ପରିଚାଳିତ ଏହି କଳିକା କେନ୍ଦ୍ର ଶୁଭାରମ୍ଭ ପରେ କର୍ମଜୀବୀ ମହିଳାଙ୍କ ଶିଶୁମାନେ ଏହି କେନ୍ଦ୍ରରେ ସୁରକ୍ଷିତ ରହିବା ସହ ସେମାନଙ୍କ କୁପୋଷଣ ଦୂର ହୋଇପାରିବ ବୋଲି ବିଧାୟକ ଶ୍ରୀ ତନ୍ତୀ କହିଥିଲେ। ଏହି କଳିକା କେନ୍ଦ୍ର ଶୁଭାରମ୍ଭ ଯୋଗୁଁ କର୍ମଜୀବୀ ଶିଶୁମାନେ ସୁରକ୍ଷିତ ଜୀବନଯାପନ କରିବା ସହ ସେମାନଙ୍କ ଶୈଶବ ଅବସ୍ଥା ସୁସ୍ଥ ହେବ ବୋଲି ଉପଜିଲ୍ଲାପାଳ ଶ୍ରୀ ନାୟକ କହିଥିଲେ। କଳିକା କେନ୍ଦ୍ରରେ ଶିଶୁମାନଙ୍କ ପାଇଁ ସୁରକ୍ଷିତ ଖେଳିବା, ରହିବା, ପୁଷ୍ଟିକର ଖାଦ୍ୟ ଖାଇବା ଓ ଶୋଇବା ପାଇଁ ହୋଇଥିବା ବ୍ୟବସ୍ଥାକୁ ଦେଖି ସେ ଖୁସିବ୍ୟକ୍ତ କରିଥିଲେ। ସାମ୍ବାଦିକ ଶ୍ରୀ ପଟ୍ଟନାୟକ ବସ୍ତି ଅଞ୍ଚଳରେ ଶିଶୁମାନଙ୍କ ପାଇଁ ନିୟତି ଫାଉଣ୍ଡେସନର ଏତାଦୃଶ ପଦକ୍ଷେପର ଭୂୟସୀ ପ୍ରଶଂସା କରିଥିଲେ। ନିୟତି ଫାଉଣ୍ଡେସନ ପକ୍ଷରୁ ଖୋଲା ଯାଇଥିବା ଏହି କଳିକା କେନ୍ଦ୍ରର ସୁବିଧା ନେବା ପାଇଁ ସମାଜସେବୀ ଅଶୋକ ପଟ୍ଟନାୟକ ଅନୁରୋଧ କରିଥିଲେ। ନିୟତି ଫାଉଣ୍ଡେସନର ପ୍ରକଳ୍ପ ସଂଯୋଜକ ସତ୍ୟବାନ ବେହେରା ପ୍ରାରମ୍ଭରେ ସୂଚନା ଦେଇ କହିଲେ ଓଡ଼ିଶା ସରକାରଙ୍କର ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଓ ଓଏମବାଡସି ସହାୟତାରେ ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ମହାନଗର ନିଗମ ଅଞ୍ଚଳରେ ୧୧୫ ଟି ବସ୍ତିରେ ନିୟତି ଫାଉଣ୍ଡେସନ ତରଫରୁ ୬ ମାସ ରୁ ୩ ବର୍ଷର ଶିଶୁ ମାନଙ୍କ ପାଇଁ କଳିକା କେନ୍ଦ୍ର ସ୍ଥାପନ କରାଯାଉଛି। ଏହି କଳିକା କେନ୍ଦ୍ରରେ ଗ୍ରାମର ଦୁଇଜଣ ଅନୁଭବି ମହିଳାମାନଙ୍କୁ ତାଲିମ ଦେଇ କଳିକା କେନ୍ଦ୍ର ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଛି। ଏହି ଅବସରରେ ଅତିଥିମାନେ କଳିକା କେନ୍ଦ୍ରର ଶିଶୁମାନଙ୍କୁ ଖୁଆଇବା ସହିତ ଅଭିଭାବକ ମାନଙ୍କ ସହିତ ଆଲୋଚନା କରିଥିଲେ। ଉପସ୍ଥିତ ଅତିଥିବୃନ୍ଦ କଳିକା କେନ୍ଦ୍ର ପରିସରରେ ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଲ୍ୟାଣୀ ପୁହାଣ, ଆଶାକର୍ମୀ ତାରା ଟପ୍ପୋ, କଳିକା କେନ୍ଦ୍ରର କର୍ମୀ ରିତା ରାୟ ଓ ବିମଳା ଘୋଷ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ।



## ଦୀନବାନ୍ଧବ କ୍ଷେତ୍ର ରଥଯାତ୍ରାରେ ମାତିଲେ ଲୁଟେରା

# ଝାମ୍ପିନେଲେ ୯ ଲକ୍ଷ ଟଙ୍କାର ଗହଣା

**ଇବଥର୍ମାଲ, ୨୮ ।୬(ସମିସ):** ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ବନ୍ଧବାହାଲ ଫାଣ୍ଡି ଅନ୍ତର୍ଗତ ବନ୍ଧବାହାଲ ଦୀନବାନ୍ଧବ କ୍ଷେତ୍ରରେ ରଥଯାତ୍ରା ଧୂମଧାମରେ ଚାଲିଥିବା ବେଳେ ସୁରକ୍ଷା ଅଭାବରୁ ଲୁଟେରାଙ୍କ ପ୍ରଭାବ ବଢ଼ିବାରେ ଲାଗିଛି। ଗତବର୍ଷ ରଥଯାତ୍ରା ସମୟରେ ଲୁଟ୍ ଘଟଣା ଲୋକେ ଭୁଲିନଥିବା ବେଳେ ଚଳିତ ବର୍ଷ ରଥଯାତ୍ରାର ପ୍ରବଳ ଗହଳିର ସୁଯୋଗ ନେଇ ଲୁଟେରା ସକ୍ରିୟ ହୋଇଉଠିଛନ୍ତି। ପୁଲିସକୁ ଚାଲେଞ୍ଜ କରି ପ୍ରାୟ ୯ ଲକ୍ଷ ଟଙ୍କାର ସୁନାଚେନ୍ ସହ ୧୫ଶହ ଟଙ୍କା ଲୁଟିନେଇଥିବା ବନ୍ଧବାହାଲ ଫାଣ୍ଡିରେ ଅଭିଯୋଗ ହୋଇଛି। ଅଭିଯୋଗ କର୍ତ୍ତା କୁନି ଦାସ, ଜୟନ୍ତି ସେଠ୍, ସୁମିତ୍ରା ଦାସ, ପ୍ରଭାସିନୀ ପ୍ରଧାନ, ଇନ୍ଦୁମତୀ ଅଢବ, ଭାରତୀ ବାରିକ, ଲକ୍ଷ୍ମୀ ସା, ପୁଷ୍ପାଞ୍ଜଳୀ ସାହୁ, ରୀନାରାଣୀ ପରିଡ଼ା, ପଦ୍ମାଳୟା ପଟେଲ, ଗୀତାଞ୍ଜଳୀ ପ୍ରଧାନ ପ୍ରମୁଖଙ୍କ ସହ ୧୧ଜଣ ମହିଳାଙ୍କ ଠାରୁ ଲୁଟ୍ ହୋଇଥିବା ଲିଖିତ ଅଭିଯୋଗ ହୋଇଛି।ଏଥିରେ ୩ ଟି ମଙ୍ଗଳ ସୂତ୍ର ଥିବାବେଳେ ୮ଟି ସୂନାଚେନ୍ ରହିଛି। ଯାହାର ଆନୁମାନିକ ମୂଲ୍ୟ ନଅ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ପୁଲିସ ସମେତ ଇବଥର୍ମାଲ ସିକ୍ୟୁରିଟି ତଥା ଲଖନପୁର କୋଇଲାକ୍ଷେତ୍ର ସିକ୍ୟୁରିଟି ଥାଇବି ଏତେବଡ ଲୁଟ ହେବା ପୁଲିସର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଲିସ କହିବା କଥା ଯେ ଲୋକଙ୍କୁ ଗହଣା ପାନ୍ଧି ନ ଆସିବାକୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସତର୍କ କରାଯାଇଥିଲା। ପୁଲିସ ପ୍ରଶାସନ ବାରମ୍ବାର ଲୋକଙ୍କୁ ସଚେତନ କଲା ପରେ ବି ମହିଳାମାନେ ଯାତ୍ରା ସମୟରେ ସୁନା ଗହଣା ପାନ୍ଧି ଆସିବା ଓ ସୁରକ୍ଷା ପ୍ରତି ଯତ୍ନବାନ ନହେବା କଥା କୁହାଯାଇଛି। ବନ୍ଧବାହାଲ ପୁଲିସ ଛତିଶଗଡ଼ ଅଞ୍ଚଳର କିଛି ମହିଳାଙ୍କୁ ଫାଣ୍ଡିରେ ଅଟକ ରଖି ପଚରାଉଚରା କରିଥିଲେ ବି କିଛି ସୁଫଳ ମିଳିନାହିଁ। ସିସିଟିଭି କ୍ୟାମେରା, ଡ୍ରୋନ କ୍ୟାମେରା ତଥା କିଛି ଲୋକଙ୍କ ଭିଡିଓ ଆଧାରରେ ପୁଲିସ ତଦନ୍ତ ଜାରି ରଖିଛି। ଲୁଟର ଶିକାର ହୋଇଥିବା କିଛି ମହିଳା ବନ୍ଧବାହାଲ ଫାଣ୍ଡିରେ ଆସି ଅଭିଯୋଗ କରିଛନ୍ତି।



# ଭାରୀଯାନ ଓଲଟି ବାଇକ୍ ଓ ଘର ଭାଙ୍ଗିଲା

**ଝାରସୁଗୁଡା, ୨୮ ।୬(ସମିସ):** ଝାରସୁଗୁଡା ସହରର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟର ଏକ ଅଣଓସାରିଆ ରାସ୍ତାରେ ଜନସାଧାରଣଙ୍କ ବିରୋଧ ସତ୍ତ୍ୱେ ଭାରିଯାନ ନେଉଥିବା ସମୟରେ ଓଲଟି ପଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ସ୍ଥାନୀୟ ଲୋକଙ୍କ ଅନେକ କ୍ଷତି ହୋଇଥିବା ନେଇ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟର ଲୋକମାନେ ଅଭିଯୋଗ କରିଛନ୍ତି। ଭାରିଯାନ ଅଣ ଓସାରିଆ ରାସ୍ତାରେ ଯାଉଥିବା ବେଳେ ଓଲଟି ପଡ଼ି ନିକଟରେ ଥିବା ବାଇକ୍ ଓ ଘର ଉପରେ ପଡ଼ି ଅନେକ କ୍ଷୟକ୍ଷତି ହୋଇଛି। କ୍ଷୟକ୍ଷତି ହୋଇଥିବା ସୁମତି ନାୟକ କ୍ଷତିପୂରଣ ପାଇଁ ଦାବି କରିଛନ୍ତି। ଦୁର୍ଘଟଣା ପରେ କ୍ଷତିପୁରଣ ଦାବି କରିବା ସହ ଅଣଓସାରିଆ ରାସ୍ତାରେ ଭାରିଯାନ ନନେବା ପାଇଁ ଲୋକେ ଦାବି କରିଛନ୍ତି।



# ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦେଖି ଭକ୍ତ ବିମୋହିତ







ଇବଥର୍ମାଲ, ୨୮ ।୬(ସମିସ)

## ଖଡାମ ଓ ଅଢାପଡ଼ାରେ ରଥଯାତ୍ରା

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ତୃତୀୟ ଜୋନ୍ ଅନ୍ତର୍ଗତ ଖଡାମ ଓ ଅଢାପଡ଼ା ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଟି ଗାଁରେ ଆଷାଢ ଦ୍ୱିତୀୟା ପରିବର୍ତ୍ତେ ତୃତୀୟା ଦିନ ଗୁଣ୍ଡିଚା ଯାତ୍ରା କରାଯାଇଥାଏ। ଏଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପରିବର୍ତ୍ତେ କେବଳ ପ୍ରଭୁ ଜଗନ୍ନାଥଙ୍କୁ ନେଇ ରଥଯାତ୍ରା କରାଯାଇଥାଏ। ଖଡାମ ଗ୍ରାମରେ ନିଜସ୍ୱ ମନ୍ଦିର ହେବାଠାରୁ ନିଜ ଗ୍ରାମରେ ପୂଜିତ ଠାକୁରଙ୍କୁ ନେଇ ରଥଯାତ୍ରା ହେଉଥିବାବେଳେ ଅଢାପଡ଼ା ଗ୍ରାମରେ ଅତିଥି ଠାକୁରଙ୍କୁ ନେଇ ରଥଯାତ୍ରା କରାଯାଏ। ଖଡାମ ଗ୍ରାମରେ ଘର ସମ୍ମୁଖରେ ମୁରୁଜ ପକାଇ କଳସ ସ୍ଥାପନ କରି ଠାକୁରଙ୍କ ନାଁରେ ଦୀପଜାଳି ପୂଜା କରିବା ପରମ୍ପରା ଥିବା ବେଳେ ମହିଳା ପୁରୁଷ ଏକାଠି ରଥ ଟାଣିବା ଦେଖା ଯାଇଥିଲା। ଗୌନ୍ତିଆ ପରିବାରର ଭୁତେଶ ପ୍ରଧାନ ଗଜପତି କାର୍ଯ୍ୟ ସମ୍ପାଦନ କରି ଛେରା ପହଁରା କରିଥିବା ବେଳେପହଣ୍ଡି ଓ ପୂଜାକାର୍ଯ୍ୟ ନାରାୟଣ ପାଢ଼ୀ, ମଳୟ ପଣ୍ଡା, ରମେଶ ପାଢ଼ୀ, ତାପସ ତ୍ରିପାଠୀ, ଫଣୀନ୍ଦ୍ର ପଧାନ, ନରେଶ ପଧାନ, ଅଚ୍ୟୁତାନନ୍ଦ ପଧାନ, ଦେବେନ୍ଦ୍ର ପଧାନ, ଯୁଗେଶ ପଧାନ, ଦେବାନନ୍ଦ ପଧାନ, ସୁବ୍ରତ ପଧାନ ସହଯୋଗ କରିଥିଲେ।ସେହିପରି ପୁରୁଣା ଅଢାପଡ଼ାରୁ ହୀରାକୁଦ ନଦୀବନ୍ଧ ଯୋଗୁଁ ପରିବାର ବିସ୍ଥାପିତ ହୋଇ ନୂଆଁ ଅଢାପଡ଼ା ସ୍ଥାପନ କଲାପରେ ରଥଯାତ୍ରା ହୋଇଆସୁଛି। ହେଲେ ଗ୍ରାମର ନିଜସ୍ୱ ଠାକୁର ନଥିବାରୁ ଅତିଥି ଠାକୁରଙ୍କୁ ନେଇ ରଥଯାତ୍ରା କରାଯାଏ। ବର୍ଷସାରା କାଳିଆ ଠାକୁର ତିଲିଆ ଗ୍ରାମରେ ରହି ପୂଜିତ ହୁଅନ୍ତି ଏବଂ ଆଶାଢ ଦ୍ୱିତୀୟାରେ ଭୁଥିଆ ଗ୍ରାମକୁ ଅଣାଯାଇ ସେଠାରେ ରଥଯାତ୍ରା କରାଯିବା ପରେ ସେଠାରୁ ତୃତୀୟା ଦିନ ଅଢାପଡ଼ା ଗ୍ରାମକୁ ଠାକୁରଙ୍କୁ ଅଣାଯାଇ ରଥଯାତ୍ରା କରାଯାଏ। ଗାଁ ରେ ଜଗନ୍ନାଥ ମନ୍ଦିର ନଥିବାରୁ ଜନନେତା ପ୍ରସନ୍ନ ପଣ୍ଡାଙ୍କ ଘରେ ଠାକୁରଙ୍କୁ ରଖି ପୂଜାର୍ଚ୍ଚନା ନିତିକାନ୍ତି ସମ୍ପନ୍ନ ପରେ ୪ଟାରେ ପହଣ୍ଡି କରାଯାଇଥିଲା। କୁଶ୍ରାଲୋଇ ସରପଞ୍ଚ ରଘୁମଣି ଗଜପତି କାର୍ଯ୍ୟ ତୁଲେଇଥିବା ବେଳେ ପୂଜକ ସୁରେନ୍ଦ୍ର ଦାସ, ପ୍ରଶାନ୍ତ ତ୍ରିପାଠୀ, ନୃପେନ୍ଦ୍ର ପ୍ରଧାନ, ରଞ୍ଜନ ଭୋଇ, ସେନାପତି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ରଥ ଟାଣିବାକୁ ଶ୍ରଦ୍ଧାଳୁଙ୍କ ଗହଳି

**ଦେବଗଡ଼:** ଶ୍ରୀକ୍ଷେତ୍ର ପୁରୀ ସମେତ ଦେଶର ବିଭିନ୍ନ ସ୍ଥାନରେ ଶୁକ୍ରବାର ପବିତ୍ର ରଥଯାତ୍ରା ଉତ୍ସାହ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଥିବା ବେଳେ ପୂର୍ବ ପରମ୍ପରା ଅନୁଯାଇ ଦେବଗଡ଼ରେ ଶନିବାର ଆଷାଢ଼ ତୃତୀୟା ତିଥିରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୁରୁଣାଗଡ଼ସ୍ଥିତ ଜଗନ୍ନାଥ ମନ୍ଦିରରେ ଗତକାଲି ତିନି ଠାକୁରଙ୍କ ବିଭିନ୍ନ ରୀତିନୀତି ପରେ ଅପରାହ୍ନରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି ବିଜେ କରାଯାଇ ରଥାରୂଢ କରାଯାଇଥିଲା।ଗତକାଲି ତିନି ଠାକୁର ଭକ୍ତମାନଙ୍କୁ ରଥରେ ହିଁ ଦର୍ଶନ ଦେଇଥିଲେ। ପରମ୍ପରା ଅନୁଯାଇ ରାଜାଙ୍କ ଅନୁପସ୍ଥିତିରେ ସଂଧାରେ ଯୁବରାଜ ନମନ ଗଙ୍ଗଦେବ ଓ ରାନିଶ ଗଙ୍ଗଦେବ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଳତୀ କରିବା ପରେ ଶ୍ରଦ୍ଧାଳୁମାନେ ହରିବୋଲ ସହ ରଥକୁ ଟାଣିଥିଲେ। ପୂର୍ବ ପରମ୍ପରା ଅନୁଯାଇ ରଥ ଟଣାର ପ୍ରଥମ ଦିବସରେ ରଥ ଅଧା ବାଟରେ ଅଟକିଥିବା ବେଳେ ଆସନ୍ତାକାଲି (ରବିବାର) ପୁନର୍ବାର ରଥଟଣା ଯାଇ ମାଉସୀ ମା'ମନ୍ଦିରରେ ପହଁଞ୍ଚିବ। ରଥଯାତ୍ରା ଅବସରରେ ଧର୍ମେନ୍ଦ୍ର ପ୍ରଧାନ ଫ୍ୟାନ କ୍ଲବ୍ ପକ୍ଷରୁ ପୌରପରିଷଦ ଭାରପ୍ରାପ୍ତ ଅଧକ୍ଷ ପ୍ରଜିତ କୁମାର ଭୋଜଙ୍କ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା।



## ବଡ଼ତଇଲା ଗ୍ରାମରେ ରଥଯାତ୍ରା

**ଦେବଗଡ଼:** ବାରକୋଟ ବ୍ଲକ ଅନ୍ତର୍ଗତ ବଡ଼ତଇଲା ଗ୍ରାମରେ ଆଜି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ସହ ଅନୁଷ୍ଠିତ ହୋଇଛି। ଅପରାହ୍ନରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ସହିତ ପହଣ୍ଡିବିଜେ କରାଯାଇଥିଲା। ବଡ଼ତଇଲା ଗ୍ରାମର ବରିଷ୍ଠ ନାଗରିକ ରସାଞ୍ଚଳ ଦେହୁରୀ ଛେରାପହଁରା ନୀତି କାର୍ଯ୍ୟ ସମ୍ପାଦନ କରିବା ପରେ ଘଣ୍ଟବାଦ୍ୟ ଓ ସଙ୍କୀର୍ତ୍ତନ ତାଳେ ତାଳେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇ ସନ୍ଧ୍ୟାରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ଆଖପାଖ ଅଞ୍ଚଳରୁ ହଜାର ହଜାର ଭକ୍ତ ଯୋଗ ଦେଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ବାରକୋଟ ଥାନା ପୁଲିସ ଉପସ୍ଥିତିରେ ଆୟୋଜକ କମିଟୀ ସଦସ୍ୟମାନେ ସମନ୍ୱୟ ରକ୍ଷାକରି ଶାନ୍ତିଶୃଙ୍ଖଳା ସହ ରଥଟଣା କାର୍ଯ୍ୟ ସମ୍ପାଦନ କରିଥିଲେ।

## ମିଶନ ଆଶାଲୋକରେ ଘୋଷଯାତ୍ରା

**ଝାରସୁଗୁଡ଼ା:** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଖଣିଜ ପାଣ୍ଠି ସହାୟତାରେ ପରିଚାଳିତ ପିପୁଲ୍ସ ଫୋରମ୍‌ର ବଡ଼ମାଳସ୍ଥିତ ମିଶନ ଆଶାଲୋକରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଳିତ ହୋଇସାରିଛି। ମିଶନ ଆଶାଲୋକର ସମସ୍ତ ଅନ୍ତେବାସୀ ଘୋଷଯାତ୍ରା ପର୍ବକୁ ମିଳିମିଶି ଉପଭୋଗ କରିଥିଲେ। ଅନ୍ତେବାସୀମାନେ ସକାଳୁ ନୂତନ ବସ୍ତ୍ର ପରିଧାନ କରିବା ସହିତ ଜଗତର ନାଥ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଭଜନ କାର୍ଯ୍ୟକ୍ରମ କରାଇଥିଲେ। ବିଧି ବଧ ଭାବରେ ମଙ୍ଗଳ ଆଳତି ପୂଜାର୍ଚ୍ଚନା କରିବା ଏବଂ ବିଭିନ୍ନ ପ୍ରକାରର ପୁଷ୍ପ ଅର୍ପଣ କରିଥିଲେ।ପରେ ରଥ ଟଣା କାର୍ଯ୍ୟକ୍ରମ ଘଣ୍ଟ, ଘଣ୍ଟି, ଶଙ୍ଖ ତଥା ମୃଦଙ୍ଗର ତାଳେ ତାଳେ ଜୟ ଜଗନ୍ନାଥ ଧ୍ୱନିରେ ଅପରାହ୍ନରେ ରଥଟଣା କାର୍ଯ୍ୟ ଶେଷ କରିଥିଲେ। କାର୍ଯ୍ୟକ୍ରମରେ ଝାରସୁଗୁଡା ଅଞ୍ଚଳସ୍ଥିତ ପିପୁଲ ଫୋରମର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ■ ମହିଳାଙ୍କୁ ପଥରରେ ଛେଚି ହତ୍ୟା ଅଭିଯୋଗ

# ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସର ତଦନ୍ତ



**ଦେବଗଡ଼, ୨୮ ।୬ (ସମିସ):** ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଶରଣକୋଟଗ୍ରାମରେ ନିଜ ଘରୁ ଜଣେ ବିବାହିତ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୁଣ୍ଡରେ ପଥର ଛେଚି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରେ ପୁଲିସ ଜାଣିବାକୁ ପାଇଛି। ମୃତ ମହିଳା ଲୋକନାଥ ନାଏକଙ୍କ ସ୍ତ୍ରୀ ଦୁଃଖୀ ନାଏକ (୫୦)। ମିଳିଥିବା ସୂଚନା ଅନୁଯାଇ ଶୁକ୍ରବାର ରାତିରେ ଦୁଃଖୀ ତାଙ୍କ ସ୍ୱାମୀ ଲୋକନାଥ ଓ ଝିଅ ପୂଜା ଶୋଇଥିଲେ। ବିଳମ୍ବିତ ରାତିରେ ମାଆ ଦୁଃଖୀ ମରି ପଡ଼ିଥିବା ନେଇ ଝିଅ ପୂଜା ପାଲଲହଡା ଥାନା ଅନ୍ତର୍ଗତ ଚଷା ଗୁରୁଜାଙ୍ଗଗ୍ରାମର ମାମୁଁ ପ୍ରଶାନ୍ତ ନାଏକଙ୍କୁ ଫୋନ ଯୋଗେ ସୂଚନା ଦେଇଥିଲେ। ଶନିବାର ସକାଳୁ ମୃତ ଦୁଃଖୀଙ୍କ ଭାଇ ପ୍ରଶାନ୍ତ ଶରଣକୋଟଗ୍ରାମ ନିଜ ଭଉଣୀ ଘରେ ପହଞ୍ଚିବା ପରେ ଭଉଣୀ ଦୁଃଖୀ ମରି ପଡ଼ିଥିବା ଦେଖିବା ପରେ ବାରକୋଟ ଥାନାକୁ ଆସି ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ହତ୍ୟା ମାମଲା ରୁଜୁ କରି ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରି ମୃତଦେହ ବ୍ୟବଛେଦ ପାଇଁ ପାଲଲହଡା ଡାକ୍ତରଖାନାକୁ ପଠାଇଛି। ପୁଲିସ ମୃତ ମହିଳାଙ୍କ ସ୍ୱାମୀ ଲୋକନାଥ ଓ ଝିଅ ପୂଜାକୁ ଅଟକ ରଖି ପଚରା ଉଚୁରା ଜାରି ରଖି ତଦନ୍ତ ଚଳାଇଛି।

## କାଇଝରଣ ଘାଟିରେ ନରକଙ୍କାଳ ଠାବ



**ଦେବଗଡ଼, ୨୮ ।୬ (ସମିସ):** କୁରୋଡ଼କୋଟ ପାହାଡ଼ କାଇଝରଣ ଘାଟିରୁ ନରକଙ୍କାଳ ଠାବ ହୋଇଛି। ଶନିବାର ସକାଳୁ କେତେକ ମହିଳା ଜଙ୍ଗଲକୁ ଛତୁ ସଂଗ୍ରହ କରିବାକୁ ଯାଇଥିବା ବେଳେ କାଇଝରଣ ଘାଟି ଠାରେ ଏକ ଗଛମୂଳରେ କଙ୍କାଳ ପଡ଼ିଥିବା ଦେଖିବାକୁ ପାଇଥିଲେ। ଜଙ୍ଗଲରୁ ଘରକୁ ଫେରିବା ପରେ ଘଟଣା ସମ୍ପର୍କରେ ଦେବଗଡ଼ ଥାନା ପୁଲିସକୁ ସୂଚନା ଦେଇଥିଲେ। ସୂଚନା ଆଧାରରେ ଦେବଗଡ଼ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ନରକଙ୍କାଳକୁ ଠାବ କରିଛି। ତେବେ ପୁଲିସ ନିକଟରେ କୌଣସି ବ୍ୟକ୍ତିଙ୍କ ନିଖୋଜ ଅଭିଯୋଗ ନଥିବାରୁ ଏହି ନରକଙ୍କାଳ କାହାର ଏବଂ କେଉଁ ପରିସ୍ଥିତିରେ ପାହାଡ଼ ଉପରକୁ ଆସିଲା ଅଧିକ ତଦନ୍ତ ପାଇଁ ଥାନା ପୁଲିସ ସାଇଣ୍ଟିଫିକ ଟିମର ସହାୟତା ଲୋଡିଛି। ରବିବାର ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ଘଟଣାସ୍ଥଳକୁ ଯାଇ ତଦନ୍ତ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

# ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




**ଝାରସୁଗୁଡା, ୨୮ ।୬(ସମିସ):** ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ପୌର ପରିଷଦ ଅନ୍ତର୍ଗତ ମଧୁବନନଗରରେ ଶନିବାର ଦିନ ମଣ୍ଡଳିଆସ୍ଥିତ ଏମ୍‌ସିଏଲ ଇବଭ୍ୟାଲି ଏରିଆ କେନ୍ଦ୍ରୀୟ ଚିକିତ୍ସାଳୟ ତରଫରୁ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜନସାଧାରଣଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ୧୪ ଜଣଙ୍କ ଉଚ୍ଚ ରକ୍ତଚାପ, ୧୩ ଜଣଙ୍କ ମଧୁମେହ ପରୀକ୍ଷା ସହିତ ୨୩ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଶିବିରରେ ମଣ୍ଡଳିଆ କେନ୍ଦ୍ରୀୟ ଚିକିତ୍ସାଳୟର ଡ. ସମରେନ୍ଦ୍ର ମହାନାୟକ, ଡ.ମଧୁବାଳା ପ୍ରିୟଦର୍ଶିନୀ, ଡ. କପିଳ ଭରିୟାର, ଡ. ସୀମା ମଲ୍ଲିକ, ଡ. ଆଇଏସ ରେଡ୍ଡୀ ପ୍ରମୁଖ ବିଶେଷଜ୍ଞ ଡାକ୍ତର ଜନ ସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅଂଶୁମାନ ସାହୁ, ପୀତବାସ ପଟେଲ, ରାଜୁ ପ୍ରଧାନ, ନିଦ୍ରାବତୀ ପଟେଲ, ରଜତ ରଶ୍ମି ଶତପଥି, ରୋଷନ୍ତ ପ୍ରଧାନ, ଗୋବିନ୍ଦ ମାଝୀ, ମହେଶ୍ୱର ଗଡଡ଼ ପ୍ରମୁଖ ମଧୁବନ ନଗର ଠାରେ ଆୟୋଜିତ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରକୁ ସଫଳ କରିବାରେ ସହଯୋଗ କରିଥିଲେ।

# ବେଲପାହାଡ଼ ଇଂଲିଶ ମିଡିୟମ୍ ବିଦ୍ୟାଳୟରେ ଦୌଡ଼କୁଦ ପ୍ରତିଯୋଗିତା

ଝାରସୁଗୁଡା, ୨୮ ।୬(ସମିସ)



ଝାରସୁଗୁଡା ଜିଲ୍ଲା ବେଲପାହାଡ଼ସ୍ଥିତ ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟରେ ଶନିବାର ଦିନ କାଉନସିଲ ଫର ଇଣ୍ଡିଆନ ସାର୍ଟିଫିକେଟ ଏଗଜାମିନେଶନ (ସିଆଇଏସସିଇ) ଜୋନାଲ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗୀତାରେ ଝାରସୁଗୁଡା ଜୋନ ଅନ୍ତର୍ଗତ ୮ଟି ଆଇସିଏସି ବିଦ୍ୟାଳୟ ର ମୋଟ ୧୨୦ ଜଣ ଖେଳାଳୀ ଭାଗ ନେଇଥିଲେ। ୧୪ ବର୍ଷରୁ କମ୍, ୧୭ ବର୍ଷରୁ କମ୍ ଓ ୧୯ ବର୍ଷରୁ କମ୍ ବିଭାଗରେ ଉଭୟ ବାଳିକା ଓ ବାଳକମାନଙ୍କର ବିଭିନ୍ନ ଦୌଡ଼କୁଦ ପ୍ରତିଯୋଗିତା ହୋଇ ଯାଇଛି। ଉଦଘାଟନୀ ଉତ୍ସବରେ ବିଇଏମ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୋମେଶ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ପରିଚାଳନା କମିଟିର ସମ୍ପାଦକ କାହ୍ନୁଚରଣ ପ୍ରଧାନ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧକ୍ଷ ସ୍ୱାଗତ ଭାଷଣ ଉପସ୍ଥାପନ କରିଥିଲେ। ଶାରୀରୀକ ଶିକ୍ଷା ଶିକ୍ଷକ ତଥା ପ୍ରତିଯୋଗିତାର ଫିଲ୍ଡ ମାର୍ଶଲ ହମିଦ କୁମାର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଉପ ଅଧକ୍ଷ ପ୍ରଫୁଲ୍ଲ କୁମାର ମହାପାତ୍ର, ଉପାଧ୍ୟକ୍ଷ ବିଜୟ କୁମାର ଗୌଡ଼ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ପରିଚାଳନା କମିଟିର ସମ୍ପାଦକ କାହ୍ନୁଚରଣ ପ୍ରଧାନ ପ୍ରମୁଖ କୃତୀ ଖେଳାଳିଙ୍କୁ ସାର୍ଟିଫିକେଟ ଓ ମେଡାଲ ପ୍ରଦାନ କରିଥିଲେ। ଉତ୍କୃଷ୍ଟ କ୍ରୀଡ଼ା ପ୍ରଦର୍ଶନ କରିଥିବା ଖେଳାଳିମାନେ ଆଗକୁ ହେବାକୁ ଥିବା ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଭାଗ ନେବେ। ପ୍ରତିଯୋଗିତାକୁ ଶାରୀରିକ ଶିକ୍ଷା ଶିକ୍ଷକ ହମିଦ କୁମାର ମହାପାତ୍ର, ଦେବେନ୍ଦ୍ର କୁମାର ବେହେରା, ଚନନ୍ତି ମିଞ୍ଜ, ଶାନ୍ତି ନାୟକ, ନନ୍ଦିନୀ ରାଉତ, ପଞ୍ଚାନନ ପାଣିଗ୍ରାହୀ, ଅଭିଳାଶ ସାହୁ, ସଞ୍ଜୟ କୁମାର ପାଢ଼ୀ, ଅକ୍ଷୟ କୁମାର ନାୟକ, ଜୟନ୍ତ ଲାକରା, ରସ୍ମିତା ପାଣିଗ୍ରାହୀ ପରିଚାଳନା କରିଥିଲେ।ବିଦ୍ୟାଳୟର ଶିକ୍ଷକ ଅଶୋକ ଧିର ସାମନ୍ତ, ସୁନନ୍ତ କୁମାର ପଣ୍ଡା, ମନୋଜ ବିଦ୍ଧାଣୀ, ଅଶୋକ ରାଉତରାୟ, ଧର୍ମେନ୍ଦ୍ର ବିଶ୍ୱକର୍ମା, ପ୍ରତୀକ ମହାନ୍ତି, ସିମରନ ସିଂ, କବିତା ପଟେଲ ପ୍ରମୁଖ ସହଯୋଗ କରିଥିଲେ।


यूनियन बैंक Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖନ୍ଦ, ଓଟି ରୋଡ଼, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୦୭.୦୭.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା** ସମୟରେ ସେମାନଙ୍କରୁ ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| | **ଯୋଡା ଶାଖା, ମେନ୍ ରୋଡ୍, ଯୋଡା, ପିନ୍-୭୫୮୦୩୮, ମୋ.: ୯୬୩୫୧୪୨୭୨୩** | | | |
| ୧. | **ଚାନ୍ଦମଣୀ ପେଣ୍ଡେଇ,** ସ୍ୱାମୀ: ନରୋତ୍ତମ ପେଣ୍ଡେଇ, ଜରୋଳି, ଜଜାଙ୍ଗ, ଯୋଡା, ପିନ୍-୭୫୮୦୩୪ / **(୧) ୧୩୬୭୧୬୫୩୦୦୦୦୩୮୧,** | ଟ.୩୧,୨୩୫.୧୬ | ୭.୪୦୪ | ୮.୯୨ |
| | **(୨) ୧୩୬୭୧୬୫୩୦୦୦୦୩୮୩** | ଟ.୧୯,୬୧୩.୦୦ | ୪.୩୧୨ | ୫.୭୫ |
| ୨. | **ହରେକୃଷ୍ଣ ପାତ୍ର,** ପିତା: ଲକ୍ଷ୍ମୀଧର ପାତ୍ର, ୧, ସା: ପାଣ୍ଡିଆ, ଜଜାଙ୍ଗ, ପୋ: ଜଜାଙ୍ଗ, ଯୋଡା, ପିନ୍-୭୫୮୦୩୪ / **୧୩୬୭୧୬୫୩୦୦୦୦୩୯୧** | ଟ.୨୭,୪୦୫.୦୦ | ୬.୦୯୫ | ୭.୪୧ |
| ୩. | **ସୁନିତା ପୂର୍ତ୍ତୀ,** ସ୍ୱାମୀ: ସୁକଦେବ ପୂର୍ତ୍ତୀ, କୋହ୍ଲରଇଡା, ଭୂୟାଁରଇଡା, ଯୋଡା, ପିନ୍-୭୫୮୦୩୫ / **୧୩୬୭୧୬୫୩୦୦୦୦୩୮୦** | ଟ.୨୩,୬୩୮.୮୫ | ୫.୫୬୬ | ୬.୬୫ |
| ୪. | **ହେନା ପ୍ରବୀନ,** ପିତା: ଅଖତର ହୁସେନ୍, ସା: ଦିପୁହାଟିଙ୍ଗ, ଯୋଡା, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୩୪ / **୧୩୬୭୧୬୫୪୦୦୦୦୨୨୧** | ଟ.୨୯,୦୭୩.୦୦ | ୬.୧୨୨ | ୭.୫୨ |
| | **ବଡବିଲ ମୁଖ୍ୟ ଶାଖା, ମାୟା କମ୍ପ୍ଲେକ୍ସ, ବଡବିଲ ମେନ୍ ରୋଡ୍, ପିନ୍-୭୫୮୦୩୫, ମୋ.: ୮୦୦୭୯୨୨୩୩୬** | | | |
| ୧. | **ଅଭିକ ଘୋଷ,** ମାର୍ଫତ: ଅଜିତ ମିଶ୍ର, ୱାର୍ଡ ନଂ. ୭, ସା: ପଞ୍ଜାବୀପଡା, କେନ୍ଦୁଝର, ପିନ୍-୭୫୮୦୩୫ / **(୧) ୩୧୦୨୨୬୫୩୦୦୦୦୬୩୬,** | ଟ.୯୫,୩୧୯.୦୦ | ୨୧.୦୭୫ | ୨୫.୪୪୫ |
| | **(୨) ୩୧୦୨୨୬୫୩୦୦୦୦୬୫୫,** | ଟ.୬୬,୮୦୦.୦୦ | ୧୪.୫୩୫ | ୧୭.୧ |
| | **(୩) ୩୧୦୨୨୬୫୩୦୦୦୦୬୩୨** | ଟ.୧୧,୨୦୧.୭୩ | ୨.୫ | ୩.୫୮ |
| ୨. | **ଅରବିନ୍ଦ ସିଂହ,** ପିତା: ମଗନ ସିଂହ, ମାର୍ଫତ: ତେହେରାଇ ଆଇରନ୍ ଆଣ୍ଡ ଏମ୍ଏନ୍ ମାଇନ୍ସ, ସା/ପୋ: କୋଇଡା, ବଡବିଲ, ପିନ୍-୭୫୮୦୩୫ / **୩୧୦୨୨୬୫୩୦୦୦୦୫୪୯** | ଟ.୧୧,୩୪୫.୭୭ | ୨.୫୮୫ | ୩.୩୧୫ |
| | **କେନ୍ଦୁଝର ମୁଖ୍ୟ ଶାଖା, ସା: ପ୍ଲଟ୍ ନଂ.: ୪୮୯, ୱାର୍ଡ ନଂ.: ୧୪, କେନ୍ଦୁଝର, ଟାଉନ୍ ପୋଲିସ୍ ଷ୍ଟେସନ୍ ସ୍କୋୟାର ନିକଟ, ମୋ.: ୭୫୬୭୪୩୮୪୪୮** | | | |
| ୧. | **ସତ୍ୟଜିତ ମହାରଣା,** ପିତା: ଦାଶରଥି ମହାରଣା, ଗୋବର୍ଦ୍ଧନ, ରାଇସୁଆଁ, କେନ୍ଦୁଝର, ପିନ୍-୭୫୮୦୧୩ / **୧୨୯୯୧୬୫୪୦୦୦୦୯୭୬** | ଟ.୭୫,୩୦୪.୦୦ | ୧୩.୬୩ | ୧୫.୭ |
| | **ଧାମରା ଶାଖା, ଧାମରା, ପାଇକସାହି, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୭୧, ମୋ.: ୮୬୬୦୭୩୧୦୦୭** | | | |
| ୧. | **ଗୁଣଧର କାମିଲା,** ପିତା: ପଞ୍ଚାନନ କାମିଲା, କଇଥଖୋଲା, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୭୧ / **୬୨୧୮୦୬୫୪୦୦୦୧୩୪୮** | ଟ.୬୫,୦୦୦.୦୦ | ୩୬.୨ | ୪୩.୦୭ |
| ୨. | **ଶ୍ରୀଧର ସେଠୀ,** ସା: ବଳିଆରପୁର, ପୋ: ବାଁଶଡା, ଭାୟା: ଧାମରା, ଭଦ୍ରକ, ପିନ୍-୭୫୬୧୭୧ / **୬୨୧୮୦୬୫୪୦୦୦୧୯୩୬** | ଟ.୧୬,୫୦୦.୦୦ | ୯.୭ | ୧୨.୫ |
| | **ଉଦଳା ଶାଖା, ୱାର୍ଡ ନଂ.: ୫, ସିନେମା ହଲ ରୋଡ୍, ଉଦଳା, ପିନ୍-୭୫୭୦୪୧, ମୋ.: ୮୪୫୬୮୮୧୦୯୫, ୮୬୩୭୨୬୧୮୪୪** | | | |
| ୧. | **ପୁରସ୍ତମ ମାଝୀ,** ମାର୍ଫତ: ରମେଶ ଚନ୍ଦ୍ର ମାଝୀ, ସା: ବଡ଼ବିଶୋଳ, ପୋ: ସାନବିଶୋଳ, ଥାନା: କପ୍ତିପଦା, ମୟୂରଭଞ୍ଜ, ପିନ୍-୭୫୭୦୪୦ / **୨୫୫୪୧୬୫୪୦୦୦୦୨୫୬** | ଟ.୫୯,୯୬୩.୦୦ | ୧୨.୮ | ୧୩.୯୮ |
| | **ମାଷ୍ଟର ବାବୁ କମ୍ପ୍ଲେକ୍ସ ଶାଖା, ଭଦ୍ରକ, ପ୍ଲଟ୍ ନଂ.: ୧୯୧/୩୭୮୬ ଏବଂ ୧୯୨, ମୌଜା: କୁଆଁଶ, ବାଏପାସ୍ ରୋଡ୍, ପିନ୍-୭୫୬୧୦୦, ମୋ.: ୯୯୧୦୧୧୦୬୯୬** | | | |
| ୧. | **ରବିନ୍ଦ୍ର ମଲ୍ଲିକ,** ପିତା: ବିଦ୍ୟାଧର ମଲ୍ଲିକ, ସା: ତେନ୍ତୁଳିଆ, ପୋ: ବାସୁଦେବପୁର, ଭଦ୍ରକ, ପିନ୍-୭୫୬୧୨୫ / **୩୩୫୬୨୬୫୪୦୦୦୧୦୭୭** | ଟ.୨,୫୩,୨୩୫.୦୦ | ୪୮.୩ | ୫୯.୫ |
| | **ଯାଜପୁର ରୋଡ୍ ଶାଖା, ପ୍ଲଟ୍ ନଂ.: ୩୪୮/୧୧୮୯, ଯାଜପୁର ଚୋରଡା ରୋଡ, ପିନ୍-୭୫୫୦୧୯, ମୋ.: ୮୩୨୮୮୬୯୦୨୫** | | | |
| ୧. | **ରିଙ୍କୁ ଦେବୀ,** ସ୍ୱାମୀ: ସୁନିଲ ରାମଦେବ ଗିରି, ସା: କାଚହୁଡି, ପୋ: ସୋବରା, ଯାଜପୁର ରୋଡ୍, ଯାଜପୁର, ପିନ୍-୭୫୫୦୧୯ / **୭୦୪୮୦୬୫୪୦୦୦୦୪୨୯** | ଟ.୨୮,୧୮୬.୦୦ | ୫.୪୯ | ୬.୧ |
| | **୭୦୪୮୦୬୫୪୦୦୦୦୩୮୩** | ଟ.୨୭,୪୬୨.୦୦ | ୫.୩୭ | ୫.୯୭ |
| | **୭୦୪୮୦୬୫୪୦୦୦୦୩୬୦** | ଟ.୨୪,୦୮୭.୦୦ | ୫.୧୭ | ୬ |
| | **୭୦୪୮୦୬୫୪୦୦୦୦୩୨୭** | ଟ.୨୦,୩୪୯.୯୨ | ୩.୬୮ | ୪.୬ |
| | **୭୦୪୮୦୬୫୪୦୦୦୦୪୨୫** | ଟ.୧୬,୩୬୮.୦୦ | ୩.୨୩ | ୩.୫୯ |
| | **୭୦୪୮୦୬୫୪୦୦୦୦୩୩୬** | ଟ.୧୧,୮୦୮.୦୦ | ୨.୬ | ୩.୨୫ |
| | **ରେମୁଣା-ଜାନୁଗଞ୍ଜ ଶାଖା, ଗଣେଶ୍ୱରପୁର, ଜାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩** | | | |
| ୧. | **ମିନତୀ ଜେନା,** ସ୍ୱାମୀ: ଚନ୍ଦ୍ର ମୋହନ ଜେନା, ସା: କହରାକୁଳ, ପୋ: ନଅଗ୍ରାମ, ବାଲେଶ୍ୱର, ପିନ୍-୭୫୬୦୨୭ / **୭୨୩୭୦୬୫୪୦୦୦୦୭୯୬** | ଟ.୩୧,୬୯୫.୪୧ | ୫.୧୫ | ୬.୪୭ |
| | **ବାଲିଚନ୍ଦ୍ରପୁର ଶାଖା, ପାତ୍ରରାଜପୁର, ପୋ: ବାଲିଚନ୍ଦ୍ରପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୪୨୦୫, ମୋ.: ୭୯୮୦୧୯୮୩୧୩** | | | |
| ୧. | **ରଞ୍ଜିତ କୁମାର ଜେନା,** ପିତା: ନନ୍ଦ କିଶୋର ଜେନା, ସା: କାଳିଆନ୍ତି, ପୋ: ଚାୟାଁପାଳ, କଟକ, ପିନ୍-୭୫୪୨୦୪ / **୭୩୪୫୦୬୫୪୦୦୦୦୨୨୮** | ଟ.୨୩,୦୨୭.୧୭ | ୭.୮୬ | ୧୧.୨୮ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତ ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ସ୍ଥାନ : ବାଲେଶ୍ୱର
ତାରିଖ : ୨୬.୦୬.୨୦୨୫

ଶାଖା ପ୍ରବନ୍ଧକ,
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



# ମିଳନ

ମୂଳ ଉର୍ଦ୍ଦୁ: ବୁଲନ୍ଦ ଇକବାଲ
ଅନୁବାଦ : ସୁକୋମଳ ଦାଶ



ଅଲୀର ଆଖି ପତାରେ ଜମି ରହିଥିବା ଲୁହ ବୁନ୍ଦା, କ୍ଷଣିକ ନିମନ୍ତେ ଚକ୍ ଚକ୍ କଲା, ପୁଣି ଢଳ ଢଳ ହେଲା । କିନ୍ତୁ, ଫାତିମାର ଲୁଣିଆ ସ୍ମିତ ହସ ସେ ସବୁକୁ ବୁହାଇ ନେଇ ଅଲୀର ହୃଦୟରେ ଅଜାଡ଼ି ଦେଲାରୁ, ସେ ଲୁହର ଅସ୍ତିତ୍ୱ ନିଜର ପଲକରେ ଆଉ ଅଧିକ ସମୟ ଧରି ରଖି ପାରିଲାନି ଏବଂ ଅସହାୟ ହୋଇ ତା' ସମ୍ମୁଖରେ ମରାମତି ପାଇଁ ରହିଥିବା ଘଣ୍ଟା ଉପରେ ତାକୁ ସିଞ୍ଚି ଦେଲା । କ୍ଷଣିକ ପରେ ସେଥିରେ ଲାଗିଥିବା ଘଣ୍ଟା, ମିନିଟ୍ ଓ ସେକେଣ୍ଡ କଣ୍ଟାକୁ ସେ ଏଭଳି ଭିଜେଇ ଦେଇଥିଲା ଯେ ସେମାନେ ତାଙ୍କ କେନ୍ଦ୍ରବିନ୍ଦୁରେ ଓଲଟା ଦିଗକୁ ଘୂରି ବସିଲେ । ଧୀରେ ଧୀରେ ଘଣ୍ଟାର ଟିକ୍ ଟିକ୍, ଅଲୀର ହୃଦୟର ଧକ୍ ଧକ୍ ସହ ସମଗତି ପ୍ରାପ୍ତ ହେଲା ଓ ସମୟ କିଛି ବର୍ଷ ପୂର୍ବକୁ ଫେରି ପଡ଼ିଲା ।


ଚାନ୍ଦନୀ ଚୌକର ସେଇ ରାତିରେ ଅଲୀର ଆଖିରେ ପୂର୍ଣ୍ଣମୀର ଚାନ୍ଦ ଓହ୍ଲାଇ ଆସିଥିଲା, ଯେଉଁ ରାତିରେ ଫାତିମା ତା'ର ଦୋକାନକୁ ତା'ର ପୁରୁଣା ଘଣ୍ଟା ମରାମତି କରିବାକୁ ଆସିଥିଲା । ସୂତାର ସୂକ୍ଷ୍ମ କାରୁକାର୍ଯ୍ୟ ଭରା କଳା ଓଢ଼ଣି ଧଡ଼ିର ତାରାମାନ ଫାତିମାର ଚନ୍ଦ୍ର ବଦନକୁ ବେଢ଼ି ରହି, ଆକାଶର ନକ୍ଷତ୍ର ଭରା ଚାନ୍ଦ ଅପେକ୍ଷା ଅଧିକ ମନୋରମ କରି ତୋଳିଥିଲେ । ଫାତିମାର ଗୋଲାପୀ ମୁଖକାନ୍ତି ତାର ଅମାନିଆଁ ଚୂର୍ଣ୍ଣ କୁନ୍ତଳର ଅବିଶ୍ରାନ୍ତ ଆଘାତରେ ଅସ୍ତଗାମୀ ସୂର୍ଯ୍ୟ-ଆଭା-ମଣ୍ଡିତ ଦିଗବଳୟଠୁ ଅଧିକ ରକ୍ତିମ ହୋଇ ଉଠିଥିଲା । ଫାତିମାର ଭଅଁର କଳା ଆଖିରେ ଉତୁରି ଆସିଥିବା ଅଲୀର ପ୍ରତିବିମ୍ବ, ସ୍ୱତଃସ୍ଫୂର୍ତ୍ତ ତା'ର ହୃତ୍‌ପିଣ୍ଡର ସ୍ପନ୍ଦନ ବଢ଼ାଇ ଅଲୀକୁ କଣ୍ଠଗତପ୍ରାଣ କରି ଦେଉଥିଲା । ଫାତିମାର ଗଣ୍ଡ ଦେଶର ଭଉଁରୀ, ଅଲୀର ଅସହାୟ ମୁହଁକୁ ଲକ୍ଷ୍ୟ କରି ଅଦମ୍ୟ ହସି ଉଠୁଥିଲା ବେଳେ ସହସା ଫାତିମା ପ୍ରୀତି ଭରା ଦୃକ୍-ପାତ କରି ଅଲୀର ହଜିଲା ହଜିଲା ଆଖି ସମ୍ମୁଖରେ ତାର ଚୁଡ଼ି ପିନ୍ଧା ମଣିବନ୍ଧ ଝଣଝଣେଇ କହିଲା, "ଶୁଣିବେ ଟିକେ, ଆମର ହାତ ଘଣ୍ଟାଟା ଟିକେ ସଜାଡ଼ି ଦିଅନ୍ତୁ ନା, ଚାଲୁ ଚାଲୁ ଏହା ଅଟକି ଯାଉଛି ।" ଏବଂ ଅଲୀର ଏକପଦୀ ଉତ୍ତର 'ଜୀ'କୁ, ତା'ର ଅବରୁଦ୍ଧ କଣ୍ଠରୁ ତା'ର ଓଠର ଏରୁଣ୍ଡି ଯାକେ ପହଞ୍ଚିବାରେ ହୁଏତ ଯୁଗଟିଏ ଲାଗିଗଲା । କ୍ଷଣିକ ପାଇଁ ତାକୁ ଅନୁଭୂତ ହେଲା ଯେପରି ତା'ର ହୃତ୍‌ସ୍ପନ୍ଦନ ଯାହାକି, ଫାତିମାର ଘଣ୍ଟାର କଣ୍ଟାମାନଙ୍କ ପରି ନିସ୍ପନ୍ଦ ପଡ଼ି ରହିଥିଲା, ତା'ର ଚୁଡ଼ିର ଝମ୍ ଝମ୍ ଶବ୍ଦରେ ସୁଗଭୀର ନିଦ୍ରାରୁ ଧଡ଼ପଡ଼ ଉଠିପଡ଼ି ତୀବ୍ର ବେଗରେ ଧାଇଁବାରେ ଲାଗିଲା । ଫାତିମା ଦୋକାନରୁ ଫେରିଗଲା ପରେ ବି ଦୀର୍ଘ ମିଆଦ ଧରି ଅଲୀ ଆକାଶର ଚାନ୍ଦକୁ ଚାହିଁ ରହିଥିଲା ଓ ଅଳ୍ପ ସମୟ ପାଇଁ ତ ଅନ୍ତର ଭିତରେ ଆପଣାର ଅସହାୟତା ପ୍ରତି ଅଶ୍ରୁପାତ ବି କରିଥିଲା । କିନ୍ତୁ, ପୁଣି ଯେତେବେଳେ ମଦିନା ମସ୍‌ଜିଦର ଅର୍ଦ୍ଧଚନ୍ଦ୍ରାକାର ଗମ୍ବୁଜର "ଈଶା କୀ ଅଜାନ"ର ଧ୍ୱନୀ ଅଲୀର ଦୋକାନରେ ପ୍ରତିଧ୍ୱନିତ ହେଲା, ଅଲୀ ଦୁଇ ହାତ ପାତି ନିଷ୍ଠାବାନ୍ ହୃଦୟରେ ତାର ଖୁଦାଙ୍କୁ ଏଭଳି କିଛି ପ୍ରାର୍ଥନା କଲା ଯେ, ତା'ର ମାଗୁଣି ଗ୍ରହଣ ଯୋଗ୍ୟତାର ଶ୍ରେଷ୍ଠତମ ଶିଖର ସ୍ପର୍ଶ କରି ଫାତିମାର ହୃଦୟରେ ଅଲୀ ନିମନ୍ତେ ପ୍ରେମ ରୂପେ ଧକ୍ ଧକ୍ ହେଲା । ଫାତିମାକୁ ବି ଘରକୁ ଫେରୁ ଫେରୁ ଅନୁଭବ ହେଲା, ଅଚଳ ଘଣ୍ଟା ସହ ସେ ତା'ର ଜୀବନର ଅବଶିଷ୍ଟ ସମସ୍ତ ସମୟ ଅଲୀର ଜିମାରେ ଛାଡ଼ି ଆସିଥିଲା ।

ହଳକ ଯାକ ତା'ର ଭିଜା ଭିଜା ଆଖି ପତାକୁ ଭୂଲତା ଯାକେ ଟେକି ନେଇ ଅଲୀ ପୁଣି ଆଖି ମିଟ୍ ମିଟ୍ କଲା ଓ ଟେବୁଲ ଉପରେ ରହିଥିବା ଫାତିମାର ହାତ ଘଣ୍ଟାକୁ ଚାହିଁ ରହିଲା, ଯାହାର ଘଣ୍ଟା, ମିନିଟ୍ ଓ ସେକେଣ୍ଡ କଣ୍ଟାଗୁଡ଼ିକ କେନ୍ଦ୍ରବିନ୍ଦୁ ଚାରିପଟେ ଘେରାଏ ବୁଲି ଆସି ତାଙ୍କ ପୂର୍ବ ସ୍ଥିତିକୁ ଫେରି ଆସିଥିଲେ । ଚଉମୁଖୀ ପେଚକଶରେ ମଧ୍ୟସ୍ଥ ସ୍କ୍ରିଉକୁ ହାଲ୍‌କା ଦାବି ଧରି ଧୀରେ ଧୀରେ ଓଲଟା ଦିଗରେ ଘୂରାଇ ନେବାର ଅଳ୍ପ ସମୟ ପରେ ଘଣ୍ଟାର କଣ୍ଟାମାନ ଗତିଶୀଳ ହୋଇ ଉଠିଲେ । ଯଦିଓ ନିଜ ନିଜର ଭିନ୍ନ ଗତି ବଦଳରେ ସମବେଗରେ ତିନିହେଁ ଲଗା ଲଗି ହୋଇ, କେବଳ ସେଇ ଗୋଟିଏ ସ୍ଥାନରେ ଥର୍ ଥରେଇ ଉଠିଲେ । ଅଲୀର ମନେ ହେଲା ସତେ କି ସମସ୍ତ ଶକ୍ତି ତା'ର ଅପଚୟ ହେଲେ ବି ସମୟ ଆଗକୁ ବଢ଼ିବାକୁ ଅସମର୍ଥ.... ଅଲୀ ପୁଣି ଥରେ ଆଖିପତାକୁ ଭୂଲତା ଯାକେ ଟେକି ଧରି ଆଖି ମିଟ୍ ମିଟ୍ କଲା ଓ ଘଣ୍ଟାର ଥର୍ ଥର୍ ହେଉଥିବା କଣ୍ଟାମାନଙ୍କ ଆଢୁଆଳରେ ନିଜର ତଥା ଫାତିମାର ଧୂଆଁଳିଆ ବିମ୍ବକୁ ଚାହିଁ ରହିଲା; ଅତି ବିନମ୍ରତା ସହକାରେ ଯିଏ କି ସାରା ସଂସାରଠୁ ମିଳନର ଅନୁମତି ଯାଚନା କରୁଥିଲେ ।

ଚାନ୍ଦନୀ ଚୌକର ସେ ରାତିରେ ଅଲୀର ଦୋକାନରେ ତା'ର, ତଥା ଫାତିମାର ସମସ୍ତ ଆତ୍ମୀୟ ସ୍ୱଜନ ଜମା ହୋଇଥିଲେ । ଅପରାଧୀଟିଏ ଭଳି ମୁଣ୍ଡ ପୋତି ଭୂଇଁକୁ ଅଲୀ ଅନାଇ ରହିଥିଲା ଓ ଧକ୍ ଧକ୍ ଜଳୁଥିବା ନାଲି ଟହ ଟହ ଅଙ୍ଗାର ଭଳି ଆଖିରେ ଫାତିମା ଆକାଶକୁ । ମଦିନା ମସ୍‌ଜିଦର ଅର୍ଦ୍ଧଚନ୍ଦ୍ରାକାର ଗମ୍ବୁଜରୁ ଭାସି ଆସୁଥିବା ସୁନ୍ନୀ ଆଜାନର ଧ୍ୱନୀ ଓ ଇମାମ ବରଗାହରୁ ଭାସି ଆସୁଥିବା ଶୀହା ଆଜାନର ଧ୍ୱନୀ ମଝିରେ ଝୁଲି ରହି ସାୟାହ୍ନ ସମୟ ଥର୍ ଥର୍ କମ୍ପୁଥିଲା । ଅଲୀ ଓ ଫାତିମା ଉଭୟଙ୍କ ବାପମାନେ ଏକ ସମୟରେ ଦୁହେଁ ଦୁହିଙ୍କ ଆଖିରେ ଆଖି ରଖି, ଆଖି କୋଣରୁ ଅଲୀ ଓ ଫାତିମାଙ୍କୁ ଚୋରେଇ ଦେଖୁ ଦେଖୁ ବିଡ୍ ବିଡ୍ ହେଉଥିଲେ, "ସୁନ୍ନୀ ଓ ଶୀହାଙ୍କ ଏଇ ଗହନ ପ୍ରଭେଦ, ପାର୍ଥକ୍ୟ କେବଳ ଉଭୟଙ୍କ ଆଜାନ୍ ଧ୍ୱନୀ ମଧ୍ୟର ମିନିଟ୍ ଓ ସେକେଣ୍ଡର ତଫାତ୍ ନୁହେଁ ବରଂ ଶତାଧିକ ବର୍ଷର ବ୍ୟବଧାନ ଅଟେ ।" ଭୂଇଁରୁ ଉଠେଇ ଅଲୀ ତା'ର ଫୁଲା ଫୁଲା ଆଖିରେ ଘଣ୍ଟାକୁ ଚାହିଁଲା । କିନ୍ତୁ ପିତୁଳା ଓ ପଲକ ମଝିରେ ଭରି ରହିଥିବା ଲୋତକ ଯୋଗୁଁ ହୁଏତ ତାକୁ ମନେ ହେଲା ସତେକି ଘଣ୍ଟାର ତିନୋଟି ଯାକ କଣ୍ଟା ତାର ଅଶ୍ରୁରେ ପହଁରି ଯାଇ ଶତାଧିକ ବର୍ଷରୁ ଜମାଟ ବନ୍ଧା ସମୟ ଉପରେ ଜଡ଼େଇ ବସି ଯାଇଛନ୍ତି । ପୁଣି ଅଲୀ ତା'ର ଘଣ୍ଟାରୁ ଦୃଷ୍ଟି ହଟାଇ ଆଖ ପାଖକୁ ଚାହିଁଲାରୁ ଭାବିଲା ଯେ, ହୁଏତ ଚାନ୍ଦିନୀ ଚୌକର ସମୁଜ୍ଜ୍ୱଳ ବଜାର, ସହସା କିଛିଟା ପୋଡ଼ା ଇଟା ତିଆରି ଚଉତରା ଓ ପ୍ରାଚୀରରେ ବଦଳି ଯାଇଛି, ଯେଉଁଠି ଚତୁର୍ଦ୍ଦିଗରେ ଆରବୀୟ ମରୁମାଳର ଧୂଳି ବାଲି ଉଡୁଛି ଓ ତା'ର ସମସ୍ତ ଆତ୍ମୀୟ ସ୍ୱଜନମାନେ, ଲମ୍ବା ଲମ୍ବା ଆରବୀୟ ପୋଷାକ ପରିଧାନ ପୂର୍ବକ ଖଡ଼୍‌ଗ ହସ୍ତେ ସମସ୍ତେ ସମସ୍ତଙ୍କ ରକ୍ତ ପିପାସୁ ହୋଇ ଉଠିଛନ୍ତି । ଅଲୀର ମନେ ହେଲା ଯେପରି ସାରା ଚାନ୍ଦିନୀ ଚୌକ ହଠାତ୍ ଚଉଦ ଶହ ବର୍ଷ ପୁରୁଣା ମଦିନାର ବଜାରରେ ରୂପାନ୍ତରିତ ହୋଇ ଯାଇଛି ଓ ତା'ର ଦୋକାନ 'ସକୀଫା ବନୀ ସାୟଦା'ର ସେଇ ସଭା ସ୍ଥଳ ଯେଉଁଠି ତା'ର ବିବାହ ପରିବର୍ତ୍ତେ ସମ୍ଭବତଃ ତା'ର ବିରୁଦ୍ଧରେ ପ୍ରଥମ ବିଦ୍ରୋହ ସ୍ଥିରୀକୃତ ହୋଇ ସାରିଛି । ଭୀତତ୍ରସ୍ତ ହୃଦୟରେ ଅଲୀ ଏଥର ଲୁହତକ ପୋଛି ନେଇ ପୁଣି ଥରେ ଘଣ୍ଟା ଉପରେ ତାର ଦୃଷ୍ଟି ନିବଦ୍ଧ କଲା । କିନ୍ତୁ ଘଣ୍ଟାର କଣ୍ଟାମାନ ଯେଉଁଠି କି ସେଇଠି ପଡ଼ି ରହିଥିଲେ ନିସ୍ପନ୍ଦ, ନିଷ୍କମ୍ପ । ଅସହାୟ ଭାବେ ଅଲୀ ଏଥର ତା'ର ସମ୍ପର୍କୀୟମାନଙ୍କୁ ଅନାଇଲା ଓ ଫାତିମା ପଟେ ବି ଥରେ ନିରାଶା ଭରା ଦୃଷ୍ଟିରେ ଚାହିଁ ନେଲା । ହଠାତ୍ କରି ଫାତିମାର ଅନ୍ତରରେ କ'ଣ ହେଲା କେଜାଣି, ସ୍ୱସ୍ଥାନ ଛାଡ଼ି ସେ ଧୀରେ ଧୀରେ ଟେବୁଲ ଉପରେ ରହିଥିବା ତା'ର ଅଚଳ ଘଣ୍ଟା ଉଠେଇ ନେଇ ଅଲୀର ଅଣ୍ଟିରେ ପକେଇ ଦେଲା । ଆଖି ମିଟ୍ ମିଟ୍ କରି ଅଲୀ ଘଣ୍ଟାର ଡାଏଲ୍ ଉପରେ ଦୃଷ୍ଟି ନିବଦ୍ଧ କଲା ଏବଂ ବିସ୍ମିତ ହୋଇ ଘଣ୍ଟା, ମିନିଟ ଓ ସେକେଣ୍ଡ କଣ୍ଟାକୁ ଅପଲକ ଚାହିଁ ରହିଲା । ଯାହାର କି ଅଟକି ରହିଥିବା ସମୟ ତା'ର ନିଜର ଘଣ୍ଟାର ସମୟର ଠିକ୍ ପୂର୍ବବର୍ତ୍ତୀ ସମୟ ସୂଚାଉଥିଲା । ସହସା ଅଲୀ ତା'ର ନିଜ ସ୍ଥାନରୁ ଉଠିଲା । ଫାତିମାର ହାତକୁ ମୁଠାଇ ଧରି ନିଜର ତଥା ଫାତିମାର ଜମିଥିବା ଆତ୍ମୀୟ ସ୍ୱଜନଙ୍କୁ କହିଲା..."ପୈଗମ୍ବର ମହମ୍ମଦ, ଅଲୀ ଓ ଫାତିମାଙ୍କ ବିବାହକୁ କାହିଁକି ସମର୍ଥନ କରିଥିଲେ ଆପଣମାନେ ସମସ୍ତେ ଜାଣନ୍ତି ତ! ଏଇ କାରଣରୁ ଯେ, ତାଙ୍କର ଅନୁଗାମୀଙ୍କ ମଧ୍ୟରେ କଦାପି ଫାଟ ସୃଷ୍ଟି ନହେଉ...ଆପଣମାନେ କ'ଣ ତାଙ୍କର ଏଇ ସୁନେଲୀ ସୁକୋମଳ ସ୍ୱପ୍ନଟିକୁ ସାକାର ରୂପ ଦେବାରେ ସାହାଯ୍ୟ କରିବେନି?" ■

ମାର୍ଫତ: ଦାଶ ଆଗ୍ରୋ ଏଜେନ୍ସୀ
କଳାପାଣି, ତୋରା , ବରଗଡ଼
ପିନ୍: ୭୬୮୦୪୦
ମୋ: ୯୪୩୭୧୫୮୧୪୨

# ଡବ୍ଲୁ.ବି. ୟେଟ୍‌ସଙ୍କ କବିତାରେ ପ୍ରତୀକବାଦ



ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ

ଡବ୍ଲୁ.ବି. ୟେଟ୍‌ସ ଇଂରାଜୀ କବିତାର ଇତିହାସରେ ଜଣେ ଅନନ୍ୟ ବ୍ୟକ୍ତିତ୍ୱ । ସେ ଇଂରାଜୀ ସାହିତ୍ୟର ଇତିହାସରେ ପ୍ରତୀକବାଦୀ କବି ଭାବରେ ଏକ ଅଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଇଂଲଣ୍ଡରେ ପ୍ରତୀକବାଦୀ ଆନ୍ଦୋଳନର ମୁଖ୍ୟ ପ୍ରବକ୍ତା ଭାବରେ ସେ ବେଶ୍ ଲୋକପ୍ରିୟ । ତାଙ୍କର ପ୍ରତୀକଗୁଡ଼ିକ ଅତ୍ୟନ୍ତ ଉଦ୍ଭାବକ ଏବଂ ସୂଚକ । ସ୍ୱଦେଶୀ ଉତ୍ପତ୍ତି- ଫରାସୀ ପ୍ରତୀକବାଦୀ ମାଲାର୍ମେଙ୍କୁ ପ୍ରତୀକର ଉଦ୍ଭାବକ ବୋଲି ମନେ କରାଯାଏ । ମାଲାର୍ମେଙ୍କ ଧର୍ମ ଥିଲା ପରମ ସୌନ୍ଦର୍ଯ୍ୟର ଏକ କଠୋର ଉପାସନା ଯାହା ପ୍ରତୀକଗୁଡ଼ିକର ଉତ୍କଣ୍ଠାପୂର୍ଣ୍ଣ ଚିନ୍ତନ ଦ୍ୱାରା ପହଞ୍ଚିବାକୁ ଚେଷ୍ଟା କରାଯାଇଛି । ତାଙ୍କ କବିତାରେ ସମସ୍ତ ପ୍ରାରମ୍ଭିକ, ବ୍ୟାଖ୍ୟା ଏବଂ ତୁଳନା ବାଦ ଦିଆଯାଇଛି । ୟେଟ୍‌ସ ଫରାସୀ ପ୍ରତୀକବାଦୀ ଆନ୍ଦୋଳନର ନୁହେଁ; ବରଂ ଏକ ସାଧାରଣ ୟୁରୋପୀୟ ଆନ୍ଦୋଳନର ସୃଷ୍ଟି । ଫରାସୀ ପ୍ରତୀକବାଦୀ ଆନ୍ଦୋଳନ ବିଷୟରେ ତାଙ୍କର ଜ୍ଞାନ ଅଥୁର ସାଇମନ୍ସଙ୍କ ମାଧ୍ୟମରେ ପରିଚାଳିତ ହେଉଥିଲା । ଫରାସୀଙ୍କ ବିଷୟରେ ଶୁଣିବା ପୂର୍ବରୁ ସେ କିନ୍ତୁ ବହୁ ପୂର୍ବରୁ ଜଣେ ପ୍ରତୀକବାଦୀ ଥିଲେ । ତାଙ୍କର ପ୍ରତୀକବାଦ ଆଧାରିତ ଥିଲା ବ୍ଲେକ୍, ସେଲି ଏବଂ ରୋସେଟିଙ୍କ କବିତା ଏବଂ ଗୁପ୍ତ ବିଦ୍ୟା ଉପରେ ତାଙ୍କର ପୁସ୍ତକ ପଢ଼ିବା ଉପରେ । ସେ ପତ୍ରବିଜ୍ଞାନର ତତ୍ତ୍ୱ, ସ୍ୱାକ୍ଷରର ତତ୍ତ୍ୱ ଏବଂ ଯାଦୁକରୀ ମନ୍ତ୍ର ଏବଂ ପ୍ରତୀକଗୁଡ଼ିକର ତତ୍ତ୍ୱ ସହିତ ମଧ୍ୟ ପରିଚିତ ହୋଇଥିଲେ ଯାହାର ଯାଦୁରେ ଆଧ୍ୟାତ୍ମିକ ଏବଂ ଭୌତିକ ପରିବର୍ତ୍ତନ ହୋଇଥିଲା ।

ୟେଟ୍‌ସଙ୍କ ପ୍ରତୀକଗୁଡ଼ିକ କୃତ୍ରିମ ନୁହେଁ । ସେଗୁଡ଼ିକ କାର୍ଯ୍ୟାତ୍ମକ । ସେଗୁଡ଼ିକ କବିତାର ଏକ ଅବିଚ୍ଛେଦ୍ୟ ଅଂଶ । ସେଗୁଡ଼ିକ ବିନା କବିତାଟି ଭାଙ୍ଗି ପଡ଼ିବ । ୟେଟ୍‌ସଙ୍କ ଭାଷାରେ, ' ପ୍ରତୀକ ହେଉଛି କିଛି ଅଦୃଶ୍ୟ ତଥ୍ୟର ଏକମାତ୍ର ସମ୍ଭାବ୍ୟ ପ୍ରକାଶନ, ଏକ ଆଧ୍ୟାତ୍ମିକ ଶିଖା ବିଷୟରେ ଏକ ସ୍ୱଚ୍ଛ ଦୀପ ।' "ଦି ସେକେଣ୍ଡ କମିଂ" ଏବଂ "ସେଲିଂ ଟୁ ବାଇଜାଣ୍ଟିୟମ୍"ରେ ପ୍ରତୀକଗୁଡ଼ିକ ସେତେ ପୁରୁଣା ଯେପରି ୟେଟ୍‌ସ ସାଧାରଣତଃ ଅନୁମତି ଦିଅନ୍ତି । ଯଦି ଆମେ ତାଙ୍କ ସାରସ୍ୱତବାଦର ତଥ୍ୟ କିମ୍ବା ତାଙ୍କ ପ୍ରତୀକଗୁଡ଼ିକକୁ ଏକତ୍ର କରିବା, ପ୍ରତୀକଗୁଡ଼ିକ ବାସ୍ତବରେ ବ୍ୟବହାରଯୋଗ୍ୟ ଏବଂ ପ୍ରକୃତରେ ସେମାନଙ୍କର ଉଦ୍ଦିଷ୍ଟ ପ୍ରତିଛବିକୁ ଗତିଶୀଳ କରି ଦେଖିପାରିବା, ତାଙ୍କର କିପରି ବ୍ୟବହାର କରାଯିବ ଏବଂ କିପରି ନ କରାଯିବ ସେ ବିଷୟରେ ଉତ୍କୃଷ୍ଟ ବୁଝାମଣା ଥିଲା । ଉଦାହରଣ ସ୍ୱରୂପ, "ବାଇଜାଣ୍ଟିୟମ୍‌କୁ ନୌବାହନ" ଏକ କବିତା ଯାହା ଜୀବନର ଏକ ସମୟକୁ ସୂଚିତ କରିଥାଏ, ଯେତେବେଳେ ବୃଦ୍ଧାବସ୍ଥାର ଆଗମନ ମରଣ ସମସ୍ୟା ସହିତ ଚିନ୍ତିତ ହୁଏ, ଯେଉଁ ପ୍ରତୀକ ଚାରୋଟି ପଦକୁ ଏକ ଅବିଚ୍ଛେଦ୍ୟ ମୋଡ଼ରେ ଆସେ ତାହା ସଂଗୀତର ପ୍ରତୀକ । ଯୁବପିଢ଼ି ସଙ୍ଗୀତକୁ ଭଲ ପାଆନ୍ତି ଏବଂ ବୟସ ଏକ ଆଧ୍ୟାତ୍ମିକ ସଂଗୀତ ଆଣିଥାଏ, ଦ୍ୱିତୀୟ ଆଗମନରେ ବେଥଲେହେମ୍‌ରେ ପଶୁର ଅନିବାର୍ଯ୍ୟ ଆଗମନ ଯାହା ସମଗ୍ର କବିତାକୁ ବାନ୍ଧି ରଖେ । ୟେଟ୍‌ସଙ୍କ ପ୍ରତୀକଗୁଡ଼ିକ କେବଳ ସୂଚକ ନୁହେଁ, ଅର୍ଥପୂର୍ଣ୍ଣ ଏବଂ ଉଦ୍ଦୀପକ ମଧ୍ୟ । ସେମାନଙ୍କର ଆକ୍ଷରିକ ଅର୍ଥ ବ୍ୟତୀତ, ସେମାନଙ୍କ ମନର ଆଖି ଆଗରେ ଅନେକ ଅଭିଯୋଗ ମଧ୍ୟ ପ୍ରଦାନ କରା ଯାଇଥାଏ ।

କବି ୟେଟ୍‌ସଙ୍କ ଭାଷାରେ, 'କେବଳ ପ୍ରାଚୀନ ପ୍ରତୀକଗୁଡ଼ିକ ପାଇଁ ଯେଉଁ ପ୍ରତୀକଗୁଡ଼ିକର ଅଗଣିତ ଅର୍ଥ ଅଛି, ତାହା ବ୍ୟତୀତ ଲେଖକ ଯେଉଁ ଗୋଟିଏ କିମ୍ବା ଦୁଇଟି ଉପରେ ଗୁରୁତ୍ୱ ଦିଅନ୍ତି, କିମ୍ବା ସେ ଜାଣନ୍ତି ସେହି ଅର୍ଦ୍ଧସ୍କୋର, ଯେକୌଣସି ଅତ୍ୟନ୍ତ ଆତ୍ମନିଷ୍ଠ କଳା ଏକ ଅତ୍ୟଧିକ ସଚେତନ ବ୍ୟବସ୍ଥାର ନିଷ୍କ୍ରିୟତା ଏବଂ ଅଗଭୀରତାରୁ ପ୍ରକୃତିର ଗଭୀରତା ଏବଂ ପ୍ରାଚୁର୍ଯ୍ୟକୁ ପଳାଇ ଯାଇପାରିବ । ତେଣୁ ପ୍ରତୀକଗୁଡ଼ିକ ଭାଷାକୁ ସମୃଦ୍ଧ ଏବଂ ଜଟିଳ କରିଥାଏ । ଉଦାହରଣ ସ୍ୱରୂପ, "ଆତ୍ମ ଏବଂ ଆତ୍ମାର ସଂଳାପ" କବିତାରେ, ସାଟୋଙ୍କ "ତରବାରୀ" ପ୍ରଥମେ 'ଜୀବନ, ଯୁଦ୍ଧ, ପ୍ରେମ ଏବଂ ଯୌନତା'ର ପ୍ରତୀକ, ଯେତେବେଳେ ଏହା 'ଜାପାନୀ ମହିଳାଙ୍କ କୋର୍ଟ ପୋଷାକ'ର ଆବରଣ, ମହିଳା ଲିଙ୍ଗକୁ ପ୍ରତୀକ କରେ । ପରେ ସମାନ କବିତାରେ, ଖଣ୍ଡା "ଆତ୍ମା" କିମ୍ବା "ଜୀବନ୍ତ ନୀତି"କୁ ସଜାଗ କରିଉଠେ, ଯାହା ସମୟ ଦ୍ୱାରା ପ୍ରଭାବିତ ନୁହେଁ । "ଗୋଲାପ: ଶାନ୍ତିର ଗୋଲାପ"ରେ "ପ୍ରୋଟିଆନ"ର ପ୍ରତୀକ, ଏହା "ପାର୍ଥିବ ପ୍ରେମ ଏବଂ ସୌନ୍ଦର୍ଯ୍ୟ" ପାଇଁ ଠିଆ ହୁଏ ଏବଂ ଅନ୍ୟ ସ୍ତରରେ, ଏହା "ଶାଶ୍ୱତ ପ୍ରେମ ଏବଂ ସୌନ୍ଦର୍ଯ୍ୟ" ପାଇଁ ଠିଆ ହୁଏ । "ଯୁଦ୍ଧର ଗୋଲାପ" ହେଉଛି ପଦାର୍ଥ ବିରୁଦ୍ଧରେ ଆତ୍ମାର ଯୁଦ୍ଧରେ ଈଶ୍ୱରଙ୍କ ପକ୍ଷର ପ୍ରତୀକ । ଏହା "ପାର୍ଥିବ ପ୍ରେମରୁ ଆଶ୍ରୟ ପ୍ରଦାନ କରେ ।" ଏହା "ଟୁ ଦି ରୋଜ୍ ଅପନ୍ ଦି ରୋଜ୍ ଅଫ୍ ଟାଇମ୍" କବିତାରେ ପ୍ରକାଶ ପାଇଛି । "ଦି ସାଡୋଇ ୱାଟର୍ସ" ନାଟକରେ, ଏହା ଶରୀର ଏବଂ ଆତ୍ମାର ମିଳନ, ନିଦ୍ରା ଏବଂ ଜାଗ୍ରତ ଅବସ୍ଥାରେ ଜୀବନ ଏବଂ ମୃତ୍ୟୁ ପାଇଁ ଠିଆ ହୋଇଛି ।

"ଟାୱାର" ଆଉ ଏକ ସମୃଦ୍ଧ କିନ୍ତୁ ଅସ୍ପଷ୍ଟ ପ୍ରତୀକ । ୟେଟ୍‌ସଙ୍କ କବିତାରେ ପ୍ରତୀକ । ଦି ୱାଇଲ୍ଡ ହଂସ ଆଟ୍ କୁଲରେ, ଏହା ହେଉଛି 'ପ୍ରକୃତ ଟୁର୍କୁ' । ଏହା ମିଲଟନଙ୍କ ଦ୍ୱିତୀୟ ପେନସେରୋସୋ ଏବଂ ସେଲିଙ୍କ ରାଜକୁମାର ଆଥାନାସେରେ ପ୍ଲାଟୋନିଷ୍ଟଙ୍କ ଏକାକୀ ଟୁର୍କୁ ମନେ ପକାଇଥାଏ । କିନ୍ତୁ 'ଦି ଟାୱାର' କବିତାରେ, ସେ ପ୍ଲାଟୋଙ୍କୁ ଆକ୍ରମଣ କରନ୍ତି । ତଳଟି କେତେବେଳେ ଏକାକୀ ବୁଦ୍ଧର ସ୍ୱର୍ଗୀୟ ଆକାଂକ୍ଷାକୁ ବୁଝାଏ କିନ୍ତୁ ଏଗୁଡ଼ିକ ଆତ୍ମାର ବିଭିନ୍ନ ସ୍ୱର୍ଗୀୟ ଆକାଂକ୍ଷାରେ ମିଶିଯିବା ପରି ମନେହୁଏ ଆତ୍ମ ଏବଂ ଆତ୍ମାର ଏକ ସଂଳାପରେ, ତଳଟି ହେଉଛି 'ରାତ୍ରିର ପ୍ରତୀକ' । ରକ୍ତ ଏବଂ ଚନ୍ଦ୍ରରେ ଏହା ଆତ୍ମର ଦୃଢ଼ତା, ଶାରୀରିକ ଅହଂକାର ଏବଂ ଆତ୍ମ ସନ୍ତୋଷ ପାଇଁ ପୃଥିବୀ ଏବଂ ରକ୍ତକୁ ଆଗ୍ରହ ପାଇଁ ଠିଆ ହୋଇଛି ।

ପକ୍ଷୀ ପ୍ରତୀକଗୁଡ଼ିକ ମଧ୍ୟରେ ହଂସ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏହା ୟେଟ୍‌ସଙ୍କ ଅନେକ କବିତାରେ ଦେଖାଯାଏ । ପ୍ରତୀକଗୁଡ଼ିକର ଗତିଶୀଳ ପ୍ରକୃତିର ଏକ ଆକର୍ଷଣୀୟ ଚିତ୍ରଣ ପ୍ରଦାନ କରେ । ଏହି ପ୍ରତୀକଗୁଡ଼ିକ ବଢ଼ନ୍ତି, ପରିବର୍ତ୍ତନ କରନ୍ତି ଏବଂ ଅର୍ଜନ କରନ୍ତି ସେମାନଙ୍କର ପ୍ରଗତିରେ ଅଧିକ ଗଭୀରତା ଏବଂ ଘନତ୍ୱ । ସେମାନେ ଯୁବାବସ୍ଥାର ଅଟଳ ଏବଂ ଅମର ଆତ୍ମା କିମ୍ବା ଏକ ପ୍ରତିଛବିର ଅମରତ୍ୱର ପ୍ରତୀକ । କାଳଭରୀରେ, ସେମାନେ ବସ୍ତୁନିଷ୍ଠ ପ୍ରକୃତିର ଖ୍ରୀଷ୍ଟପ୍ରକାର ସହିତ ଜଡ଼ିତ ହୁଅନ୍ତି, କାରଣ ତାଙ୍କର ବିପରୀତ କିମ୍ବା ବିରୋଧୀ ପକ୍ଷ ଅଧା ବିସ୍ତାରିତ ହୋଇଯାଏ ଏବଂ ଗର୍ବରେ ଛାତି ବାହାରକୁ ବାହାର କରିଦିଆଯାଏ । ହଂସର ପ୍ରତୀକ ଧୀରେ ଧୀରେ ତାଙ୍କ ମନକୁ ଅଧିକାର କରିନେଲା । ଏକ ହଂସ ସହିତ ମିଶିଗଲା, ଦିବ୍ୟ ଶକ୍ତିର ପ୍ରତିଛବି । ଏହା 'ବାୟୁର ନିଷ୍ଠୁର ରକ୍ତ' ହୋଇଯାଏ ଯାହା ଯୌନ ମିଳନ ପାଇଁ ଲେଡ଼ା ଉପରେ ଅବତରଣ କରିଥିଲା

ଦ୍ୱିତୀୟ ଆଗମନରେ ମଧ୍ୟ ଅନେକ ଅର୍ଥ ଅଛି । ୟେଟ୍‌ସଙ୍କ ନାଟକରେ ୟୁନିକର୍ଣ୍ଣ ଏକ ପ୍ରମୁଖ ପ୍ରତୀକ ଭାବରେ ଉଭା ହୋଇଛି । ଦି ପ୍ଲେୟାର ରାଣିରେ, ଏହା "ବିନାଶ ଏବଂ ନବୀକରଣ" ସହିତ ଜଡ଼ିତ ହୋଇଯାଏ । ଏଠାରେ ରାଣୀଙ୍କ ସହ ୟୁନିକର୍ଣ୍ଣର ମିଳନକୁ ଉଲ୍ଲେଖ କରାଯାଇଛି, ଯାହା ପବିତ୍ରତାର ପ୍ରତୀକ । ଏହି ଅଦ୍ଭୁତ "ମିଳନ", ସତୀତ୍ୱର ମିଳନ ହେଉଛି ବିପରୀତର ମିଶ୍ରଣ, ଏକ ଚମତ୍କାର ପ୍ରକାଶ, ଯାହା ନିଶ୍ଚିତ ଭାବରେ ଲେଡ଼ା ସହିତ ହଂସ ପରି କିଛି ଭୟଙ୍କର ଏପିଫାନି ଆଡ଼କୁ ନେଇଯିବ । ଏହିପରି ୟୁନିକର୍ଣ୍ଣ ପ୍ରତିଛବି 'ଦିବ୍ୟ ହଂସ' ସହିତ ମିଶ୍ରିତ ହୁଏ, ଯାହା ଏକ ସଭ୍ୟତାକୁ ଜନ୍ମ ଦେଇଥାଏ । ଏହା ଦ୍ୱିତୀୟ ଆଗମନର ନିର୍ଲଜ୍ଜ ସ୍ପନ୍ଦନ ସହିତ ମଧ୍ୟ ମିଶ୍ରିତ ହୁଏ, ଯାହା ବର୍ତ୍ତମାନର ଖ୍ରୀଷ୍ଟିଆନ ସଭ୍ୟତାର ଧ୍ୱଂସାବଶେଷରୁ ଏକ ନାଟ୍ୟ ବିରୋଧୀ ସଭ୍ୟତାର ଏକ ନୂତନ ହିଂସାତ୍ମକ ଜନ୍ମର ପ୍ରତୀକ, ଯେଉଁଠାରେ କିଛି ନାହିଁ । "ଏକ ଅତ୍ୟନ୍ତ ଭୟଙ୍କର ବନ୍ୟ ପଶୁ ଅଛି, ଯାହାର ଲୁହା ଦାନ୍ତ ଏବଂ ପିତ୍ତଳ ନଖ ଅଛି ଯାହା ସ୍ୱାଇର ଏବଂ ଟର୍ଭରକୁ ମୂଳପୋଛ କରିପାରେ, ଆଖି କଠିନ ଏବଂ ଥଣ୍ଡା ଏବଂ ନୀଳ, ନୀଳମଣି ପରି" ।

ନୃତ୍ୟ ହେଉଛି ଏକ ପୁନରାବୃତ୍ତି ପ୍ରତୀକ । "ଅପନ୍ ଏ ଡାଇଙ୍ଗ୍ ଲେଡି" କବିତାରେ, ମହିଳାଙ୍କ ଆତ୍ମା "ପୂର୍ବନିର୍ଦ୍ଧାରିତ ନୃତ୍ୟ ସ୍ଥାନକୁ ଦିଆଯାଇଛି । ଏହି ପୂର୍ବନିର୍ଦ୍ଧାରିତ ନୃତ୍ୟ ସ୍ଥାନଟି ସମ୍ପୂର୍ଣ୍ଣ ଆନନ୍ଦ ସହିତ ଜଡ଼ିତ, ସମ୍ପୂର୍ଣ୍ଣ ଶାନ୍ତି ଏବଂ ସମ୍ପୂର୍ଣ୍ଣ ଏକତା । 'ସ୍କୁଲ ପିଲାମାନଙ୍କ ମଧ୍ୟରେ' କବିତାର ଶେଷ ପଦରେ ନୃତ୍ୟର ପ୍ରତୀକ ପୁନର୍ବାର ଏକତାର ଧାରଣାକୁ ଆହ୍ୱାନ କରେ । ପଦର ପ୍ରଥମାର୍ଦ୍ଧ ସନ୍ତୁଳନ ଏବଂ ଏକତାର ଏକ ସ୍ୱର୍ଗୀୟ କିମ୍ବା ଆଦର୍ଶ ଅବସ୍ଥାକୁ ଚିତ୍ରଣ କରେ । ଏହି ପଦର ପରବର୍ତ୍ତୀ ଅର୍ଦ୍ଧଭାଗ ଜୀବନକୁ ଧ୍ୟାନରେ ରଖେ । ଚତୁର୍ଥ ପଦ ନୃତ୍ୟକୁ ଟ୍ରାନ୍ସ ସହିତ ସମକକ୍ଷ କରେ, ଯାହା ମଣିଷକୁ ଭୌତିକ ଜଗତର ଜଟିଳତା ଏବଂ ପାର୍ଥିବ ଜଗତରୁ ମୁକ୍ତ କରେ ।

ବାଇଜାଣ୍ଟିୟମ୍‌କୁ ୟେଟ୍‌ସ ଏକତା ଏବଂ ପୂର୍ଣ୍ଣତାର ପ୍ରତୀକ ଭାବରେ ବ୍ୟବହାର କରନ୍ତି । ସେ ବାଇଜାଣ୍ଟେୟମ୍ ଏବଂ ଏହାର ସୁବର୍ଣ୍ଣ ସମୟ ପ୍ରତି ଆକର୍ଷିତ ହୋଇଥିଲେ କାରଣ ଏହା ଏକ ଅତୁଳନୀୟ ଏକତା ଏବଂ ପୂର୍ଣ୍ଣତା ପାଇଁ ଠିଆ ହୋଇଥିଲା । ପ୍ରାରମ୍ଭିକ ବାଇଜାଣ୍ଟେୟମ୍ ୟେଟ୍‌ସଙ୍କ ଅନୁସାରେ, ଧାର୍ମିକ, ସୌନ୍ଦର୍ଯ୍ୟ ଏବଂ ବ୍ୟବହାରିକ ଜୀବନ ଏକ ଥିଲା । ଏଠାରେ କଳା ଏବଂ ଜୀବନ ପରସ୍ପର ସହିତ ଜଡ଼ିତ ଥିଲେ । "ବାଇଜାଣ୍ଟେୟମ୍‌କୁ ଯାତ୍ରା" କବିତାରେ, ବାଇଜାଣ୍ଟେୟମ୍ ଏକ ସିଦ୍ଧ ବିଶ୍ୱର ପ୍ରତୀକ ହୋଇଯାଏ । ସେ ପକ୍ଷୀମାନଙ୍କର ଇନ୍ଦ୍ରିୟଗତ ସଙ୍ଗୀତକୁ ପ୍ରତ୍ୟାଖ୍ୟାନ କରନ୍ତି ଏବଂ ସୁବର୍ଣ୍ଣ ଡାଳରେ ଥିବା ଏକ ସୁନା ପକ୍ଷୀର ଆଧ୍ୟାତ୍ମିକ ସଙ୍ଗୀତକୁ ଗ୍ରହଣ କରନ୍ତି । ସମାନ ନାମ ଥିବା ଅନ୍ୟ ଏକ କବିତାରେ ବାଇଜାଣ୍ଟେୟମ୍ ଏକ ଶୁଦ୍ଧିକରଣସ୍ଥଳୀ ହୋଇଯାଏ । ■

ଇଂରାଜୀ ବିଭାଗ
କାହ୍ନୁଚରଣ ଉଚ୍ଚ-ମାଧ୍ୟମିକ ବିଦ୍ୟାଳୟ
କୋରେଇ, ଯାଜପୁର
ମୋ: ୯୪୩୮୨୧୪୯୮୯

# ଦୀପ



ମୂଳ ହିନ୍ଦୀ: ବ୍ରଜ ଶ୍ରୀବାସ୍ତବ
ଅନୁବାଦ: ଇପ୍‌ସିତା ଷଡ଼ଙ୍ଗୀ

ଗୋଟିଏ ସମୟ ଥିଲା
ଯେତେବେଳେ ମାଟି ସବୁଠି ପ୍ରାଧାନ୍ୟ ବିସ୍ତାର କରିଥିଲା ।
ଖେଳିବା ସମୟରେ ପିଲାମାନେ ଏହାକୁ ଖାଇ ଦେଉଥିଲେ,
ମହିଳାମାନେ ଏହାକୁ କେଶ ଧୋଇବା ପାଇଁ ବ୍ୟବହାର କରୁଥିଲେ,
ମାଟି ଚିକିତ୍ସା ପାଇଁ ମଧ୍ୟ ଉପଯୋଗୀ ଥିଲା ।

ସମଗ୍ର ଗାଁକୁ ମାଟିପାତ୍ର ଯୋଗାଉଥିଲା କୁମ୍ଭାର
ସେଥିପାଇଁ ତାଙ୍କୁ ପ୍ରଜାପତି ବୋଲି କୁହାଯାଉଥିଲା

କବୀର ତାଙ୍କ 'ସାଖୀ'ରେ ମାଟି ବିଷୟରେ କହିଛନ୍ତି ।
ବିବାହର ସମୟରେ ବି ପ୍ରଥମେ ହେଉଥିଲା ମାଟିପୂଜା ।

ଗୋଟିଏ ସମୟ ଥିଲା ଯେତେବେଳେ
କିଏ ମାଟିରେ ମିଶିଯିବାର ଖବର ଶୁଣି
ଦୁଃଖରେ ଭାଙ୍ଗି ପଡୁଥିଲେ ଲୋକେ ।
ନାଟକରେ ମାଟିଗାଡ଼ିର ମଧ୍ୟ ଏକ ବଡ଼ ଭୂମିକା ଥିଲା ।
ଦେଶକୁ ରାଷ୍ଟ୍ର ନୁହେଁ, ବରଂ ମାଟି କୁହାଯାଉଥିଲା ।
ଯେତେବେଳେ ଆମେ ବାହାରୁ ଘରେ ପ୍ରବେଶ କରୁଥିଲୁ,
ମାଟି ଛଡ଼ାଉଥିଲୁ, ଚିନ୍ତା ନୁହେଁ ।
କ୍ଷେତର ମାଟିକୁ ମା' ପରି ପୂଜା କରାଯାଉଥିଲା ।

ମାଟିର ହାତୀ ଏବଂ ଘୋଡ଼ା ସବୁଠାରୁ ଭଲ ଖେଳଣା ଥିଲା ।
ମାଟି ଘରେ ହିଁ ରହୁଥିଲେ ମହାପୁରୁଷମାନେ ।
ମାଟିର ଗନ୍ଧ କିନ୍ତୁ ମିଶି କରିନଥିଲା ମାଟିରେ ।

ଗୋଟିଏ ସମୟ ଥିଲା
ଯେତେବେଳେ ସୂର୍ଯ୍ୟ ଏବଂ ଚନ୍ଦ୍ର ବ୍ୟତୀତ
ଆଲୋକ ବିସ୍ତାର କରିବାର ଦାୟିତ୍ୱ
ସେହି ଦୀପର ଥିଲା
ଯାହାର ମାଟି
କାର୍ତ୍ତିକ ଅମାବାସ୍ୟା ଦିନ ବହୁତ ଉଲ୍ଲସିତ ରହୁଥିଲା । ■

# ସ୍ୱାଧୀନତା



ମେଘରୁ ଅଲଗା ହେବା ପରେ
ପାଣିଟୋପା ମୁକ୍ତି ପାଏ,
ଏକ ବୀଜ ମୁକ୍ତ ହୁଏ,
ପ୍ରସ୍ଫୁଟିତ ହେବାପରେ ,
ଅକ୍ଷର ଲେଖିବା ପରେ ଯାଇ
ମୁକ୍ତ ହୋଇପାରେ କଲମ ।

କାନ୍ଦିଦେଇ ବେଶ୍ ମୁକ୍ତ ଅନୁଭବ କରେ
ନବଜାତ ଶିଶୁ
ଗୋଟିଏ ସ୍ୱର ମୁକ୍ତ ହୋଇପାରେ
ବାହାରି ଆସିବା ପରେ
ହାରମୋନିୟମର କଣ୍ଠରୁ ।


ଗୋଟିଏ ସ୍ୱର ମୁକ୍ତ ହୁଏ
ସତକୁ ଉଚ୍ଚ ସ୍ୱରରେ କହିବା ପରେ
ସତକୁ ଉଚ୍ଚ ସ୍ୱରରେ କହିବା ପରେ । ■

ଅଧ୍ୟାପିକା, ଇଂରାଜୀ ବିଭାଗ
ନିଆଳି କଲେଜ, ନିଆଳି,କଟକ
ମୋ: ୯୯୩୮୩୭୦୨୮୯
୯୮୬୧୩୩୩୯୪୪

ପୁସ୍ତକ ପରିଚୟ

## ପାପୁଲିଏ ବିଶ୍ୱାସ

ପ୍ରକାଶ ଚନ୍ଦ୍ର ରାଉତ



ବନଫୁଲ
ଭି.ଏସ୍. ଏସ୍. ନଗର
ଭୁବନେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୬୫ ଟଙ୍କା

"ପ୍ରେମ ଧାରେ ସର୍ଜିଦେଲା ପରେ/ ଚେଇଁଉଠେ ଜହ୍ନଭିଜା ରାତି/ ପ୍ରଲମ୍ବି ଯାଏ/ ନିଘଞ୍ଚ ପ୍ରେମର କିଆରି ଆଖି ପାଇବା ପର୍ଯ୍ୟନ୍ତ/ ଚିଠି ସବୁ ଟୁକୁଡ଼ା ହେଇ/ ବାଣ୍ଟୁଥାନ୍ତି ସ୍ମୃତି/ କହୁଥାନ୍ତି ପ୍ରେମ ଅଟେ ଚିରନ୍ତନ ସତ୍ୟ ଓ ଶାଶ୍ୱତ ।" (ପ୍ରେମ ପାଇଁ ଚିଠିଟିଏ) ପ୍ରେମ ସର୍ବଦା ଶାଶ୍ୱତ, ଚିରନ୍ତନ । ପ୍ରେମର ଗଭୀରତା ମାପି ହୁଏ ନାହିଁ, କେବଳ ଅନୁଭବ କରିହୁଏ । ପ୍ରେମ, ଫଗୁଣ, ସ୍ମୃତି, ଅନୁଭୂତିର ଛଳ ଛଳ ଭାବ ଉକୁଟି ଉଠିଛି ପ୍ରକାଶ ଚନ୍ଦ୍ର ରାଉତଙ୍କ 'ପାପୁଲିଏ ବିଶ୍ୱାସ' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକରେ ଏକାବନଟି କବିତା ସଂକଳିତ ହୋଇଛି । 'ପାପୁଲିଏ ବିଶ୍ୱାସ', 'ପ୍ରେମ ପାଇଁ ଚିଠିଟିଏ', 'ସ୍ୱପ୍ନଭିଜା ଝିଅ ଆଉ କବିତା', 'ଉର୍ଦ୍ଧ୍ୱ ଉଡ଼ାଣ', 'ରୂପାନ୍ତର', 'ଛଳନା', 'ରାତିଟିଏ ପାହିବା ଆଗରୁ', 'ଅବସୋସ', 'କାକୁସ୍ଥ ଜୀବନ', 'ମୋହାବିଷ୍ଟ', 'ନିର୍ବାଣ', 'ଆସଥରେ ଈଶ୍ୱରଙ୍କୁ ଭେଟିବା', 'କୃଷ୍ଣହସ', 'ଯାତ୍ରାପଥେ ମୁଁ', 'ଈଶ୍ୱର', 'ଜୀବନ', 'ଛଦ୍ମବେଶ', 'ସ୍ୱପ୍ନ ଏକ ଫଗୁଣ ବେଳର' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ଏହି ପୁସ୍ତକର ଅନେକ କବିତାରେ ପ୍ରେମ,ଈଶ୍ୱର ଭକ୍ତି, ଜୀବନବୋଧ, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । ଜୀବନର ମହାର୍ଘ୍ୟ ମୁହୂର୍ତ୍ତ ସବୁ କବିତାର ରୂପ ନେଇଛି । ନିର୍ବାଣ ପାଇଁ କବି କେତେବେଳେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛନ୍ତି ପୁଣି କେତେବେଳେ ସ୍ୱପ୍ନଭିଜା ଝିଅ ପାଇଁ କବିତା ଲେଖୁଛନ୍ତି । 'ପାପୁଲିଏ ବିଶ୍ୱାସ' ପୁସ୍ତକର କବିତାଗୁଡ଼ିକ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।

## ଅନୁଭବ ଅନାହତ

ସୁଧାଂଶୁ ଶେଖର ପଟ୍ଟନାୟକ



ତୀର ତରଙ୍ଗ ପବ୍ଲିକେଶନ୍
ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର
ପ୍ରଥମ ପ୍ରକାଶନ : ୨୦୨୪
ମୂଲ୍ୟ: ୧୨୦ ଟଙ୍କା

ଜୀବନରେ ଅନେକ ମଣିଷଙ୍କ ସାନ୍ନିଧ୍ୟ ମିଳିଥାଏ । ତେବେ କେତେକଙ୍କ ଭଲ ପାଇବା, ଆତ୍ମୀୟତା ସାରା ଜୀବନ ଭୁଲି ହୁଏନାହିଁ । ପୁଣି କେଉଁ ମୁହୂର୍ତ୍ତରେ ନିରବତା ନେଇ ଆସେ ଝଡ଼ର ରୂପ । ଏମିତି ଜୀବନର ବାସ୍ତବତାର ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି ସୁଧାଂଶୁ ଶେଖର ପଟ୍ଟନାୟକଙ୍କ 'ଅନୁଭବ ଅନାହତ' ପୁସ୍ତକର କବିତାଗୁଡ଼ିକରେ । "ଜୀବନରେ କେଉଁ ମୁହୂର୍ତ୍ତରେ,/କେଜାଣି ଧସେଇ ଆସେ ଆକସ୍ମାତ/ କୋଳାହଳର ଦୁନିଆରେ/ ନିରବତାର ଝଡ଼ ନେଇ ।" (ନିରାଶା) ଏହି ପୁସ୍ତକରେ ସଂକଳିତ 'ବୃଦ୍ଧ ଆହ୍ୱାନ', 'ଶୀତସ୍ପର୍ଶ', 'ନିରବଦ୍ରଷ୍ଟା', 'ଭିଟାମାଟି', 'ଜୀବନ', 'ଭୟ', 'ଆଶା', 'ନିରାଶା', 'ବିଫଳତା', 'ଭୋକ', 'ବଞ୍ଚିବାକୁ ଦିଅ', 'ନିରବତା', 'ମୋହଭଙ୍ଗ', 'ଚଲାପଥ', 'ରାସ୍ତା' ଆଦି କବିତାରେ ବାସ୍ତବ ଜୀବନ ନିଚ୍ଛକ ଚିତ୍ର ପ୍ରତିଫଳିତ ହୋଇଛି । ଜୀବନରେ ଦୁଃଖ, ଯନ୍ତ୍ରଣା, ନିରାଶା, ବିଫଳତା ରହିଛି । ତଥାପି ଜୀବନ ସବୁ ମତେ ସୁନ୍ଦର ଓ ଅନୁପମ - ଏଭଳି ମହାନ ଅନୁଭବ ଅନେକ କବିତାରେ ଉତ୍‌କୀର୍ଣ୍ଣ ହୋଇଛି । ଜୀବନର ଅନେକ ଅକୁହା ବେଦନା କବିତାରେ ରୂପ ଲାଭ କରିଛି । ସେଭଳି 'ବୋଉ', 'ବାପା', 'ବୁଢ଼ାଲୋକ', 'ସଂପର୍କର ସେତୁ', 'ସଂପର୍କ' ଆଦି କବିତାରେ ମାନବୀୟ ସଂପର୍କ,ମାନବିକତାର ସ୍ୱର ଅତି ମାର୍ମିକ ଭାବେ ଚିତ୍ରିତ ହୋଇଛି । ଗଭୀର ଜୀବନାନୁଭବ, ନିବିଡ଼ ଅନୁଭୂତି, ଅଭୁଲା ସ୍ମୃତି, ମଣିଷପଣିଆ, ସାମାଜିକ ବାସ୍ତବତାର ବର୍ଣ୍ଣନା କବିତାଗୁଡ଼ିକକୁ ଅଧିକ ମର୍ମସ୍ପର୍ଶୀ କରିଛି । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

## ନଳିହାଡ଼ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ
# ଅଭିଯୁକ୍ତ ସୀମାଙ୍କୁ ଆଜୀବନ ଜେଲ

ବ୍ରହ୍ମପୁର,୨୮ ।୬(ସମିସ): ନଳିହାଡ଼ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ଶନିବାର ପ୍ରକାଶ ପାଇଛି । ଜିଲ୍ଲା ଦୌରାଜଜ ଡ. ଭାଗ୍ୟଲକ୍ଷ୍ମୀ ରଥ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ହିଞ୍ଜିଳି ଥାନା ଅନ୍ତର୍ଗତ ସୋମପୁର ଗ୍ରାମର ସୀମା ମହାରଣା(୩୫)କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହିତ ୩୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୨୦୨୨ ଅକ୍ଟୋବର ୯ରେ ସଚିନ ମହାରଣାଙ୍କୁ ସୀମା ମହାରଣା ଘରୁ ଡାକି ନେଇଥିଲେ । ଏହାପରେ ଆଉ ସେ ଘରକୁ ଫେରିନଥିଲେ । ଘଟଣାର ୨ଦିନ ପରେ ସଦର ଥାନା ଅନ୍ତର୍ଗତ ନଳିହାଡ ଗ୍ରାମ ପୋଖରୀରୁ ତାଙ୍କ ଶବ ମିଳିଥିଲା । ପରେ ପୁଲିସ ସୀମାଙ୍କୁ ଥାନାକୁ ଆଣି ଜେରା କରିବାରୁ ସେ ସଚିନଙ୍କୁ ଉକ୍ତ ପୋଖରୀକୁ ଠେଲି ହତ୍ୟା କରିଥିବା ସ୍ୱୀକାର କରିଥିଲେ । ସୀମାଙ୍କୁ ଗିରଫ କରି କୋର୍ଟଚାଲାଣ ସହ ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ସଦର ଏସ୍‌ଡିପିଓ ଶିବଶଙ୍କର ମହାପାତ୍ର କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ । ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ମାମଲା ପରିଚାଳନା କରୁଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାପ୍ରଭୁ ଦାୟୀଙ୍କୁ...

କରନ୍ତୁ ବୋଲି ସାଧାରଣରେ ଦାବି ହୋଇଛି ।

"ଏକ୍ସ'ରେ ନବୀନ କହିଛନ୍ତି ଯେ ନନ୍ଦିଘୋଷ ରଥଟଣାରେ ଅଯଥା ବିଳମ୍ବ ପାଇଁ ପ୍ରଶାସନକୁ ଦୋଷାରୋପ କିମ୍ବା ଅଙ୍ଗୁଳି ନିର୍ଦ୍ଦେଶ କରିବାକୁ ଆମେ ଚାହୁଁନାହୁଁ । କିନ୍ତୁ ଆମ ରାଜ୍ୟର ତଥା କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଏହି ପବିତ୍ର ଉତ୍ସବରେ ଯେଉଁ ଅଘଟଣ ଘଟିଛି, ସେଥିପାଇଁ ଆମର ଗଭୀର ଚିନ୍ତା ଓ ଦୁଃଖ ପ୍ରକାଶ ନ'କରି ରହି ହେଉନାହିଁ । ଗତ ବର୍ଷ ଆଡ଼ପ ପହଣ୍ଡି ବିଜେ ସମୟରେ ଭଗବାନ ବଳଭଦ୍ର ପଡ଼ିଯିବା ଘଟଣାକୁ ଏଯାଏଁ ଆମେ କେହି ଭୁଲି ପାରୁନାହୁଁ; ଏହା ଏପରି ଏକ ମୁହୂର୍ତ୍ତ ଥିଲା ଯାହା ଅଗଣିତ ଶ୍ରଦ୍ଧାଳୁଙ୍କୁ ମର୍ମାହତ କରିଥିଲା । ଏବର୍ଷ ସମସ୍ତେ ଦେଖିଲେ ନନ୍ଦିଘୋଷ ରଥ ସିଂହଦ୍ୱାର ସାମ୍ନାରେ ସନ୍ଧ୍ୟା ୭:୪୫ ପର୍ଯ୍ୟନ୍ତ ଅଟକି ରହିଥିଲା ଏବଂ ଦିନ ଶେଷ ହେବା ପୂର୍ବରୁ ମାତ୍ର କିଛି ମିଟର ଗଡ଼େଇ ଦିଆଗଲା । ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଏହି ଅନନ୍ୟ ଉତ୍ସବ ଦେଖିବାକୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ଏହା ସମ୍ପୂର୍ଣ୍ଣ ଭାବେ ନିରାଶ ଓ ହତାଶ କରିଛି । ଭିଡ଼ ନିୟନ୍ତ୍ରଣରେ ଅପାରଗତା ହେତୁ ଶହ ଶହ ଭକ୍ତ ଆହତ ହୋଇଛନ୍ତି ବୋଲି ନବୀନ କ୍ଷୋଭ ପ୍ରକାଶ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମେ କେବଳ ଏତିକି ପ୍ରାର୍ଥନା କରିପାରିବା ଯେ 'ରଥଯାତ୍ରାର ଏହି ଦିବ୍ୟ ଉତ୍ସବରେ ହୋଇଥିବା ଭୟଙ୍କର ବିଭ୍ରାଟ ତଥା ବିଶୃଙ୍ଖଳା ପାଇଁ ଦାୟୀ ସମସ୍ତଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ କ୍ଷମା କରନ୍ତୁ ।' ମୁଁ ଆଶା କରିବି ଏହି ଘଟଣା ସରକାରରେ ଥିବା ସମସ୍ତଙ୍କ ମନରେ ଗଭୀର ଆତ୍ମଚିନ୍ତନ ଆଣିବ । ଶେଷରେ ଚକା ଆଖି ସବୁ ଦେଖୁଛି ବୋଲି ନବୀନ ଉଲ୍ଲେଖ କରିଛନ୍ତି ।

ଅପରପକ୍ଷେ ନବୀନଙ୍କ ପରାମର୍ଶକୁ ରାଜ୍ୟ ସରକାର ବିନା ଦ୍ୱିଧାରେ ଗ୍ରହଣ କରିବା ଉଚିତ୍ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଗତବର୍ଷ ରଥଯାତ୍ରାରେ ଏକାଧିକ ବିଭ୍ରାଟ ଘଟିଥିଲେ ହେଁ ସରକାର ଏହାକୁ ଗୁରୁତ୍ୱର ସହ ଗ୍ରହଣ କଲେନାହିଁ । ବଡ଼ଠାକୁର ବଳଭଦ୍ର ରଥରୁ ପଡ଼ିଯିବା ପରି ମହାବିଭ୍ରାଟ ଘଟିଥିଲେ ହେଁ ଏହାର ତଦନ୍ତ ରିପୋର୍ଟ ଏଯାବତ୍ ସାର୍ବଜନୀନ କରାଗଲା ନାହିଁ କିମ୍ବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ । ସରକାରଙ୍କ ଏପରି ଖାମଖିଆଲି ମନୋଭାବ ଚଳିତବର୍ଷର ଅବ୍ୟବସ୍ଥା, ବିଭ୍ରାଟକୁ ବାଟ କଢ଼ାଇ ନେଲା । ଏହାପରେ ବି ସରକାର ନିଜ ତ୍ରୁଟିକୁ ଗ୍ରହଣ କରିବାକୁ ନାରାଜ । କେଉଁ ପରିସ୍ଥିତିରେ ଏକାଧିକ ବିଭ୍ରାଟ ଘଟିଲା, ତାହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ । ଗୁଣ୍ଡିଚା ଯାତ୍ରାର ବାକି ଉତ୍ସବ, ନୀତିକାନ୍ତି ଯେପରି ଶୃଙ୍ଖଳାର ସହ ସମାପନ ହେବ, ତାହାକୁ ସରକାର ସର୍ବାଧିକ ପ୍ରାଥମିକତା ଦେବାକୁ ଭକ୍ତ ମହଲରେ ଦାବି ହୋଇଛି ।

### ମହାକାଶରୁ ଭବ୍ୟ...

କଥା ହେବା ସମୟରେ ମୁଁ ଗୋଡ ବାନ୍ଧିକି ରଖିଛି । କାରଣ ମାଧ୍ୟାକର୍ଷଣ ଶକ୍ତି ନ ଥିବାରୁ ଗୋଡ଼ ନ ବାନ୍ଧିଲେ ଉଡ଼ିଯିବି । ଏଠାରେ ଶୋଇବା ବହୁତ ବଡ଼ ଆହ୍ୱାନ । ଯୋଗର ପ୍ରଭାବ ବିଷୟରେ ପଚାରିବାରୁ ଏହାର ବହୁତ ଭଲ ପ୍ରଭାବ ପଡୁଛି ବୋଲି ଶୁଭାଂଶୁ କହିଛନ୍ତି । ଏହି ଯାତ୍ରା ଅଦ୍ଭୁତ ଥିଲା । ସେ ଶିଶୁଙ୍କ ନିଜ ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ ବାର୍ତ୍ତା ଦେଇଛନ୍ତି । 'ସ୍କାଇ ଇଜ ନେଭର ଦ ଲିମିଟ' (ଆକାଶର କୌଣସି ସୀମା ନାହିଁ) ବୋଲି କହିଛନ୍ତି । ଶୁଭାଂଶୁଙ୍କ ମହାକାଶ ଯାତ୍ରା ପାଇଁ ଭାରତ ଅକ୍ସିଅମ-୪ ଅଭିଯାନରେ ୫୦୦ରୁ ୫୫୦ କୋଟି ଟଙ୍କା ନିବେଶ କରିଛି । ଏଥିରେ ତାଙ୍କ ସିଟ୍ ଏବଂ ପ୍ରଶିକ୍ଷଣ ଖର୍ଚ୍ଚ ମଧ୍ୟ ସାମିଲ ରହିଛି ।

### ଚାପିଦେଲା ବସ୍...

ଓଭରବ୍ରିଜ୍ ବାଇପାସ୍ ନିକଟରେ ଏହି ଅଘଟଣ ଘଟିଥିଲା । ପିପିଲି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ୩ ଛାତ୍ରୀଙ୍କ ଶବ ଜବତ କରି ପିପିଲି ଡାକ୍ତରଖାନାକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି ।

ସୂଚନାନୁଯାୟୀ, ରିମ୍‌ଜିମ୍, ଏଲିନା ଓ କାଜଲ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀ । ସେମାନେ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରହନ୍ତି । ରଥଯାତ୍ରା ଦେଖିବାକୁ ଆଜି ଏକ ସ୍କୁଟିରେ ସେମାନେ ପୁରୀ ବାହାରିଥିଲେ । ପିପିଲି ଓଭରବ୍ରିଜ୍ ବାଇପାସ୍ ନିକଟରେ ରଙ୍ଗରୁଟ୍‌ରେ ଆସୁଥିବା ଏକ ବାଇକ୍ ସେମାନଙ୍କୁ ଧକ୍କା ଦେବାରୁ ୩ଜଣ ଯାକ ତଳେ ପଡ଼ି ଯାଇଥିଲେ । ଏହି ସମୟରେ ପଛରୁ ଆସୁଥିବା ଓଏସ୍‌ଆର୍‌ଟିସିର ଏକ ଟୁରିଜିମ୍ ବସ୍ ସେମାନଙ୍କ ଉପରେ ଚଢ଼ିଯାଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ସେମାନଙ୍କର ମୃତ୍ୟୁ ହୋଇଯାଇଥିଲା । ଦୁର୍ଘଟଣା ଘଟାଇବା ପରେ ସଂପୃକ୍ତ ବସ୍‌ଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା । ପିପିଲି ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଶବଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି ।

ଅପରପକ୍ଷେ ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ପୁରୁଣା ଭୁବନେଶ୍ୱର ବହୁ ବାସିନ୍ଦା ପିପିଲି ମେଡିକାଲରେ ପହଞ୍ଚି ପାଟିତୁଣ୍ଡ କରିବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ରଙ୍ଗରୁଟ୍‌ରେ ଆସୁଥିବା ଉକ୍ତ ବାଇକ୍ ଚାଳକ ଓ ବେପରୁଆ ବସ୍‌ର ଚାଳକକୁ ଗିରଫ କରିବାକୁ ସେମାନେ ଦାବି କରିଥିଲେ । ପରିବାରଲୋକଙ୍କ ସହ ସଂପର୍କୀୟମାନେ କ୍ଷତିପୂରଣ ଦାବିରେ ମେଡିକାଲ ସମ୍ମୁଖ ରାସ୍ତାରେ ପ୍ରତିବାଦ କରିଥିଲେ । ଖବର ପାଇ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର, ତହସିଲ୍‌ଦାର ହୃଷୀକେଶ ତ୍ରିପାଠୀ, ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, ପୁରୁଣା ଭୁବନେଶ୍ୱର କର୍ପୋରେଟର୍ ଶିବପ୍ରସାଦ ବେହେରା ପ୍ରମୁଖ ପିପିଲି ମେଡିକାଲରେ ପହଞ୍ଚି ମୃତ ପରିବାରଲୋକଙ୍କ ସହ ଆଲୋଚନା କରିବା ସହ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ।

### ଦୁଇଟି ଦୁର୍ଘଟଣାରେ...

ଥାନା ଗଡ଼ଗଡ଼ବାହାଲି ଗାଁର ରାଇସିଂ ରଣାଙ୍କ ପୁଅ ପୂରବ ରଣା(୨) । ସେହିପରି ଅନ୍ୟ ୨ଜଣ ଗୁରୁତର ଆହତ ହୋଇ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ସେମାନେ ହେଲେ, ଲଳିତଙ୍କ ସ୍ତ୍ରୀ ଲେମ୍ବୁବତୀ (୩୦) ଏବଂ ରୋହନ ଶବର (୧୨) ।

ଶନିବାର କୋମନା ଥାନା ପଲସିପାଣି ଗାଁର ଲଳିତ ନିଜ ପରିବାର ସହ ବାଇକ୍‌ରେ ନିକଟସ୍ଥ ବଞ୍ଜାରି ଗାଁକୁ ରଥଯାତ୍ରା ଦେଖିବାକୁ ଯାଉଥିଲେ । ଗୋଟିଏ ବାଇକ୍‌ରେ ସ୍ତ୍ରୀ ଲେମ୍ବୁବତୀ, ଝିଅ ଡୋଲେଶ୍ୱରି ଓ ସୁନାଫୁଲ ଏବଂ ପୁଅ ନରେଶ (୫)ଙ୍କୁ ମିଶାଇ ୫ଜଣ ବସିଥିଲେ । ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ବେଳେ ସେମାନେ ପଲସିପାଣି ଛକ ପାର୍ ହେଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା । ସେଥିରେ ୩ଜଣ ବସିଥିଲେ । ଖବର ପାଇ ଅଗ୍ନିଶମ କର୍ମଚାରୀ ତୁରନ୍ତ ସମସ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । କିନ୍ତୁ ସେଠାରେ ଲଳିତ, ତାଙ୍କ ଝିଅ ଡୋଲେଶ୍ୱରୀ ଓ ଅନ୍ୟ ଏକ ବାଇକ୍‌ରେ ଥିବା କ୍ଷୀରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ସେହିପରି ଚିକିତ୍ସାଧୀନ ଅବସ୍ଥାରେ ସୁନାଫୁଲଙ୍କ ସେଠାରେ ମୃତ୍ୟୁ ଘଟିଥିଲା ।

ସେହିପରି ଅନ୍ୟ ଏକ ଦୁର୍ଘଟଣାରେ ସ୍ଥାନୀୟ ଗଡ଼ଗଡ଼ ବାହାଲିଗାଁର ରାଇସିଂ ନିଜର ଦୁଇ ସନ୍ତାନଙ୍କୁ ନେଇ ବଞ୍ଜାରୀକୁ ରଥଯାତ୍ରା ଦେଖିବାକୁ ଯାଉଥିଲେ । ବାଟରେ ବାଞ୍ଜିବାହାଲ ଛକ ନିକଟରେ ତାଙ୍କ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ୩ ଜଣଙ୍କୁ ଅଗ୍ନିଶମ ବିଭାଗ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା । ଡାକ୍ତର ରାଇସିଂଙ୍କ ପୁଅ ପୂରବଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ପରେ ସାରା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି । ଘଟଣା ସ୍ଥଳରେ ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ ପହଞ୍ଚି ପରିସ୍ଥିତି ସମ୍ପର୍କରେ ବୁଝି ସମବେଦନା ଜଣାଇଛନ୍ତି । ପୁଲିସ୍ ସବିଶେଷ ତଦନ୍ତ ଚଳାଇଛି ।

### ଗଛରେ ବାଇକ୍ ପିଟିହୋଇ...

ଅବସ୍ଥାରେ ଆଉଜଣଙ୍କର ମୃତ୍ୟୁ ହୋଇଥିଲା । ଆହତ ହାଡ଼ି ପିଡିକାକା ଏବେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ଅପରପକ୍ଷେ, ମୁନିଗୁଡ଼ା ପୁଲିସ୍ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଥିଲା । ଏହାସହ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ମୁନିଗୁଡ଼ା ଥାନାଧିକାରୀ ସୌଦାମିନୀ ବେହେରା ସୂଚନା ଦେଇଛନ୍ତି ।

### କାରଣ କ'ଣ...

୧୦ ଲକ୍ଷ ଭକ୍ତଙ୍କୁ ସମ୍ଭାଳିବାରେ ସରକାର କିଭଳି ନୟାନ୍ତ ହୋଇପଡ଼ିଲେ, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ରଥଯାତ୍ରାର ସୁପରିଚାଳନା ପାଇଁ 'କାର୍ ଫେଷ୍ଟିଭାଲ୍ କୋଡ୍-୧୯୮୩' ବ୍ୟବସ୍ଥା ରହିଛି । ସେହି କୋଡ୍ ଅନୁସାରେ, ରଥଟଣା ସମୟରେ 'କର୍ଡନ ପାସ୍' ବୈଧ ହୋଇ ନଥାଏ । ତେବେ ଏଥର ରଥଟଣା ପାଇଁ ନିର୍ଦ୍ଧାରିତ ସମୟ ହୋଇଯାଇଥିଲେ ବି କାହା ସ୍ୱାର୍ଥରେ କର୍ଡନ୍ ପାସ୍‌ଧାରୀଙ୍କୁ ରଥ ନିକଟକୁ ଆସିବାକୁ ଅନୁମତି ଦିଆଯାଇଥିଲା, ତାକୁ ନେଇ ପ୍ରଶ୍ନ ଉଠିଛି । ରଥଯାତ୍ରା ଦାୟିତ୍ୱରେ ଥିବା ଆଇପିଏସ୍ ଅଧିକାରୀ ଏବଂ ଖୋଦ୍ ଆଇନମନ୍ତ୍ରୀ ଏହି ବିଧି ବ୍ୟବସ୍ଥା ସମ୍ପର୍କରେ କିଭଳି ଜାଣିପାରିଲେନି ବୋଲି ଅଭିଯୋଗ ହେଉଛି ।

କେବଳ ଏତିକି ନୁହେଁ; ରଥଟଣା ବିଳମ୍ବ ନେଇ ବଡ଼ଠାକୁରଙ୍କ ରଥ ମୋଡ଼ ନେବା ବିଭ୍ରାଟର ଅନ୍ୟ ଏକ ବଳିଷ୍ଠ କାରଣ ବୋଲି କୁହାଯାଉଛି । ହେଲେ କାର୍ ଫେଷ୍ଟିଭାଲ୍ କୋଡ୍ ନିୟମାନୁସାରେ, ବଳଭଦ୍ରଙ୍କ ରଥର ଦାୟିତ୍ୱ ସ୍ଥାନୀୟ ଏସ୍‌ପିଙ୍କ ଉପରେ ନ୍ୟସ୍ତ । ପୂର୍ବଦିନରୁ ରଥ ମୋଡ଼ ନେବା ଘଟଣା ଜଣାପଡ଼ିଥିଲେ ବି ସ୍ଥାନୀୟ ଏସ୍‌ପି ଏହାକୁ କେମିତି ଅଣଦେଖା କଲେ । ସେହିଭଳି ଜଗନ୍ନାଥଙ୍କ ରଥ ଦାୟିତ୍ୱ ଜିଲ୍ଲାପାଳଙ୍କର ଥିବାବେଳେ ସୁଭଦ୍ରାଙ୍କ ରଥର ଦାୟିତ୍ୱ ଅତିରିକ୍ତଙ୍କ ଜିଲ୍ଲାପାଳଙ୍କ ଉପରେ ରହିଛି । ଏହି ଅଧିକାରୀମାନେ ମହାରଣା ଓ ଭୋଇ ସେବାୟତଙ୍କ ସାହାଯ୍ୟରେ ରଥଟଣା କାର୍ଯ୍ୟକୁ ସୂଚାରୁ ରୂପେ କରିବା କଥା । ମାତ୍ର ଏଥିପ୍ରତି ଦୃଷ୍ଟି ଦିଆଗଲାନି । ଫଳସ୍ୱରୂପ ଏଭଳି ମହାବିଭ୍ରାଟ ଦେଖିବାକୁ ପଡ଼ିଲା । ତେଣୁ ସରକାର ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ରଥଟଣା ବିଳମ୍ବର କାରଣ ଖୋଜିବା ସହ ପୁନର୍ବାର ଯେମିତି ଏଭଳି ଅଘଟଣ ନ ଘଟେ, ତା'ଉପରେ ଦୃଷ୍ଟିଦେବାକୁ ଭକ୍ତମହଲରୁ ଦାବି ହେଉଛି ।

### ତିନି ଦିନରେ...

ରାଜ୍ୟ ସଭାପତି ନିର୍ବାଚନ ପ୍ରକ୍ରିୟା ବିଳମ୍ବିତ ହୋଇ ଚାଲିଥିଲା । ଏହାକୁ ନେଇ ଦଳୀୟ ସଂଗଠନ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ବେଳେ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସୂଚନା ଦଳ ଭିତରେ ନୂଆ ଉନ୍ମାଦନା ଆଣିଛି ।

ସୂଚନା ଅନୁଯାୟୀ, ସଭାପତି ପଦ ଦୌଡ଼ରେ ଦୁଇଟି ଗୋଷ୍ଠୀ ମଧ୍ୟରେ ଟଣାଓଟରା ସ୍ଥିତି ଲାଗି ରହିଛି । ଜିଲ୍ଲା ସଭାପତି ନିର୍ବାଚନରେ ଏହି ଟଣାଓଟରା ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଥିଲା । ଏପରିକି ଗୋଟିଏ ଗୋଷ୍ଠୀ ସଂଖ୍ୟାଧିକ ସଭାପତି ପଦବୀ ହାତେଇଥିବା ଦାବି କରୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀଙ୍କ ଉପରେ କେନ୍ଦ୍ରୀୟ ନେତୃତ୍ୱଙ୍କ ଆଶୀର୍ବାଦ ରହିଛି ବୋଲି ସେମାନଙ୍କ ସମର୍ଥକ କହି ବୁଲୁଛନ୍ତି । ଏପରି ସ୍ଥିତିରେ ଗତ କିଛି ମାସ ଧରି ସଭାପତି ପଦବୀ ହାତେଇବାକୁ ଉଭୟ ଗୋଷ୍ଠୀ ନିଜ ନିଜ ସ୍ତରରେ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି ।

କେନ୍ଦ୍ର ନିର୍ବାଚନ ଅଧିକାରୀ ଡ. ବି. ଲକ୍ଷ୍ମଣଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟମାନଙ୍କ ନିର୍ବାଚନ ପ୍ରକ୍ରିୟା ଜୁନ୍ ୨୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ୩ ଦିନ ଧରି ହେବାକୁ ଥିବା ଏହି ନିର୍ବାଚନ ପ୍ରକ୍ରିୟା ଜୁଲାଇ ୧ ସୁଦ୍ଧା ଶେଷହେବ । ଏହି ନିର୍ବାଚନ ପ୍ରକ୍ରିୟାର ସୁପରିଚାଳନା ଓ ତଦାରଖ କରିବା ପାଇଁ କେନ୍ଦ୍ର ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ବିହାର ସାଂସଦ ସଞ୍ଜୟ ଜୟସ୍ୱାଲଙ୍କୁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି ।

ଅପରପକ୍ଷେ ଓଡ଼ିଶାରେ ସଭାପତି ନିର୍ବାଚନ ସହ ଖୁବଶୀଘ୍ର ଜାତୀୟ ସ୍ତରରେ ମଧ୍ୟ ସଭାପତି ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ଦଳ ପାଗ ଭିଡ଼ିଛି । ବିଜେପିର ସମ୍ବିଧାନ ଅନୁଯାୟୀ, ଦଳର ୩୭ଟି ସାଂଗଠନିକ ସଭାପତି ପଦରୁ ୫୦ ପ୍ରତିଶତ ଅର୍ଥାତ୍ ୧୯ଟି ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳରେ ସଭାପତି ନିଯୁକ୍ତ ହେବା ଆବଶ୍ୟକ । ମାତ୍ର ଶନିବାର ସୁଦ୍ଧା ଦଳ ମାତ୍ର ୧୪ଟି ରାଜ୍ୟରେ ସାଂଗଠନିକ ନିର୍ବାଚନ ପ୍ରକ୍ରିୟା ସାରିବା ସହ ସଭାପତିଙ୍କ ନାମ ଘୋଷଣା କରିପାରିଛି । ଗତ ୨୭ ତାରିଖରେ ଦଳ ପକ୍ଷରୁ ମହାରାଷ୍ଟ୍ର, ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗରେ ରାଜ୍ୟ ବିଜେପି ସଭାପତି ଚୟନ ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି । ଖୁବଶୀଘ୍ର ଏହିସବୁ ରାଜ୍ୟରେ ସଭାପତି ନିଯୁକ୍ତ ହେବେ । ଏହାସହ ୨୯ ତାରିଖ ସୁଦ୍ଧା ତ୍ରିପୁରା ଏବଂ ଆସନ୍ତା ୧ ତାରିଖ ସୁଦ୍ଧା ଆନ୍ଧ୍ର ପ୍ରଦେଶରେ ଦଳ ନୂଆ ସଭାପତିଙ୍କ ନାମ ଘୋଷଣା କରିବ । ଏହାପରେ ରାଷ୍ଟ୍ରୀୟ ସଭାପତିଙ୍କ ନାମ ଘୋଷଣା ପାଇଁ ବାଟ ଫିଟିବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି ।

### ଘରେ ପଶି...

ବସାଇବାକୁ ସେ ନାବାଳିକାକୁ ଅନୁରୋଧ କରିଥିଲା । କିନ୍ତୁ ନାବାଳିକା ଜଣଙ୍କ ମନା କରିବାରୁ ସେ ତାଙ୍କ ଘରେ ଜୋରଜବରଦସ୍ତ ପଶିଯିବା ସହ ତାଙ୍କୁ ଦୁଷ୍କର୍ମ କରିଥିଲା । ଘରକୁ ଫେରିବା ପରେ ଝିଅଠାରୁ ସବୁ କଥା ଶୁଣିବା ପରେ ଏ ସଂପର୍କରେ ତାଙ୍କ ମା' ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସାଇଣ୍ଟିଫିକ୍ ଟିମ୍ ସହ ପୁଲିସ୍ ଘଟଣାସ୍ଥଳରେ ତଦନ୍ତ କରିବା ସହ ପରେ ଅଭିଯୁକ୍ତ ଟାରଜନ୍‌କୁ ଗିରଫ କରି କୋର୍ଟଚାଲାଣ କରିଥିଲା ।

# ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଫ୍ରିଡମ୍‌ର ଆକର୍ଷଣୀୟ ଅଫର




ପୁରୀ,୨୮ ।୬(ସମିସ): ରଥଯାତ୍ରା ଅବସରରେ ଖାଇବା ତେଲ ଫ୍ରିଡମ୍‌ର ଷ୍ଟଲ ପକ୍ଷରୁ ସରଧାବାଲିସ୍ଥିତ ମାଉସୀ ମା ମନ୍ଦିର ଠାରେ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଅବସରରେ ଭୁବନେଶ୍ୱର ଡିଏସ୍‌ପି ବିଷ୍ଣୁ ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଫ୍ରିଡମ ତେଲ ପକ୍ଷରୁ ରଥଯାତ୍ରା ଠାରୁ ଆରମ୍ଭ କରି ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ଚାଲିଥିବା ଏହି ଯାତ୍ରାରେ ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ରିଆତି ମୂଲ୍ୟରେ ତେଲ ସହିତ ନିଶ୍ଚିତ ଆକର୍ଷଣୀୟ ଉପହାର ରହିଛି । ଏଥିସହିତ କମ୍ବୋ ଅଫର ଭାବେ ପ୍ରତ୍ୟେକ ଦୁଇ ଲିଟର ସନ ଫ୍ଲାୱାର ସହ ଏକ ଲିଟର ସୋରିଷ ତେଲ ଉପରେ ଆକର୍ଷଣୀୟ ରିଆତି ଦରରେ ମିଳୁଥିବାବେଳେ ପାଞ୍ଚ ଲିଟର ବିଶିଷ୍ଟ ସୋରିଷ ତେଲ ସହ ୫ ଲିଟର ରିଫାଇନ ତେଲ କିଣିଲେ ଆକର୍ଷଣୀୟ ରିଆତି ଦରରେ ମିଳୁଥିବା ବେଳେ ଦୁଇଟି ବାଲ୍ଟି ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି ବୋଲି ଫ୍ରିଡମ ତେଲର ଓଡ଼ିଶା ହେଡ ଅମୀୟ କୁମାର ଧଳ ସୂଚନା ଦେବା ସହ ଜଗତର ନାଥ ଜଗନ୍ନାଥ ରାଜ୍ୟବାସୀଙ୍କୁ ସର୍ବଦା ସୁସ୍ଥ ଓ ନିରୋଗ ରଖନ୍ତୁ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିବନେଶ୍ୱର ବେହେରା, ସମୀର ମହାପାତ୍ର, ବିଭୂତି ଲେଙ୍କା, ସମୀର ପଟ୍ଟନାୟକ, ଜୟଦେବ ବେହେରା, ପ୍ରମୋଦ ଖିଲାର ଏବଂ ସୌମ୍ୟ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ ।

## ■ ରଥଟଣାରେ ମହାବିଭ୍ରାଟ
# ମହାପ୍ରଭୁଙ୍କ ଇଚ୍ଛା, ଭକ୍ତଙ୍କ ସଂଖ୍ୟା କହି ଖସିଯିବାକୁ ଚେଷ୍ଟା

ପୁରୀ,୨୮ ।୬(ସମିସ): ଚଳିତବର୍ଷ ରଥଯାତ୍ରା ଆରମ୍ଭରୁ ଉପୁଜିଛି ବିଭ୍ରାଟ । ରଥ ନିର୍ମାଣଠାରୁ ଗଡ଼ିବା ପର୍ଯ୍ୟନ୍ତ ନାନା ପ୍ରକାର ବିଭ୍ରାଟ ଦେଖିବାକୁ ମିଳିଛି । ମନୁଷ୍ୟକୃତ ତ୍ରୁଟି ପାଇଁ ଏଭଳି ପରିସ୍ଥିତି ଉପୁଜିଥିଲେ ହେଁ ଭକ୍ତ, ଭଗବାନଙ୍କୁ ଆଳ କରାଯାଉଛି । ରଥ କାହିଁକି ଗଡ଼ିଲାନି ବୋଲି ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ଭକ୍ତ ଟାର୍ଗେଟ କରୁଥିବାବେଳେ ଖୁବ୍ ସନ୍ତର୍ପଣରେ ଖସିଯିବାକୁ ଚେଷ୍ଟା କରିଛନ୍ତି ଆଇନ ମନ୍ତ୍ରୀ ଏବଂ ମୁଖ୍ୟ ପ୍ରଶାସକ । ସବୁ ମହାପ୍ରଭୁଙ୍କ ଇଚ୍ଛା । ଏମିତି ବି ଏଥର ଦେଢ଼ଗୁଣା ଭକ୍ତ ହୋଇଯିବା କହି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ହାତ ଝାଡ଼ି ଦେଇଥିବାବେଳେ ମୁଖ୍ୟ ପ୍ରଶାସକ ପୂର୍ବରୁ ଏମିତି ହୋଇଛି, ଏହା ମହାପ୍ରଭୁଙ୍କ ଇଚ୍ଛା ବୋଲି ଭାବିବା କହି ପ୍ରଶାସନିକ ବିଫଳତାକୁ ଲୁଚାଇବା ପାଇଁ ଚେଷ୍ଟା କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

ଚଳିତବର୍ଷ ରଥଯାତ୍ରାକୁ ସୁରକ୍ଷିତ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଲାଗି ବହୁ ବୈଠକ ବସିଛି । ମନ୍ତ୍ରୀସ୍ତରୀୟ କମିଟି ଏକାଧିକଥର ସମୀକ୍ଷା କରିଥିବାବେଳେ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ନେଇ ହୋଇଛି ମାନସ ମନ୍ଥନ । ମୁଖ୍ୟମନ୍ତ୍ରୀ ବି ଏଥର ତ୍ରୁଟିଶୂନ୍ୟ ରଥଯାତ୍ରା କରିବା ଉପରେ ଜୋର୍ ଦେଇଥିଲେ । ହେଲେ ଠିକଣା ବେଳକୁ ସବୁ ପ୍ରସ୍ତୁତି, ସବୁ ଯୋଜନା ଫେଲ୍ ମାରିଛି । ରଥଟଣାରେ ବିଭ୍ରାଟ ଯୋଗୁଁ ଶୁକ୍ରବାର ଗଡ଼ିପାରି ନ ଥିଲା ନନ୍ଦିଘୋଷ ରଥ । ତାଳଧ୍ୱଜ ଏବଂ ଦର୍ପଦଳନ ରଥ ଅଳ୍ପ କିଛି କିଛି ବାଟ ଯାଇ ଅଟକି ରହିଥିଲେ ।

କାହିଁକି ଏମିତି ହେଲା? ଏହି କାରଣ ଖୋଜୁଛନ୍ତି ଭକ୍ତ, ସେବାୟତ ଓ ଅଧିକାରୀ । ଠିକଣା ସମୟରେ ଠାକୁର ରଥାରୂଢ଼ ହେଲେ, ଗଜପତି ମହାରାଜା ଧାର୍ଯ୍ୟ ସମୟରେ ଛେରାପହଁରା ସାରିଲେ । ଏପରିକି ନିର୍ଘଣ୍ଟ ସମୟରେ ବି ଗଡ଼ିଥିଲା ବଡ଼ଠାକୁରଙ୍କ ତାଳଧ୍ୱଜ ରଥ । ହେଲେ ସ୍ୱାଭାବିକ ଭାବେ ବଡ଼ଦାଣ୍ଡରେ ଗଡ଼ୁ ନ ଥିଲା ରଥ । ବାରମ୍ବାର ତାଳଧ୍ୱଜ ରଥ ମୋଡ଼ ନେଉଥିବାରୁ ନାକେଦମ୍ ହୋଇପଡ଼ିଥିଲେ ଭୋଇ ଓ ମହାରଣା ସେବକ । ଶେଷରେ ରାତି ହେବାରୁ ରଥଟଣା ବନ୍ଦ କରାଯାଇଥିଲା । ବଳଗଣ୍ଡିରେ ତାଳଧ୍ୱଜ, ମରୀଚିକୋଟରେ ଦର୍ପଦଳନ ରଥ ଅଟକି ରହିଥିବାବେଳେ ନନ୍ଦିଘୋଷ ରଥ ପାହୁଣ୍ଡେ ଗଡ଼ି ସିଂହଦ୍ୱାର ଆଗରେ ଠିଆ ହୋଇଥିଲା । ଏହି ବିଭ୍ରାଟକୁ ନେଇ ଏବେ ଦୋଷ ଠେଲାଠେଲି ଚାଲିଛି । ଶାସକ ଦଳ ରଥଯାତ୍ରାର ପୁରୁଣା ଇତିହାସକୁ ଘାଣ୍ଟୁଥିବାବେଳେ ବିରୋଧୀମାନେ ବିଫଳତାକୁ ଧରି ଶାଣିତ ଆକ୍ରମଣ କରୁଛନ୍ତି । ଏଭଳି ସ୍ଥିତିରେ ଆଇନ ମନ୍ତ୍ରୀ କହିଛନ୍ତି, ଧାର୍ଯ୍ୟ ସମୟ ମଧ୍ୟରେ ସୁରୁଖୁରୁରେ ସବୁ ନୀତିକାନ୍ତି ସମ୍ପନ୍ନ ହୋଇଥିଲା । ହେଲେ ଅନୁକୂଳ ପାଗ ଯୋଗୁଁ ଦେଢ଼ଗୁଣା ଭକ୍ତ ହୋଇଗଲେ । ତେଣୁ ରଥଟଣାରେ କିଛିଟା ବିଳମ୍ବ ହେଲା । ବଡ଼ଠାକୁରଙ୍କ ରଥ ବାରମ୍ବାର ମୋଡ଼ ନେଲା । ବିଗତ ବର୍ଷରେ ଏମିତି ହୋଇଛି । ଏହା ମହାପ୍ରଭୁଙ୍କ ଇଚ୍ଛା ବୋଲି କହିଛନ୍ତି । ସେହିପରି ମୁଖ୍ୟ ପ୍ରଶାସକ ମଧ୍ୟ ମହାପ୍ରଭୁଙ୍କ ଇଚ୍ଛା କହି ହାତ ଟେକି ଦେଇଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଯଦି ରଥଟଣା ସ୍ୱାଭାବିକ ହୋଇଥା'ନ୍ତା, ଗୁଣ୍ଡିଚା ମନ୍ଦିରରେ ଗୋଟିଏ କିମ୍ବା ଦୁଇଟି ଅବା ତିନିଟିଯାକ ରଥ ଲାଗିଯାଇଥା'ନ୍ତା ତେବେ ଏହାର ବାହାବା ନେଇଥାନ୍ତେ କିଏ? ନିଶ୍ଚିତ ରାଜ୍ୟ ସରକାର ସଫଳତାର ଶ୍ରେୟ ନେଇଥାନ୍ତେ । ସମାନ ଭାବେ ଯଦି ରଥଟଣାରେ ବିଭ୍ରାଟ ହେଲା ଏବଂ ରଥଗୁଡ଼ିକ ବିଶେଷ ଭାବେ ଆଗକୁ ବଢ଼ିପାରିଲେ ନାହିଁ ସେଥିପାଇଁ ସରକାର ଏବଂ ପ୍ରଶାସନ ନିଜ ଦୋଷ ସ୍ୱୀକାର କରି ମହାପ୍ରଭୁଙ୍କ ଚରଣରେ ସମର୍ପିତ ହେବା କଥା । କିନ୍ତୁ ତାହା ନ କରି ଦୋଷ ଛଡ଼ାଇବାରେ ବ୍ୟସ୍ତ ବୋଲି କହିଛନ୍ତି ଶ୍ରଦ୍ଧାଳୁ ସନ୍ତୋଷ କୁମାର ମହାନ୍ତି । ସେ କହିଛନ୍ତି, କାଲି ଯେଉଁ ରଥ ଗଡ଼ୁ ନ ଥିଲା ଆଜି ଘର୍ଘର ହୋଇ ବଡ଼ଦାଣ୍ଡରେ ଗଡ଼ିଲା କେମିତି? ଆଜି ତ କାହିଁ କାଲିଭଳି ସେମିତି ମୋଡ଼ ନେଲା ନାହିଁ । ଏ କଥାକୁ ବି ସମସ୍ତେ ଭାବିବା ଦରକାର । କର୍ଡନ ପାସ୍ ଏତେ ପରିମାଣରେ ବାଣ୍ଟି କାହିଁକି ବିଭ୍ରାଟ କରାଯାଉଛି । ମହାପ୍ରଭୁଙ୍କ ନିକଟରେ ସମସ୍ତେ ସମାନ । ଏଭଳି ମାନସିକତା ନେଇ କାମ ନ କଲେ ଠାକୁର କାହାର ଅହଂଭାବେ ରଖିନାହାନ୍ତି କି ଆଗକୁ ରଖିବେ ବୋଲି କହିଛନ୍ତି ସନ୍ତୋଷ ।

## ■ ରଥ ସ୍ୱାଭାବିକ ଗଡ଼ିଥିଲେ ବାହାବା ନେଇଥାନ୍ତେ
## ■ ବିଫଳତାରୁ ନ ଗଡ଼ିବାରୁ ହାତ ଝାଡ଼ି ଦେଲେ


**AFFIDAVIT**

I, Gouri Rani Parida, aged about 51 years, W/o- Surendra Kumar Parida, resident of Plot No. 1289, Sastri Nagar, Nayapalli, Bhubaneswar, PIN-751001, Odisha declared by this affidavit No. 532, dtd- 26/06/2025 that now onwards I shall be known as **GOURI RANI BEHERA** for all future purposes.

**TRUST FUND DEGREE COLLEGE, BARGARH**

Phone No. 06646 - 231498

**WALK IN INTERVIEW FOR GUEST FACULTY**

Desirous candidates having more than 55% of marks in concerned subject at P.G. Level may attend the walk in interview for Guest faculty in Physics to be held on **dt. 11.07.2025 at 10.00 A.M.** in college premises.

N.B.: No T.A. / D.A. will be provided to the candidate.

Sd/-
Principal in-Charge-cum-Secretary
TRUST FUND DEGREE COLLEGE,
BARGARH.

**WANTED**

ବୟସ୍କ ଲୋକ କେୟାର,
ବେବିକେୟାର ଓ ରୋଷେଇ,
ଘର କାମ ପାଇଁ ତିନିଜଣ ମହିଳା
ଆବଶ୍ୟକ, ଭଲ ଦରମା ମିଳିବ
**6370964966**

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
**GADHWAL GROUP**
**Mob.: 9437015112**

**AFFIDAVIT**

By virtue of an affidavit before The Notary Public, Titilagarh, on dated-27/06/2025. I, **Himanchal Bishi** (Applicant name), Son of Kartika Bishi, Permanent resident of AT- Banjipadar, P.O. Rigdol, P.S. Titilagarh, Dist. Balangir, (Odisha), PIN- 767033 affirm that I have changed my minor son's name from **Jopesh Bishi** (old name) To **Jupesh Bishi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Jupesh Bishi** (new name).

**Himanchal Bishi**

**AFFIDAVIT**

By virtue of an affidavit Sl. No. 378, dtd. 24.06.2025 before the Notary Public, Bhubaneswar, I, Bijoy Kumar Beura, have changed my name from Bijaya Kumar Beura to Bijoy Kumar Behera. Henceforth I shall be knownas Bijoy Kumar Beura for all purposes.

**Sd/- Bijoy Kumar Beura**

**AFFIDAVIT**

I Kalu Charan Parida, aged about 43 years, S/o- Raj Kishor Parida, resident of At/Po: Goda, Ps- Begunia, Dist- Khordha, Odisha Aadhar No- 3453 9768 8641, Khordha Executive Magistrate declared that **Kalu Charan Parida** and **Prasanta Kumar Parida** both the name same and one person for all purposes.

**Kalu Charan Parida**

**AFFIDAVIT**

By the virtue of an affidavit sworn before Notary Public Daringibadi, Dated 24.06.2025. I KANCHANI BALIARSINGH , D/o Mard Nayak, Address Simonbadi, Po: Simonbadi, Ps: Daringibadi, Dist : Kandhamal, State: Odisha-762104 declare that I have chaged my Name from KANJANI BALIYARSINGH to KANCHANI BALIARSINGH . Henceforth, I shall be known as **KANCHANI BALIARSINGH** for all purposes.

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

**CONTACT : 6371093914**

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

Great Place To Work. Certified

Ref.No:- Edn/2025 /63 Date:-28/06/2025

**ADVERTISEMENT**

**Ispat Vidyamandir,Sector-19, Rourkela (affiliated to CHSE, Odisha)**, run by SAIL, Rourkela Steel Plant requires **Short Term Teachers** for the **session 2025-26** (July, 2025 to April,2026). The subjects, vacancies and requisite qualification for eligibility are as follows :

| Category | Subjects & Vacancy | Minimum requisite qualification |
|---|---|---|
| Category-I (Class-XI to XII) | Lab Asst. (Chemistry)-01 | Minimum 50% marks in aggregate at Graduation level with Chemistry. OR Masters Degree in Chemistry |
| Category-I (Class-XI to XII) | PET - 01 | Bachelor Degree in Physical Education |

**Preference:** Candidates with a) B.Ed/ Higher Qualification, b) Better academic credentials / records, c) Teaching experience in Higher Secondary Schools or College affiliated to CHSE, Odisha.

**Upper Age Limit:** (i) Maximum 60 years (As on date of advertisement)

**Honorarium (Maximum) per month** (subject to 100 periods per month):
**Category-I : Rs.18,000/-**
**Essential documents:**

Interested Candidates, with the above mentioned requisite qualifications may apply in an Application format mentioning i) name ii) subject & category applied for iii) qualification iv) address v) contact nos vi) email-id vii) photograph to be affixed and self attested copies of certificates / mark sheets and submit the same at the Office of Asst. Mgr.(TS) Education, Ispat Vidyamandir, Sector-19, Rourkela Steel Plant, Rourkela by hand on or **before 05/ 07 /2025 ( Saturday) within 10.30 am to 1.00 pm.**

All communication shall be intimated to the candidate **by e-mail / sms only. Accordingly, candidates are requested to keep their e-mail active and check it regularly.** Candidates have to produce the original testimonials and ID proof for verification on the day of interview. Selection will be made through Classroom Demonstration followed by Personal Interview at the institution premises on the date and time to be specified in the intimation. **(No TA/DA will be paid for attending the interview)**

**Address for Communication**
Asst. Manager (TS) Education & Education Officer,
Rourkela Steel Plant,
Education Office,
Ispat Vidyamandir, Sec-19, RKL-5
sujit.naik@sail.in
Mob. 8895503237

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*

### ଗରିବ କଲ୍ୟାଣ ଓ ବିକାଶ ସମାବେଶ

# ୧୬ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ବରଗଡ଼,୨୮।୬(ସମିସ)

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଆର୍‌ଏମ୍‌ସି ପଡ଼ିଆରେ ଗରିବ କଲ୍ୟାଣ ଏବଂ ବିକାଶ ସମାବେଶ ଅନୁଷ୍ଠିତ ହୋଇଛି। ସମାବେଶରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ସମ୍ମାନିତ ଅତିଥି ଭାବେ ରାଜ୍ୟ ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ ୨୨.୦୭୭ କୋଟି ଅଟକଳ ମୂଲ୍ୟର ସମୁଦାୟ ୧୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ରାଜ୍ୟ ସରକାରଙ୍କ ଏକ ବର୍ଷର ଉପଲବ୍‌ଧି ତଥା ବରଗଡ଼ର ବିକାଶରେ ସରକାରଙ୍କ ବିଭିନ୍ନ ପଦକ୍ଷେପ ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଜିଲ୍ଲାର ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିବା ସହ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ସୁବିଧା ପ୍ରଦାନ କରିଥିଲେ। ଏଥିରେ ସମ୍ମାନୀୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ସମେତ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏବଂ ବିଜେପୁର ବିଧାୟକ ସନତ ଗଡ଼ତିଆ ମଞ୍ଚାସୀନ ଥିଲେ। ପୁଣି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମୀନା ମଧ୍ୟ ଉପସ୍ଥିତ ଥିଲେ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଭବନ ନିର୍ମାଣ ତଥା ସମ୍ପ୍ରସାରଣ ପାଇଁ ୧.୪୫୮ କୋଟି ଟଙ୍କା, କ୍ରୀଡ଼ା ଓ ଯୁବସେବା ବିଭାଗ ଅଧୀନରେ ଜାମୁଡ଼ା ଠାରେ ମିନି ଷ୍ଟାଡିୟମ ନିର୍ମାଣ ନିମନ୍ତେ ୮ କୋଟି ଏବଂ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟର ଉନ୍ନତିକରଣ ନିମନ୍ତେ ମୋଟ ୧୨.୬୧୯ କୋଟି ଅଟକଳ ମୂଲ୍ୟର ୧୪ଟି ପ୍ରକଳ୍ପକୁ ମିଶାଇ ସର୍ବମୋଟ ୧୬ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଏହାଛଡ଼ା ଜିଲ୍ଲାର ସଫଳ ମହିଳା ଚାଷୀ ଭାବେ କୁର୍ଲା ଗାଁର ମାଣିକ୍ୟ ପ୍ରଧାନ, ସୁଭଦ୍ରା ହିତାଧିକାରୀ ଭାବେ ସମର୍ପିତା ରାଉତ, ଲକ୍ଷପତି ଦିଦି ଅଞ୍ଜଳି ମହାକୁର, ଅନ୍ତର୍ଜାତୀୟ ଜୁନିୟର ଲେଭେଲ ଆଥଲେଟ ପ୍ରତୀକ ମହାରଣା, ଜାତୀୟ ଯୋଗ ପତିଯୋଗିତାରେ ବ୍ରୋଞ୍ଜ ପଦକ ବିଜେତା ରଞ୍ଜିତା ଭୁଏ ଏବଂ ଜାପାନରୁ ଦୁଇ ଚକିଆ ଯାନ ମେକାନିଜିମ ପ୍ରଶିକ୍ଷଣ ଗ୍ରହଣ କରିଥିବା ଦିବ୍ୟସା ପ୍ରଧାନଙ୍କୁ ସମ୍ମାନିତ କରାହୋଇଥିଲା। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ହିତାଧିକାରୀ ଜୟନ ନାଗ, ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ହିତାଧିକାରୀ ସୁରେଶ ପାଣି, ଅନ୍ତୋଦୟ ଗୃହ ଯୋଜନା ହିତାଧିକାରୀ ବାସନ୍ତୀ କର୍ଣ ଏବଂ ସୁଷମା ବିଶିଙ୍କୁ ସରକାରୀ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗନ୍ଧର୍ବୀ ସାହୁଙ୍କୁ ୧,୬୧,୨୮୦ ଟଙ୍କା ଏବଂ ୨୫୦୦ ମେଟ୍ରିକ ଟନ ବିଶିଷ୍ଟ ଶୀତଳଭଣ୍ଡାରର ବିଜୁଳି ଖର୍ଚ୍ଚର ୫୦% ରିହାତି ବାବଦକୁ ସାଇ କୋଲ୍ଡ ଷ୍ଟୋରେଜ ବରଗଡ଼ର ମାଲିକ ଆର.ସାଇକିରଣଙ୍କୁ ରାଜ୍ୟ ଯୋଜନାରୁ ୩,୦୭,୭୮୦ ଟଙ୍କାର ସବସିଡି ବା ସହାୟତା ରାଶି ପ୍ରଦାନ କରାଯାଇଛି।

ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ପାଇଁ ଧନୁଯାତ୍ରା କଫି ଟେବୁଲ ବୁକ ଓ ସ୍ମରଣିକା ଧନୁଷ୍ପ୍ରଭାକୁ ମହୋତ୍ସବ ସମିତିର ସଭାପତି ତଥା ଜିଲ୍ଲାପାଳ ଓ ସମ୍ପାଦକ ସୁରେଶ୍ୱର ଶତପଥୀ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କୁ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପିପିସି ସ୍ଥାପନ ପାଇଁ ଜମି ଦାନକଲେ ରେମତା ଗ୍ରାମବାସୀ



ବରଗଡ଼,୨୮।୬(ସମିସ): ବରଗଡ଼ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ 'ଗରିବ କଲ୍ୟାଣ ଓ ବିକାଶ ସମାବେଶ' ଆୟୋଜିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୂର୍ଯ୍ୟବଂଶୀ ସୂରଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୨୨ କୋଟିରୁ ଅଧିକ ମୂଲ୍ୟର ୧୬ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ସହ ଜିଲ୍ଲାର ସଫଳ ଚାଷୀ, ସଫଳ ସୁଭଦ୍ରା, ଲକ୍ଷପତି ଦିଦିଙ୍କୁ ସମ୍ମାନିତ କରିବା ସହ ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ସୁବିଧା ପ୍ରଦାନ କରିଛନ୍ତି। ଏହି ଅବସରରେ ବରପାଲି ତହସିଲ ଅଧୀନ ରେମତା ଗ୍ରାମବାସୀ ନିଜ ଗାଁରେ ଧାନ ସଂଗ୍ରହ କେନ୍ଦ୍ର (ପିପିସି) ସ୍ଥାପନ କରିବା ପାଇଁ ଗ୍ରାବାସୀଙ୍କ ଠାରୁ ଟଙ୍କା ଆଦାୟ କରି ୪୦ ଡିସମିଲ ଜାଗା ବରଗଡ଼ ନିୟନ୍ତ୍ରିତ ବଜାର କମିଟି ନାମରେ ଦାନ କରିଥିଲେ। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଜମିପଟ୍ଟା ହସ୍ତାନ୍ତର କରିବା ପରେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ରେମତା ଗ୍ରାମବାସୀଙ୍କୁ ସମ୍ମାନିତ କରିଥିଲେ। ଗ୍ରାମବାସୀଙ୍କ ତରଫରୁ ଜମି ପ୍ରଦାନ କରି ପ୍ରଶାସନ ତଥା ସରକାରଙ୍କୁ ସହଯୋଗର ହାତ ବଢ଼େଇ ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଥିବା ରେମତା ଗ୍ରାମବାସୀଙ୍କୁ ଚାରିଆଡ଼ୁ ପ୍ରଶଂସାର ସୁଅ ଛୁଟୁଛି।

### ଇସ୍କନ ପକ୍ଷରୁ ସବ୍ ଜେଲ୍‌ରେ ସଂସ୍କାର କାର୍ଯ୍ୟକ୍ରମ

# ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଲା ଜେଲ୍

ବରଗଡ଼,୨୮।୬(ସମିସ): ବରଗଡ଼ ସବ୍ ଜେଲ ଜୟ ଜଗନ୍ନାଥ ଓ ହରେକୃଷ୍ଣ ହରେ ରାମ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଛି। ଜେଲର ସଲମାନ୍ କୁଜୁରଙ୍କ ଅଧ୍ୟକ୍ଷତାରେ ବରଗଡ଼ ଇସ୍କନ୍ ପକ୍ଷରୁ ଅନ୍ତେବାସୀଙ୍କ ନିମନ୍ତେ ଏକ ସଂସ୍କାର ମୂଳକ କାର୍ଯ୍ୟକ୍ରମ ଶନିବାର ଆୟୋଜିତ ହୋଇଛି। ଆଜିର କାର୍ଯ୍ୟକ୍ରମରେ ବରଗଡ଼ ଇସ୍କନ୍‌ର ଅଧ୍ୟକ୍ଷ ପୂଜ୍ୟପାଦ ରସରାଜ ରାଧିକେଶ ଦାସଙ୍କ ଅନୁମତି କ୍ରମେ ଅଭିଜିତ କୃଷ୍ଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂଜ୍ୟପାଦ ସୁଶୀଲ ମିଶ୍ର ମୃଦଙ୍ଗ ବାଦନ କରିଥିଲେ। ମିଠାରାମ ସାହୁ ପ୍ରଭୁ, ବେଣୁଗୋପାଲ ପ୍ରଭୁ, ଇସ୍କନ କେନ୍ଦ୍ରର ଅନ୍ୟତମ ମୁଖ୍ୟ ସଦସ୍ୟା ଯଥା ତନୁଜା ପାତ୍ର, ମାତାଜୀ, ଗୀତା ମାତାଜୀ, ଦୀପାଞ୍ଜଳୀ ଜୁଏଡ ମାତାଜୀ ତଥା ଜୁନିଅର ସବ ଜେଲର ଲିଙ୍ଗରାଜ ସାମଲ, ମହିଳା ସେଲ୍ ୱାର୍ଡର କାମିନୀ ବାଲା ନନ୍ଦ, ପୁରୁଷ ସେଲ୍ ୱାର୍ଡର ମୁନିନ୍ଦ୍ର ବିଶି ଓ ଚୈତନ୍ୟ ବେହେରା ଯୋଗ ଦେଇଥିଲେ। ଜେଲ ଅନ୍ତେବାସୀ ଅମିତ ଦାଶ, ମୋହନ ଦୁରିତ, ବିଜୟ ନାଏକ ଓ ବସୁମତୀ ପାଇକ ଭଜନ ପରିବେଷଣ କରିଥିଲେ। ଶେଷରେ ବରଗଡ଼ ଇସ୍କନର କୋଷାଧ୍ୟକ୍ଷ ଜୟ ମୁକୁନ୍ଦ ପ୍ରାଣ ଧନ୍ୟବାଦ ଅର୍ପଣ କରିଥିଲେ।






# ଗୁଦେରପାଲିରେ ତୃତୀୟାରେ ରଥଯାତ୍ରା

ଗୁଦେରପାଲି,୨୮।୬(ସମିସ): ଗାଇସିଲେଟ ବ୍ଲକ୍ ଅଧୀନ ଗୁଦେରପାଲି ଗାଁରେ ମହା ଆଡ଼ମ୍ବରରେ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଶନିବାର ତୃତୀୟା ତିଥିରେ ପାଳିତ ହୋଇଛି। କିଛି ବର୍ଷ ପୂର୍ବେ ଗାଁ ଗୌନ୍ତିଆଙ୍କ ବଡ଼ପୁଅଙ୍କ ରଥଯାତ୍ରା ଦିନ ଦ୍ୱିତୀୟା ତିଥିରେ ମୃତ୍ୟୁ ଘଟିଥିଲା। ସେବେଠାରୁ ଗାଁରେ ରଥଯାତ୍ରା ଦ୍ୱିତୀୟା ପରିବର୍ତ୍ତେ ତୃତୀୟା ତିଥିରେ ପାଳିତ ହୋଇଆସୁଛି। ଗୌନ୍ତିଆ ରାମଚନ୍ଦ୍ର ପାତ୍ର ଛେରାପହଁରା କରିଥିବା ବେଳେ ନିରଞ୍ଜନ ମିଶ୍ରଙ୍କ ଡାହୁକରେ ଗାଁ ଦାଣ୍ଡରେ ଗୁଣ୍ଡିଚା ମନ୍ଦିର ଅଭିମୁଖେ ରଥ ଗଡ଼ିଥିଲା। ପଣ୍ଡିତ ଧୀରେନ ଦେବତା, ବାବୁଲୁ ଦେବତା ଏବଂ ରିଙ୍କୁ ଦେବତା ମହାପ୍ରଭୁଙ୍କୁ ପହଣ୍ଡି କରି ରଥାରୂଢ଼ କରିଥିଲେ। କେଶବ ପାତ୍ର, କିଶୋର ପାତ୍ର, କଏଁରୀ ପ୍ରଧାନ, ହୀରାଧର ପଧାନ, ନିର୍ମଳ ବିଶ୍ୱାଳଙ୍କ ସମେତ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସଂକୀର୍ତ୍ତନ, ସମ୍ପ୍ରଦା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନିଆରା ଢଙ୍ଗରେ ସିଆର୍‌ସିଙ୍କ ଜନ୍ମଦିନ ପାଳିତ



ବରଗଡ଼,୨୮।୬(ସମିସ)

ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ୍‌ରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଭାବେ ଶିକ୍ଷକ ଦିବସ ସାହୁ କାର୍ଯ୍ୟରତ। ସେ ସଦାସର୍ବଦା ନିଜ କ୍ଲଷ୍ଟର ଅଧୀନସ୍ଥ ଶିଶୁଙ୍କ ଉନ୍ନତି ପାଇଁ ଚେଷ୍ଟାରତ ଅଛନ୍ତି। ସେଥିପାଇଁ ନିଜ ପ୍ରୟାସ ଯୋଗୁ ସେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଶ୍ରୀ ସାହୁ ନିଜର ଜନ୍ମଦିନକୁ ଆଜି ନିଆରା ଢ଼ଙ୍ଗରେ ପାଳନ କରି ସମସ୍ତଙ୍କ ପାଇଁ ଆଦର୍ଶ ସୃଷ୍ଟି କରିଛନ୍ତି। ଶ୍ରୀ ସାହୁଙ୍କ ଉଦ୍ୟମ କ୍ରମେ ତିନୋଟି ବିଦ୍ୟାଳୟ ଅମଠି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୈତାଳି ସରକାରୀ ଉପ୍ରା ବିଦ୍ୟାଳୟ ଏବଂ ଡୁମୁରିପାଣି ସରକାରୀ ଉପ୍ରା ବିଦ୍ୟାଳୟରେ ସରକାରୀ ମାର୍ଗଦର୍ଶିକା ଅନୁସରଣ କରି ଜନ୍ମତିଥିରେ ଭୋଜନର ବ୍ୟବସ୍ଥା କରିଥିଲେ। ଏଥିରେ ପ୍ରଧାନଶିକ୍ଷକଙ୍କ ସହଯୋଗରେ ଶ୍ରୀ ସାହୁ ସୁସ୍ୱାଦୁ ପୋଷଣଯୁକ୍ତ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ପାଇଁ କଞ୍ଚାମାଲ ଯୋଗେଇ ଦେଇଥିଲେ। ଏହାଛଡା ଶ୍ରୀ ସାହୁ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ଟୁହୁଙ୍ଗିଦାଦର ସରକାରୀ ଉପ୍ରା ବିଦ୍ୟାଳୟରେ କିଛି ଛାତ୍ରଛାତ୍ରୀଙ୍କୁ ଇଂରାଜୀ ଟେନ୍ସ ଚାର୍ଟ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସତ୍ୟାନନ୍ଦ ସେଠ, ସହକାରୀ ଶିକ୍ଷକ ମୀନକେତନ ଥପ୍ପା ଏବଂ ଭୋଗ ସିଂ ଦାଉ ସକ୍ରିୟ ସହଯୋଗ କରିଥିଲେ। ଛାତ୍ରଛାତ୍ରୀ ପୁଷ୍ପଗୁଚ୍ଛ ଦେଇ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ବୈତାଳି ଉପ୍ରା ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଥିଲେ। ଏହି ବିଦ୍ୟାଳୟରେ ମଧ୍ୟ ସମାନ କାର୍ଯ୍ୟକ୍ରମ ମାନ ହୋଇଥିଲା। ପ୍ରଧାନଶିକ୍ଷକ ଜଗନ୍ନାଥ ପ୍ରଧାନଙ୍କ ସହ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟ କ୍ୟାବିନେଟ ମନ୍ତ୍ରୀ ମାନେ ସକ୍ରିୟ ସହଯୋଗ କରିଥିଲେ। ଏହାପରେ ଶ୍ରୀ ସାହୁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଅମଠିକୁ ଯାଇ ଦୁଇଟି ଫଳ ଚାରାରୋପଣ କରିଥିଲେ। ଯେଉଁଥିରେ ବିଦ୍ୟାଳୟର ପ୍ରଧା ଶିକ୍ଷକ ଡୋଳାମଣି ତ୍ରିପାଠୀଙ୍କ ସହ କ୍ରୀଡା ଶିକ୍ଷକ ଯୋଗେନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ। ଶ୍ରୀ ସାହୁ ବୈତାଳି କ୍ଲଷ୍ଟର ଅଧୀନସ୍ଥ ସମସ୍ତ ବିଦ୍ୟାଳୟର ସାବୁନ ବ୍ୟାଙ୍କକୁ ସାବୁନ ଯୋଗେଇ ଦେଇଥିଲେ। ସ୍ୱଚ୍ଛତା ପାଇଁ ତାଙ୍କର ଏହି ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି।

# ସାଧାରଣ ମଣିଷ ଓ ଅସାଧାରଣ ପ୍ରତିଭାର ସମନ୍ୱୟ ହେଉଛନ୍ତି ହଳଧର

ବରଗଡ଼,୨୮।୬(ସମିସ): ବରଗଡ଼ ଜିଲ୍ଲା ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଅଭିମନ୍ୟୁ ସାହିତ୍ୟ ସଂସଦ ଘେଁସ ଓ କ୍ରୀଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ଆୟୋଜନରେ 'ହଳଧର ସୃଜନ ଆର୍ ଦର୍ସନ' ଶୀର୍ଷକରେ ସେମିନାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସଭା ପରେ ନାଟ୍ୟକାର କେଶରଞ୍ଜନ ପଧାନଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରଥମ ଅଧିବେଶନରେ ଜାମିଆ ମିଲଲା ବିଶ୍ୱବିଦ୍ୟାଳୟର ପ୍ରଫେସର ସରୋଜ ମହାନନ୍ଦ ଅତିଥି ଭାବେ ଯୋଗଦାନ କରିଥିଲେ। ହିନ୍ଦୀ ବିଭାଗୀୟ ମୁଖ୍ୟ ଡ.ଜୟଶଙ୍କର ବାବୁ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ବଲପୁରରୁ ସାହିତିକ ଡ.ଦ୍ୱାରିକାନାଥ ନାୟକ, ସରାକାରୀ ବିଶ୍ୱ ବିଦ୍ୟାଳୟର ଅବସର ଅଧକ୍ଷ ଶାନ୍ତନୁ ସର, ଗବେଷକ ଗୌରିଦାଶ ପଧାନ ଆଲୋଚକ ଭାବେ ଯୋଗଦାନ କରି ହଳଧର ସାହିତ୍ୟ ଉପରେ ଆଲୋଚନା କରିଥିଲେ। ସୋହେଲା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଟେକଚାନ୍ଦ ଦୁଆନ, ଜଣାଶୁଣା ଲେଖକ ତେଜୁରୁ ବାରିକ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଶେଷ




କାଳିନ୍ଦି ମହାବିଦ୍ୟାଳୟ ନୂଆଦିଲ୍ଲୀର ପ୍ରଫେସର ଆରତି ପାଠକ, ସମ୍ବଲପୁରର ଲେଖକ ଶ୍ୟାମସୁନ୍ଦର ଧର, ଭାଷା ଗବେଷକ ଉପନ୍ନ ଭୋଇ, ଭାଷା ଓ ସାଂସ୍କୃତିକ ପରିଚୟର ବିଭିନ୍ନ ଦିଗ ଉପରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ଅଭିମନ୍ୟୁ ସାହିତ୍ୟ ସଂସଦର ସଂପାଦକ ଶୋଭାଚନ୍ଦ୍ର ପଧାନ ତଥା ଯୁବ ଅଧ୍ୟାପକ ଗବେଷକ ଶୁଭ୍ର ସୌରାଂଶୁ ପୂଜାହାରୀ ସଂଚାଳନ କରିଥିଲେ। ସେହିପରି ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରମୋଦ ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ପଣ୍ଡିଚେରୀ ବିଶ୍ୱ ବିଦ୍ୟାଳୟର ପର୍ଯ୍ୟାୟରେ ଲୋକକବି ହଳଧରଙ୍କ ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଭିସୁଟର ଫାଇନାନ୍ସ ଅଫିସର ତୁଲାରାମ କଲେତ ଓ ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ ଅତିଥି କଳାକାର ଭାବେ ଯୋଗଦେଇ ଲୋକଗୀତ ପ୍ରଦର୍ଶନ କରିଥିଲେ। ସେହିପରି କ୍ରୀଷ୍ଣା ବିକାଶର ଛାତ୍ରଛାତ୍ରୀଙ୍କ ଦ୍ୱାରା ହଳଧରଙ୍କ ରଚିତ ଲୋକନୃତ୍ୟ ପ୍ରଦର୍ଶିତ ହୋଇଥିଲା। ପଦ୍ମପୁରର ଟଙ୍କିକିଆ ସଂଗୀତ ବିଦ୍ୟାଳୟର ଛାତ୍ରଛାତ୍ରୀ ଗୁରୁ ସୁରେନ୍ଦ୍ର ସାହୁଙ୍କ ନିର୍ଦ୍ଦେଶନାରେ ହଳଧର ନାଗଙ୍କ କାବ୍ୟ 'ଅଛିଆଁ'ର ନୃତ୍ୟ ନାଟକକୁ ସଫଳ ଭାବେ ପ୍ରଦର୍ଶନ କରିଥିଲେ।

# କ୍ରୀଷ୍ଣା ବିକାଶ ଶିକ୍ଷାନୁଷ୍ଠାନରେ ଟର୍ଫ କୋର୍ଟ ଉଦ୍‌ଘାଟିତ

## ■ ନ୍ୟାସନାଲ୍ ସେମିନାର 'ହଲ୍‌ଧର୍ ସୃଜନ ଆର୍ ଦର୍ସନ' ଆୟୋଜିତ




ବରଗଡ଼,୨୮।୬(ସମିସ): ବରଗଡ଼ ସ୍ଥିତ କ୍ରୀଷ୍ଣା ବିକାଶ ଶିକ୍ଷାନୁଷ୍ଠାନରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ବିଦ୍ୟାଳୟରେ ନବନର୍ମିତ ଟର୍ଫ କୋର୍ଟ ଉନ୍ମୋଚନ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ବାଦ୍ୟ, ନୃତ୍ୟ ଓ ସଙ୍ଗୀତର ତାଳେ ତାଳେ ଭବ୍ୟ ସ୍ୱାଗତ କରାଯାଇଥିଲା। କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ୍ ଡି.ମୂରଲୀ କ୍ରୀଷ୍ଣା କେନ୍ଦ୍ରମନ୍ତ୍ରୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଉଦ୍‌ଘାଟନ କରିବା ଅବସରରେ ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ, କେନ୍ଦ୍ରମନ୍ତ୍ରୀଙ୍କୁ ଏହି ଟର୍ଫ କୋର୍ଟ ଦ୍ୱାରା ଛାତ୍ରଛାତ୍ରୀଙ୍କ ମନରେ ଖେଳ ଏବଂ କ୍ରୀଡ଼ା ପ୍ରତି ଆଗ୍ରହ ବଢ଼ିବ ଏବଂ ତାଙ୍କର ଶାରୀରିକ ଓ ମାନସିକ ବିକାଶ ହେବ ବୋଲି କହିଥିଲେ। କେନ୍ଦ୍ରମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କ୍ରୀଷ୍ଣା ବିକାଶ ଗ୍ରୁପ୍ ଓ ଏହାର ଚେୟାରମ୍ୟାନ୍ ଡି.ମୂରଲୀ କ୍ରୀଷ୍ଣାଙ୍କୁ ଅଭିମନ୍ୟୁ ସାହିତ୍ୟ ସଂସଦ ସହଯୋଗରେ ଅଞ୍ଚଳର ଭାଷା ଓ ସଂସ୍କୃତି ପାଇଁ କରୁଥିବା ଚେଷ୍ଟାର ଭୂୟସୀ ପ୍ରଶଂସା କରିଥିଲେ। କ୍ରୀଷ୍ଣା ବିକାଶ ସ୍କୁଲର ଶୈକ୍ଷିକ ବାତାବରଣକୁ ସେ ପ୍ରଶଂସା କରିବା ସହିତ ସ୍କୁଲ୍‌ରେ ମାତୃଭାଷାକୁ ଗୁରୁତ୍ୱ ଦେବା ପାଇଁ ଉପଦେଶ ଦେଇଥିଲେ। ଚେୟାର୍‌ମ୍ୟାନ୍ ମୂରଲୀ କ୍ରୀଷ୍ଣା କିଣ୍ଡର କସ୍‌ମସ୍ ଉପରେ ବିଷଦ ବ୍ୟାଖ୍ୟା କରିବା ସହିତ ଲାଇଫ୍ ସ୍କିଲ୍ ଦ୍ୱାରା ଛାତ୍ରଛାତ୍ରୀଙ୍କ ମନରେ ଜିଜ୍ଞାସାର ଭାବ ଉଦ୍ରେକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ କ୍ରୀଷ୍ଣା ବିକାଶ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହେଉଥିବା ଜାତୀୟସ୍ତରୀୟ ହଲ୍‌ଧର୍ ନାଗ୍ ପାଠଚକ୍ର 'ହଲ୍‌ଧର୍ ସୃଜନ ଆର୍ ଦର୍ସନ'ରେ ଯୋଗ ଦେଇଥିଲେ। ରାଜ୍ୟ ଶିକ୍ଷା ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ଏହି ଜାତୀୟସ୍ତରୀୟ ପାଠଚକ୍ରରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, କ୍ରୀଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ଆବାସିକ ବିଦ୍ୟାଳୟର ଏକ୍‌ଜ୍ୟୁକେଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଅଧକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧକ୍ଷ (ସିବିଏସ୍‌ଇ) ପ୍ରଦୀପ ସାହୁ, ଉପାଧକ୍ଷ (ଏକାଡେମିକ୍) ଡ.ମନୋଜ ତ୍ରିପାଠୀ ଓ ଅନେକ ଶିକ୍ଷାବିତ୍, ପ୍ରଫେସର, ସାହିତ୍ୟିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ସୁଶାନ୍ତ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଶୋକ ପୂଜାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ପାଠଚକ୍ର ଦୁଇ ଦିନ ଧରି ବରାହଗୁଡା ସ୍ଥିତ କ୍ରୀଷ୍ଣା ବିକାଶ ଅଡିଟୋରିଅମ୍‌ରେ ଅନୁଷ୍ଠିତ ହେବ।



# ୫୦୦ ଟଙ୍କା ପାଇଁ ପତ୍ନୀକୁ ପିଟି ହତ୍ୟା



**ରାଉରକେଲା, ୨୮।୬(ସମିସ)**

ରାଉରକେଲା ସହରର ଟାଙ୍ଗରପାଲ୍ଲୀ ଥାନା ଫେଟକଲ ନିକଟ ହାଟିଙ୍ଗଟୋଲା ବସ୍ତିରେ ୫୦୦ ଟଙ୍କା ପାଇଁ ଜଣେ ଯୁବକ ତାର ପତ୍ନୀକୁ ଏକ କାଠ ଫାଳିଆରେ ପିଟି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଛି। ଟାଙ୍ଗରପାଲ୍ଲୀ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ହତ୍ୟାକାରୀ ସ୍ୱାମୀ ରାଇସିଂହ ମୁଣ୍ଡାକୁ ଗିରଫ କରିଥିବା ସୂଚନା ମିଳିଛି। ସୂଚନା ମୁତାବକ ସ୍ଥାନୀୟ ହାଟିଙ୍ଗଟୋଲାରେ ରାଇ ସିଂହ ମୁଣ୍ଡା, ତାର ପତ୍ନୀ ସବିତା ମୁଣ୍ଡା ଏବଂ ୨ଟି ସନ୍ତାନ ସହ ବାସ କରୁଥିଲେ। ତେବେ ଗତ କାଲି ରଥ ଯାତ୍ରା ଦେଖିବାକୁ ଯାଇଥିବା ପତ୍ନୀ ସବିତା ମୁଣ୍ଡା ବିଳମ୍ବରେ ଘରକୁ ଫେରିବାକୁ କେନ୍ଦ୍ର କରି ଗତ ରାତିରେ ସେମାନଙ୍କ ମଧ୍ୟରେ ଭୀଷଣ ଝଗଡ଼ା ହୋଇଥିଲା। ଘରୁ ୫୦୦ ଟଙ୍କା ଚୋରି କରି ନେଇଥିବା ସନ୍ଦେହ କରି ରାଇ ସିଂହ ପତ୍ନୀ ସବିତା ସହ ଝଗଡ଼ା କରିଥିଲା। ତେବେ ରାଇ ସିଂହ ପ୍ରଚୁର ମଦ୍ୟପାନ କରିଥିବାରୁ ସେ ହିତାହିତ ଜ୍ଞାନ ହରାଇ ବସିଥିଲା। ତେବେ ଝଗଡ଼ା ଉଗ୍ର ହେବା ପରେ ରାଇ ସିଂହ ଏକ କାଠ ଫାଳିଆରେ ପତ୍ନୀକୁ ପିଟି ଗୁରୁତର କରିଥିଲା। ପତ୍ନୀ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ସଂଜ୍ଞାହୀନ ହୋଇ ପଡ଼ି ଯାଇଥିଲା। ଆଜି ସକାଳେ ଟାଙ୍ଗରପାଲ୍ଲୀ ଥାନା ଅଧିକାରୀ ନିରଞ୍ଜନ ସେଠୀଙ୍କ ସମେତ ସାଇଣ୍ଟିଫିକ୍ ପୁଲିସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ ସବିତା ମୁଣ୍ଡାର ଶବ ଇନକ୍ୱେଷ୍ଟ ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏହାସହ ଅଭିଯୁକ୍ତ ହତ୍ୟାକାରୀ ସ୍ୱାମୀ ରାଇସିଂହ ମୁଣ୍ଡାକୁ ପୁଲିସ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ରକ୍ତ ଲାଗିଥିବା କାଠ ଫାଳିଆକୁ ଜବତ କରିଥିଲେ। ଆସନ୍ତାକାଲି ଅଭିଯୁକ୍ତ ରାଇସିଂହକୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଅପରପକ୍ଷେ ପରକୀୟା ପ୍ରୀତିକୁ ନେଇ ପତ୍ନୀର ଚରିତ୍ରରେ ସନ୍ଦେହ କରିଆସୁଥିବା ସ୍ୱାମୀ ରାଇସିଂହ ମୁଣ୍ଡା ପତ୍ନୀକୁ ହତ୍ୟା କରିଥିବା ମଧ୍ୟ ଚର୍ଚ୍ଚା ହେଉଛି।

# ନିୟମିତ ଖୋଲୁନି ଆର୍‌ଆଇ ଅଫିସ୍, ବଢୁଛି ଅସନ୍ତୋଷ

**ସୁନ୍ଦରଗଡ଼, ୨୮।୬(ସମିସ)**




ଟାଙ୍ଗରପାଲି ତହସିଲରୁ ଅନତି ଦୂରରେ ଥିବା ଉଜ୍ଜଳପୁର ଆର୍‌ଆଇ ଅଫିସ ନିୟମିତ ଖୋଲା ଯାଉ ନ ଥିଲେ ହେଁ ତହସିଲ କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା ସାଜିବା ଘଟଣାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ଦେଖା ଦେଇଛି। ଟାଙ୍ଗରପାଲି ତହସିଲ କାର୍ଯ୍ୟାଳୟରୁ ଉଜ୍ଜଳପୁର ଆରଆଇ ଅଫିସଟି ମାତ୍ର ଏକ କିଲୋ ମିଟର ଦୂରତାରେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ରହିଛି। କିଛି ମାସ ତଳୁ ଆରଆଇ କ୍ୱାଟର ନିର୍ମାଣ ଚାଲିଛି। ଏହା ଆଳରେ ଆରଆଇ ଅଫିସକୁ ଖୋଲା ଯାଉ ନାହିଁ। ଫଳରେ ନିଜ କାମ ନେଇ ଏହି ଅଫିସକୁ ଆସୁଥିବା ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଫିସରେ ତାଲା ଝୁଲୁଥିବା ଦେଖି ନିରାଶରେ ଫେରୁଛନ୍ତି। ଏସ୍ଥିତିରେ ଅଫିସ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ସ୍କୁଲ ଛାତ୍ର ଛାତ୍ରୀ ମାନେ ଠିକ ସମୟରେ ଜାତିଗତ, ଆୟ, ବାସିନ୍ଦା ଆଦି ପ୍ରମାଣ ପତ୍ର ପାଇ ନ ପାରିବା ଉଦ୍‌ବେଗର କାରଣ ହୋଇଛି। ଅନ୍ୟ ପ୍ରମାଣ ପତ୍ର ମଧ୍ୟ ଠିକ ସମୟରେ ଲୋକେ ପାଇ ପାରୁ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଯୁବକଙ୍କ ଅକାଳ ବିୟୋଗ

**ସୁନ୍ଦରଗଡ଼, ୨୮।୬(ସମିସ):** ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଟାଙ୍ଗରପାଲି ଗ୍ରାମର ଜଣେ ଯୁବକଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ତାଙ୍କ ନାମ ଈଶ୍ୱର ପଟେଲ। ଗ୍ରାମର ଜଣେ ବୃଦ୍ଧାଙ୍କ ଅନ୍ତିମ ସଂସ୍କାରରେ ସେ ଯୋଗ ଦେଇ ଫେରିବା ପରେ ଅସୁସ୍ଥ ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ସୁନ୍ଦରଗଡ଼ ମେଡିକାଲ କଲେଜ ଓ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କ ମୃତ୍ୟୁ ଘଟିଥିଲା। ଅଭିଯୋଗ ପାଇ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଘରୁ ମହିଳାଙ୍କ ମୃତଦେହ ଉଦ୍ଧାର
# ହତ୍ୟା ଅଭିଯୋଗ ଆଣିଲେ ପରିବାର

**ବଲାଙ୍ଗିର, ୨୮।୬(ସମିସ):** ବଲାଙ୍ଗିର ଜିଲ୍ଲା ପୁଇଁତଳା ଥାନା ଅଧୀନ ବଇରାସର ଗ୍ରାମରେ ଜଣେ ବିବାହିତ ମହିଳାଙ୍କ ମୃତଦେହ ଘର ଭିତରୁ ଉଦ୍ଧାର ହୋଇଛି। ମୃତ ମହିଳା ଜଣକ ହେଲେ ଦିୟା କୁମ୍ଭାର। ଦିୟାଙ୍କ ସ୍ୱାମୀ ଦିଲୀପ କୁମ୍ଭାର ତାଙ୍କୁ ପିଟିପିଟି ହତ୍ୟା କରିଥିବା ମୃତ ମହିଳାଙ୍କ ବାପଘର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ସୂଚନା ଅନୁସାରେ ବିବାହର ଦୀର୍ଘ ଦେଢ଼ବର୍ଷ ପରେ ମଧ୍ୟ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଦାମ୍ପତ୍ୟଜୀବନ ଭଲ ନ ଥିଲା। କିନ୍ତୁ ଏହି ଦେଢ଼ ବର୍ଷର ଦାମ୍ପତ୍ୟ ଜୀବନ ଭିତରେ ତାଙ୍କର ଏକ ୫ ମାସର ଶିଶୁ ପୁତ୍ର ଅଛି। ବହୁ ସମୟରେ ମହିଳାଙ୍କ ସ୍ୱାମୀ ମଦ୍ୟପାନ କରି ତାଙ୍କୁ ମାରପିଟ କରୁଥିଲେ। ଗତ ଶୁକ୍ରବାର ରାତିରେ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରଦିନ ସକାଳେ ମହିଳାଙ୍କ ମୃତଦେହ ଘର ଭିତରୁ ଉଦ୍ଧାର ହୋଇଛି। ଏନେଇ ପରିବାର ଲୋକଙ୍କ ତରଫରୁ ଥାନାରେ ଏତଲା ଦିଆଯିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ ସ୍ତ୍ରୀର ମୃତ୍ୟୁ ପରେ ସ୍ୱାମୀ ଓ ଶ୍ୱଶୁର ପୁଇନ୍ତଳା ଥାନାରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ସ୍ୱାମୀ ଶଶୁର ଥାନାରେ ଆତ୍ମସମର୍ପଣ ପରେ ମୃତ ଦୀୟାଙ୍କ ପରିବାରଲୋକେ ଦୃଢ଼ତାର ସହ ହତ୍ୟା ଅଭିଯୋଗ ଆଣିଛନ୍ତି। ତେବେ ଶାଶୂଘର ଲୋକେ ବୋହୂ ଆ।।ହତ୍ୟା କରିଥିବା କହୁଥିବାବେଳେ ବାପଘର ପକ୍ଷରୁ ଝିଅକୁ ତଣ୍ଟିଚିପି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗିର ଭୀମାଭୋଇ ମେଡିକାଲକୁ ପଠାଇ ଦେଇଛି। ସାଇଣ୍ଟିଫିକ୍ ଟିମ୍ ନମୂନା ସଂଗ୍ରହ କରିବା ସହ ପୁଲିସ ଅଧିକ ତଦନ୍ତ ଜାରି ରଖିଥିବାବେଳେ ସ୍ୱାମୀ ଓ ଶଶୁରକୁ ଅଟକ ରଖିଥିବା ସୂଚନା ରହିଛି।

# ସପ୍ତାହେ ହେଲାଣି ଯୁବକଙ୍କ ପତ୍ତା ମିଳୁନି

**କଣ୍ଟାବାଞ୍ଜି, ୨୮।୬( ସମିସ):** 'ମୁଁ ଦୁଇ ମାସର ଗର୍ଭବତୀ ଥିଲି ମୋ ସ୍ୱାମୀଙ୍କ ମୃତ୍ୟୁ ଘଟିଥିଲା। ମୂଳଲାଗି ବହୁ କଷ୍ଟରେ ମୋ ପୁଅକୁ ବଡ଼ କରିଛି। ମୁଁ ତା ବିନା ବଞ୍ଚି ପାରିବି ନାହିଁ'। ଗତ ୨୧ ତାରିଖରେ ମୁଁ ପୁଅ ନିଖୋଜ ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଛି। ହେଲେ ୮ ଦିନ ବିତି ଯାଇଥିଲେ ମଧ୍ୟ ମୋ ପୁଅର କିଛି ଖବର ମିଳୁନାହିଁ ବୋଲି ଜଣେ ମାଆ କହିଛନ୍ତି।



ଏହିଭଳି ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ଅଧୀନ ଡୁମେରଚୁଆଁ ଗାଁରେ। ଏହି ଗାଁ ୧୯ ବର୍ଷିୟ ଯୁବକ କୁଜମାଝୀ ଗତ ୨୦ ରାତିରେ ଘର ଖାଉଥିବା ସମୟରେ ଏକ ଫୋନ କଲ ଆସିଲା, ସେ କଥା ହେଉହେଉ ଘରୁ ବାହାରି ଯେ ରାତିରେ ଆଉ ଘରକୁ ଫେରିଲା ନାହିଁ। ପରିବାର ଲୋକେ ବହୁ ଖୋଜାଖୋଜି କଲେ ବି ବେଳେ ପତ୍ତା ପାଇଲେ ନାହିଁ। ଶେଷରେ ଥାନା ଦ୍ୱାରସ୍ଥ ହେଲେ। ଏନେଇ କଣ୍ଟାବାଞ୍ଜି ପୁଲିସ ନିଖୋଜ ମାମଲା ରୁଜୁ କରିଥିବାବେଳେ ନିଖୋଜ ଯୁବକ କୁଜର କୌଣସି ପତ୍ତା ପାଉନାହିଁ। ବଲାଙ୍ଗିର ଜିଲ୍ଲା ପୁଲିସ ତଦନ୍ତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଡିଭୋସନ ଇନ୍ ମୋସନ କାର୍ଯ୍ୟକ୍ରମ




**ରାଉରକେଲା, ୨୮।୬(ସମିସ):** ରାଉରକେଲା ଇସ୍ପାତ କାରଖାନାର ୫ ନମ୍ବର ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର କର୍ମଚାରୀ ମାନଙ୍କ ଦ୍ୱାରା ପବିତ୍ର ରଥ ଯାତ୍ରାରେ 'ଡିଭୋସନ ଇନ ମୋସନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରୁଦ୍ର ନାରାୟଣ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅଥିତି ଭାବରେ ଖଦାଳ ସେଠୀ, ପ୍ରଶାନ୍ତ ସେଠୀ, ରଘୁନାଥ ପ୍ରଧାନ ପ୍ରମୁଖ ଯୋଗ ଦାନ କରିଥିଲେ। ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତିର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହାପରେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ସ୍ୱାଦିଷ୍ଟ ଦହି ପଣା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସତ୍ୟ ପ୍ରଧାନ, ରଞ୍ଜନ ସାହୁ, ସାମନ୍ତ କୁମାର, ମୃତ୍ୟୁଞ୍ଜୟ ନାୟକ, ହେମନ୍ତ ଗୋପ, ରାଜୀବ ପଣ୍ଡା, ମହମ୍ମଦ ତୌସିଫ, ଉମାକାନ୍ତ ମହାପାତ୍ର, ବିପିନ ଲାକ୍ରା, ଅତୀଶ ବଡାଇକ, ମନୋଜ ସାହୁ, ରାଜୀବ ଦାସ, ପଙ୍କଜ ବିହାରୀ ପ୍ରଭୃତି ବ୍ଲାଷ୍ଟ ଫର୍ଣ୍ଣେସ୍ ର କର୍ମଚାରୀମାନେ ସହଯୋଗ କରିଥିଲେ ଓ ଭକ୍ତ ଶ୍ରଦ୍ଧାଳୁଙ୍କର ଆଶୀର୍ବାଦ ପ୍ରାପ୍ତ କରିଥିଲେ।

# ସିନିୟର ନକ୍‌ଆଉଟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବଲାଙ୍ଗିର, ୨୮।୬(ସମିସ):** ବଲାଙ୍ଗିର ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଶନିବାର ୮ଟି ପଡ଼ିଆରେ ନକ୍‌ଆଉଟ ମ୍ୟାଚ୍ ଉଦ୍‌ଘାଟିତ ହୋଇଯାଇଛି। ଟାଉନ୍ ହାଇସ୍କୁଲ ପଡ଼ିଆରେ ଜେକେୱାଇଏସ କାଲସାଏପାଲି ୨-୦ ଗୋଲରେ ଡିଏଫଏ ବଲାଙ୍ଗିରକୁ ହରାଇଛି। ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶଶାଙ୍କ ପଟ୍ଟନାୟକ ଯୋଗ ଦେଇଥିବାବେଳେ ଅତିଥିଭାବେ କ୍ରୀଡ଼ା ସଂସଦର ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତ୍ରୁଘନ ସିଂ, କ୍ରିକେଟ ସମ୍ପାଦକ ଓମ୍ ପ୍ରକାଶ ଚାନ୍ଦ, କ୍ରୀଡ଼ା ସମ୍ପାଦକ ବିଭୁତିଭୂଷଣ ପଣ୍ଡା, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, କାଉନସିଲ ସଦସ୍ୟ ପ୍ରଭାତ କୁମାର ମିଶ୍ର, ଶ୍ରୀକାନ୍ତ ରାଉତ ଓ ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା ଯୋଗ ଦେଇଥିଲେ। ଖେଳକୁ ଦୋଳଗୋବିନ୍ଦ ମୁଣ୍ଡା, ତ୍ରିନାଥ ଚନ୍ଦ୍ର, ସଞ୍ଜିତ ତରିଆ, ଜିତୁ କୁମାର ଦଲାଇ ଓ ନରସିଂସ୍ୱାମୀ ନାଇଡୁ ପରିଚାଳନା କରିଥିଲେ। ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲିଠାରେ ସରଗାଡ ଏଫ୍ଏ ୩-୨ ଗୋଲରେ ସାଇଟ ସଦାଇପାଲିକୁ ହରାଇ ବିଜୟୀ ହୋଇଛି। ମୁଖ୍ୟଅତିଥି ଭାବେ ସାଇଟ ସମ୍ପାଦକ ଡ. ନାରାୟଣ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ଆଦିତ୍ୟ ପଟ୍ଟନାୟକ, ନିସାରକାନ୍ତ ନାଗ ଉପସ୍ଥିତ ଥିଲେ। ଖେଳକୁ ଉମେଶ ଭୋଇ, ଜ୍ୟୋତିର୍ମୟ ରାଉତ, ସୁରେଶ ନାଏକ, ସୁଧାଂଶୁ ସେଠ ଓ ସୁନୀଲ ଚନ୍ଦ୍ର ବିଶ୍ୱାଲ ପରିଚାଳନା କରିଥିଲେ। ଚୁଡାପାଲି ପଡ଼ିଆରେ ଡଙ୍ଗାଘାଟ ୩-୦ ଗୋଲରେ ଲୁଚକିବନ୍ଧକୁ ହରାଇ ବିଜୟୀ ହୋଇଛି। ପୂର୍ବତନ ଖେଳାଳି ଲୋକନାଥ କୁମୁରା, ବୁଦ୍ଧଦେବ ନାଏକ, ସଂସଦର ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ଓ ଦେବରାଜ ନାହାକ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳକୁ ପୁରୁଷୋତ୍ତମ ବୁଡେକ, ମଣ୍ଟୁ ବେହେରା, ମନୋଜ ବେହେରା ଓ ରାଜେନ୍ଦ୍ର ସେଠ ପରିଚାଳନା କରିଥିଲେ। ଟିଟିଲାଗଡ଼ ସିଟିସ୍କୁଲ ପଡ଼ିଆରେ ସିହିନି ଟ୍ରାଇବ୍ରେକର ୪-୨ ଗୋଲରେ ଭାଟିପଡ଼ାକୁ ହରାଇ ବିଜୟୀ ହେଲା। ପୂର୍ବତନ ଖେଳାଳି ସଦାନନ୍ଦ ନାଏକ, ହରି ଥପା ଓ ପଦ୍ମନ ପ୍ରଧାନୀ ଅତିଥି ଭାବେ ଯୋଗ ଦେଇଥିଲେ। ଜରାସିଂହା ମିନି ଷ୍ଟାଡିୟମ ରେ ଜରାସିଂହା ୪-୦ ଗୋଲରେ ନାଇକେନସିରା କୁ ହରାଇ ବିଜୟୀ ହେଲା। ପୂର୍ବତନ ଖେଳାଳି ସଚ୍ଚିଦାନନ୍ଦ ପାଢ଼ୀ, ଚିତ୍ତରଞ୍ଜନ ଥନାପତି ଓ ବିଏନଏଏ ସଭାପତି କରୁଣାକର ମେହେର ଅତିଥି ଭାବେ ଯୋଗ ଦେଇଥିଲେ।

# ସାପ କାମୁଡ଼ାରେ ୯ ମାସର ଶିଶୁକନ୍ୟା ମୃତ

**ସୁନ୍ଦରଗଡ଼, ୨୮।୬(ସମିସ):** ଜଣେ ମହିଳା ତାଙ୍କ ୯ ମାସରେ ଶିଶୁ କନ୍ୟା ସହିତ ଘରେ ଶୋଇଥିବାବେଳେ ସାପ କାମୁଡ଼ି ଦେବାରୁ ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ଏପରି ଅଭାବନୀୟ ଘଟଣା ଘଟିଛି ଧରୁଆଡିହି ଥାନା ଅନ୍ତର୍ଗତ ତିଲେଇମଲଟି ଗ୍ରାମରେ। ଗତ ରାତିରେ ତିଲେଇମଲଟି ଗ୍ରାମର ଲିଙ୍ଗରାଜ ଡିଲାଙ୍କ ସ୍ତ୍ରୀ ଅନୁପମା ଡିଲା ତାଙ୍କ ଶିଶୁ କନ୍ୟା ସହ ଶୋଇଥିବା ବେଳେ ଏହି ଅଘଟଣ ଘଟିଥିଲା। ସାପ କାମୁଡିବା ସମୟରେ ଶିଶୁ କନ୍ୟାଟି କାନ୍ଦିବାରୁ ତାଙ୍କ ମା' ଉଠିପଡ଼ି ସାପକୁ ଦେଖିଥିଲେ। ପରିବାର ଲୋକେ ଶିଶୁ କନ୍ୟାକୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ହେଁ ସେଠାରେ ତାଙ୍କ ମୃତ୍ୟୁ ଘଟିଛି। ଅଭିଯୋଗ ପାଇ ପୁଲିସ ମୃତ ଦେହ ଜବତ କରି ଆଜି ବ୍ୟବଚ୍ଛେଦ କରାଇଛି। ଏ ନେଇ ଥାନାରେ ଏକ ଏପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଶିକ୍ଷା ମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ଦୀପଦାନ



**ରାଉରକେଲା, ୨୮।୬(ସମିସ):** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୫୬ତମ ଜନ୍ମ ଦିନକୁ ଶୁଭେଚ୍ଛୁମାନେ ବାସନ୍ତୀ କଲୋନୀ ଠାରେ ପାଳନ କରିଛନ୍ତି। ଏହି କ୍ରମରେ ନିହାର ରାୟଙ୍କ ନେତୃତ୍ୱରେ ଶହ ଶହ ଲୋକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଏକାଠି ହୋଇ ଦୀର୍ଘ ଜୀବନ କାମନା କରି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ଶହ ଶହ ଦୀପ ଦାନ କରିଥିଲେ। ପରେ ବାଜି ରାଉତ ଛକ ଠାରେ ଏକାଠି ହୋଇ କେକ୍ କାଟି ପଥଚାରୀଙ୍କୁ ବଣ୍ଟନ କରିଥିଲେ। ଏହି ଅବସରରେ ଭଗବାନ ରାଉତ, ବିନ୍ଦର ସିଂ, ଅମୀୟ ଦାସ, ଭଗବାନ ମହାପାତ୍ର, ସେକ୍ ମୁଜାହିଦ୍, ଆଶୁ କ୍ୟୁରେସୀ, ବାବୁ ବିଶ୍?ାଳ, ପ୍ରେମ ଶୁକ୍ଲା, ସୋନୁ ସିଂ, ମାଧୁରୀ ବର୍ମା, ଧୀରେନ୍ ମଲ୍ଲିକ୍, ଟୁବୁ ଗୋସାମୀ, ଏମ ରାଜା, ଯୁଧିଷ୍ଠିର ପଣ୍ଡା, ଅମୀୟ ଶତପଥୀ, କଲ୍ୟାଣ ଦତ୍ତ, ସୁନୀତା ସୁରିନ, ତାପସ ପରିଡ଼ା ସହ ଅନ୍ୟମାନେ ଯୋଗ ଦେଇଥିଲେ।

# ତୁରେକେଲା ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

**ତୁରେକେଲା, ୨୮।୬(ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକର ତୁରେକେଲା ପଞ୍ଚାୟତର ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ତୁରେକେଲା ସରପଞ୍ଚ ଜଳନ୍ଧର ମହାକୁଡ଼ଙ୍କ ସଭାପତିତ୍ୱରେ ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ, ଧନମତୀ ଖୁରା, କାର୍ଯ୍ୟନିର୍ବାହୀ ଅଧିକାରୀ ତେଜୁ ପୁଟେଲଙ୍କ ସହ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

# ଜେଜେଟିଏ ପକ୍ଷରୁ ପାନୀୟଜଳ ବିତରଣ

**ସୁନ୍ଦରଗଡ଼, ୨୮।୬(ସମିସ):** ଏବେ ଚାରିଆଡ଼େ ଝାଡ଼ାବାନ୍ତି ବ୍ୟାପିଥିବାବେଳେ ରଥଯାତ୍ରାରେ ବିଶୁଦ୍ଧ ପାନୀୟଜଳ ଯୋଗାଣକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ ସହରରେ ରଥଯାତ୍ରାରେ ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ (ଜେଜେଟିଏ) ପକ୍ଷରୁ ପାନୀୟଜଳ ଯୋଗାଣ କରାଯାଇଥିଲା। ପବିତ୍ର ରଥଯାତ୍ରାରେ ସୁନ୍ଦରଗଡ଼ ସହରରେ ପ୍ରବଳ ଜନ ସମାଗମ ହୋଇଥାଏ। ଏଠାରେ ରାଜବାଟୀ ଓ ସୁନାରିପଡ଼ାସ୍ଥିତ ଜଗନ୍ନାଥ ମନ୍ଦିରରେ ପ୍ରବଳ ଜନସମାଗମକୁ ଲକ୍ଷ୍ୟ କରି ଅନୁଷ୍ଠାନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିଲା। ଜେଜେଟିଏର ଅଧ୍ୟକ୍ଷ ସଞ୍ଜୟ ନନ୍ଦଙ୍କ ନିର୍ଦ୍ଦେଶରେ ସଂଘ ପକ୍ଷରୁ ତିନୋଟି ସ୍ଥାନରେ ସ୍ୱଚ୍ଛ ପାନୀୟ ଜଳଛତ୍ର ଖୋଲି ଦର୍ଶନାର୍ଥୀଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆ ଯାଇଥିଲା। ସାହାବାଜ୍ ହୁସେନ, ନରଦୀପ୍ ସିଂ, ଅନିରୁଦ୍ଧ ସାହୁ, ଅଭିଷେକ ଅଗ୍ରୱାଲ, ନିଖିଲ ସାହୁ, ସୁଧାଂଶୁ ଦାସ, ବିଶ୍ୱ ରାଉତ, ସୁଶାନ୍ତ ଦେବ, ମଙ୍ଗଳ ପ୍ରଜାପତି ଓ ମହମ୍ମଦ ସାହିଦଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟ, ରାଜବାଟୀ ଛକ ତଥା ରଥ ଯାଉଥିବା ମୁଖ୍ୟଦାଣ୍ଡରେ ଜୟ ଜଗନ୍ନାଥ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।




# ସୁନ୍ଦରଗଡ଼ ଜିଲ୍ଲା ଫୁଟ୍‌ବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ



**ସୁନ୍ଦରଗଡ଼, ୨୮।୬(ସମିସ)**

ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଡିଏଏ ଷ୍ଟାଡିୟମ୍‌ଠାରେ ଜିଲ୍ଲା ଫୁଟବଲ୍ ଚାମ୍ପିଅନସିପ୍ ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ କ୍ରୀଡ଼ା ସଂସଦର ଉପ ସଭାପତି ମେରି ଜନ ବାଗେ ମୁଖ୍ୟ ଅତିଥି ଏବଂ ଉପ ସଭାପତି ବିମଳ ବୋଷ, ଶ୍ମଶାନ ବନ୍ଧୁ ସିଦ୍ଧାନ୍ତ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳର ଶୁଭାରମ୍ଭ କରିଥିଲେ। ଏହି ଖେଳ ସୁନ୍ଦରଗଡ଼ ଡିଏଏ ଷ୍ଟାଡିୟମ୍, କୁଣ୍ଡୁକେଲା ଫୁଟବଲ୍ ପଡ଼ିଆ ଓ ପ୍ରଧାନପାଟ ଖେଳପଡ଼ିଆ ଆଦି ୩ଟି ଜୋନ୍‌ରେ ଚାଲିଛି। ପ୍ରଧାନପାଟ ଜୋନ୍‌ରେ ୧୦ ଟି ଦଳ ମଧ୍ୟରୁ ଜୟ ଜଗନ୍ନାଥ କ୍ଲବ୍ ଫୁଲଧୁଡ଼ି ଅଙ୍କଲ କ୍ଲବ୍ ନଦୀସୁଗୁଡା ଠାରୁ ୧-୦ ଗୋଲରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଛି। ସେହିପରି ଟାଙ୍ଗରଭାଡ଼ି ଟିମ୍ ଦଳ ୩-୧ ଗୋଲରେ ଧଉଁରାଅଡ଼ା ଠାରୁ ବିଜୟୀ ହୋଇ ୨ ୟ ଦଳ ଭାବେ କ୍ୱାର୍ଟର ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ଡିଏଏ ଷ୍ଟାଡିୟମ୍‌ରେ ବରଗାଁକଛାର ଦଳ ୧-୦ ଗୋଲରେ ମୋଟୁ ଇଲେଭେନ୍ ବାଲିଶଙ୍କରା ଠାରୁ ବିଜୟୀ ହୋଇ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଛି। ସେହିପରି କୁଣ୍ଡୁକେଲା ଜୋନ୍ ବାଉଁଶପରା ଦଳ ୩-୦ ଗୋଲ ରେ ଇଏସଏସ ସୁନ୍ଦରଗଡ଼କୁ ହରାଇ କ୍ୱାର୍ଟର ଫାଇନାଲ ପ୍ରବେଶ କରିଛି। ରେଫରି ଅଶୋକ ପାଣ୍ଡବ, ହେମନ୍ତ ଦାସ, ନିତ୍ୟାନନ୍ଦ ମେହେର, ବିବେକ ନାଏକ, ସନ୍ୟାସୀ ମୁଣ୍ଡା, ରାଜେନ୍ଦ୍ର ମୁଣ୍ଡା, ଗଜେନ୍ଦ୍ର ମୁଣ୍ଡା, ରାଜେଶ କିସାନ, ସୁଶାନ୍ତ ଷଣ୍ଢ, କୁମର ମଣି ଛତ୍ରିଆ ପ୍ରମୁଖ ପରିଚାଳନା କରିଥିଲେ। ଜିଲ୍ଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ଦୁର୍ଗା ମାଧବ ନାଏକ, ସହସମ୍ପାଦକ ଜୟଦେବ ପାତ୍ର, ନିତ୍ୟ କୁମାର ବଳ, ଆଶିଷ ଦେ, ଶ୍ୟାମ ନନ୍ଦନ ସହାୟ, ପ୍ରସାଦ ନାଏକ, ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଖେଳ ଆୟୋଜିତ ହେଉଛି। ଆସନ୍ତା ୩୦ ତାରିଖରେ ୪ଟି କ୍ୱାର୍ଟର ଫାଇନାଲ, ଜୁଲାଇ ୧ରେ ସେମି ଫାଇନାଲ ଓ ୨ ତାରିଖରେ ଫାଇନାଲ ମ୍ୟାଚ ହେବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଭୋଳ ସୂଚନା ଦେଇଛନ୍ତି।

## ଆଇନ ଛାତ୍ରୀଙ୍କୁ ଗଣଦୁଷ୍କର୍ମ: ସୁରକ୍ଷାକର୍ମୀ ଗିରଫ

କୋଲକାତା, ୨୮।୬ (ଏଜେନ୍ସି): କୋଲକାତା ଆଇନ କଲେଜରେ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଗଣଦୁଷ୍କର୍ମକୁ ନେଇ ରାଜ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଲୋକେ ଏହା ବିରୋଧରେ ପ୍ରତିବାଦ ଆରମ୍ଭ କରିଦେଇଛନ୍ତି। ଏହା ମଧ୍ୟରେ କୋଲକାତା ପୁଲିସ ଶନିବାର ଏହି କଲେଜର ସୁରକ୍ଷାକର୍ମୀ ପିନାକୀ ବାନାର୍ଜୀକୁ ଗିରଫ କରିଛି। ଏ ପର୍ଯ୍ୟନ୍ତ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ଟିଏମସି ନେତା ମନୋଜିତ ମିଶ୍ରା ସହିତ ୪ ଜଣଙ୍କୁ ଗିରଫ କରାଗଲାଣି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଗଣଦୁଷ୍କର୍ମ ସମୟରେ ସୁରକ୍ଷାକର୍ମୀ ଉପସ୍ଥିତ ଥିଲା। ଅଭିଯୁକ୍ତର ନିର୍ଦ୍ଦେଶରେ ସେ ଗାର୍ଡରୁମ୍‌ରେ ମହିଳାଙ୍କୁ ଏକାକୀ ଛାଡ଼ି ପଳାଇ ଥିଲା। ଛାତ୍ରୀ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ସୁରକ୍ଷାକର୍ମୀ ତାଙ୍କୁ ସହାୟତା କରି ନ ଥିଲା। ଏ ବିଷୟରେ ସେ କଲେଜ କର୍ତ୍ତୃପକ୍ଷଙ୍କୁ ସୂଚନା ଦେବାର ଥିଲା। କିନ୍ତୁ ସେ ନିଜ କର୍ତ୍ତବ୍ୟରେ ଅବହେଳା କରିଥିବା। ତଦନ୍ତ ବେଳେ ଏହା ଜଣାପଡ଼ିବାରୁ ସୁରକ୍ଷାକର୍ମୀକୁ ଗିରଫ କରାଯାଇଥିଲା। ଅନ୍ୟପକ୍ଷରେ ପୀଡ଼ିତାଙ୍କ ମେଡିକାଲ ରିପୋର୍ଟ ସାମ୍ନାକୁ ଆସିଛି। ଏଥିରେ ଦୁଷ୍କର୍ମ ହୋଇଥିବା ସ୍ପଷ୍ଟ ହୋଇଛି। ପୁଲିସ ଅଧିକାରୀଙ୍କ ଅନୁଯାୟୀ ଜୋରଜବରଦସ୍ତି କରିଥିବାରୁ ପୀଡ଼ିତାଙ୍କ ଶରୀରରେ କଟା ଏବଂ ଆଞ୍ଚୁଡ଼ା ଦାଗ ରହିଛି। ମାରପିଟ ମଧ୍ୟ କରାଯାଇଛି। ସେହିପରି ଗଣଦୁଷ୍କର୍ମର ତିନି ଅଭିଯୁକ୍ତଙ୍କୁ କୋର୍ଟ ୧ ତାରିଖ ପର୍ଯ୍ୟନ୍ତ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି। ଏହା ମଧ୍ୟରେ ଟିଏମ୍‌ସି ସାଂସଦ କଲ୍ୟାଣ ବାନାର୍ଜୀ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ଯଦି ବନ୍ଧୁ ବନ୍ଧୁକୁ ଦୁଷ୍କର୍ମ କରିବ ତେବେ କ'ଣ କରାଯାଇପାରିବ ବୋଲି ସେ କହିଛନ୍ତି।

## ଆଇଏସ୍‌ଆଇଏସ୍‌ର ଭାରତ ମୁଖ୍ୟ ସାକିବ ନାଚନ ମୃତ

ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ଆତଙ୍କବାଦୀ ସଂଗଠନ ଇସ୍‌ଲାମିକ ଷ୍ଟେଟ୍ ଅଫ୍ ଇରାକ ଆଣ୍ଡ ସିରିଆ (ଆଇଏସଆଇଏସ) ର ଭାରତ ମୁଖ୍ୟ କୁହାଯାଉଥିବା



ତଥା ନିଷିଦ୍ଧ ସଂଗଠନ ଷ୍ଟୁଡେଣ୍ଟସ୍ ଇସଲାମିକ ମୁଭମେଣ୍ଟ ଅଫ୍ ଇଣ୍ଡିଆ (ସିମି)ର ପୂର୍ବତନ ସଦସ୍ୟ ସାକିବ ନାଚନ (୫୭) ମସ୍ତିଷ୍କାଘାତରେ ପ୍ରାଣ ହରାଇଛି। ମସ୍ତିଷ୍କାଘାତ ହେବା ପରେ ତାକୁ ଶନିବାର ଦ୍ୱିପହରେ ଦିଲ୍ଲୀର ସଫଦରଜଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନ୍‌ଆଇଏ ଦ୍ୱାରା ଗିରଫ ହେବା ପରେ ନାଚନ ୨୦୨୩ରୁ ତିହାର ଜେଲ୍‌ରେ ଥିଲା। ମହାରାଷ୍ଟ୍ରର ପଦଘା ଏବଂ ଦିଲ୍ଲୀରେ ଆଇଏସଆଇଏସର ଶାଖା ଗଢୁଥିବା ଅଭିଯୋଗରେ ତାକୁ ଗିରଫ କରାଯାଇଥିଲା। ମସ୍ତିଷ୍କାଘାତ ହେବାପରେ ମଙ୍ଗଳବାରଠାରୁ ତାକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା।

## ସାମ୍ବାଦିକା ସ୍ୱେଚାଙ୍କ ଆତ୍ମହତ୍ୟା



ହାଇଦରାବାଦ, ୨୮।୬ (ଏଜେନ୍ସି): ସୁପ୍ରସିଦ୍ଧ ସାମ୍ବାଦିକା ତଥା ତେଲୁଗୁ ଚ୍ୟାନେଲର ଉପସ୍ଥାପିକା ସ୍ୱେଚା ଭୋଟରାକର ଆତ୍ମହତ୍ୟା କରିଛନ୍ତି। ହାଇଦରାବାଦ ସ୍ଥିତ ବାସଭବନରୁ ଶୁକ୍ରବାର ରାତିରେ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ବାପାଙ୍କ ଅଭିଯୋଗ କ୍ରମେ ପୁଲିସ ଏତଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି। ଝିଅର ମୃତ୍ୟୁ ପାଇଁ ବାପା ଜଣେ ବ୍ୟକ୍ତିଙ୍କୁ ଦାୟୀ କରିଛନ୍ତି। ସ୍ୱେଚାଙ୍କ ମୃତ୍ୟୁରେ ବିଆରଏସ୍‌ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ କେଟି ରାମା ରାଓ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ସାଧୁ ମହାରାଜଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ

କୋଲକାତା, ୨୮।୬ (ଏଜେନ୍ସି): ପଶ୍ଚିମବଙ୍ଗର ପଦ୍ମଶ୍ରୀ ବିଜେତା ସାଧୁ କାର୍ତ୍ତିକ ମହାରାଜଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲାଗିଛି। ସ୍କୁଲ୍‌ରେ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇ ୨୦୧୩ ପରଠାରୁ ସେ ଜଣେ ମହିଳାଙ୍କୁ



ଅନେକ ଥର ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ତେବେ ବିଜେପି ସହ ଘନିଷ୍ଠ ଥିବା ଏହି ସାଧୁ ଅଭିଯୋଗକୁ ଖଣ୍ଡନ କରିଦେଇଛନ୍ତି। ପୀଡ଼ିତା ଅଭିଯୋଗ କରିଛନ୍ତି ଯେ ଭାରତ ସେବାଶ୍ରମ ସଂଘର ଏହି ସାଧୁ ତାଙ୍କୁ ମୁର୍ଶିଦାବାଦ ଆଶ୍ରମକୁ ନେଇ ଯାଇଥିଲେ। ଏହି ପରିସରରେ ଥିବା ବିଦ୍ୟାଳୟରେ ଚାକିରି ଦେବାକୁ କହି ରହିବାକୁ ଦେଇଥିଲେ। ତେବେ ଦିନେ ରାତିରେ କାର୍ତ୍ତିକ ମହାରାଜ ଜୋର ଜବରଦସ୍ତି ତାଙ୍କ ପ୍ରକୋଷ୍ଠ ଭିତରକୁ ପ୍ରବେଶ କରିଥିଲେ। ୨୦୧୩ ଜାନୁଆରୀରୁ ଜୁନ୍ ମଧ୍ୟରେ ୧୨ ଥର ଦୁଷ୍କର୍ମ କରିଥିଲେ। କାହାକୁ କହିଲେ ମାରିଦେବାକୁ ଧମକ ଦେଇଥିଲେ। ତେଣୁ ସେ ନିସହାୟ ହୋଇ ଏ ପର୍ଯ୍ୟନ୍ତ ଅଭିଯୋଗ କରି ନ ଥିଲେ ବୋଲି ପୀଡ଼ିତା ଏତଲାରେ କହିଛନ୍ତି।

# ନଦୀରେ ଫଟୋ ଉଠାଉଥିବାବେଳେ ଭାସିଗଲେ ପରିବାରର ୯ ସଦସ୍ୟ

ଇସଲାମାବାଦ, ୨୮।୬ (ଏଜେନ୍ସି): ପାକିସ୍ତାନ ଖୈବର ପଖ୍ତୁନଖ୍ୱା ଅଞ୍ଚଳରେ ଥିବା ସ୍ୱାତ ନଦୀରେ ଶୁକ୍ରବାର ଅଚାନକ ବନ୍ୟା ଆସିଛି। ଏଥିରେ ୧୭ ଜଣ ପ୍ରାଣ ହରାଇଛନ୍ତି। ଅନେକ ଲୋକ ନିଖୋଜ ଅଛନ୍ତି। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୯ ସଦସ୍ୟ ସାମିଲ ଅଛନ୍ତି। ସୂଚନା ଅନୁଯାୟୀ ୧୮ ଜଣିଆ ପରିବାର ଶୁକ୍ରବାର ଭୋଜି କରିବାକୁ ସ୍ୱାତ ନଦୀ କୂଳକୁ ଯାଇଥିଲେ। ଏମାନେ ନଦୀ ଭିତରେ ଫଟୋ ଉଠାଉ ଥିଲେ। ଆଉ କିଛି ଜଣ ପାଣିରେ ଖେଳୁଥିଲେ। ଏହି ସମୟରେ ଅଚାନକ ବନ୍ୟା ଆସି ଯାଇଥିଲା। ଏହା ଛୋଟ ପିଲାଙ୍କୁ ଭସାଇ ନେଇଥିଲା। ସମ୍ପର୍କୀୟମାନେ ବଞ୍ଚାଇବାକୁ ଦୌଡ଼ି ଥିଲେ। କିନ୍ତୁ ସେମାନେ ବି ପାଣି ଭିତରେ ଫସି ଯାଇଥିଲେ। ଦୀର୍ଘ ଦୁଇ ଘଣ୍ଟା ଅପେକ୍ଷା କରିବା ପରେ ଉଦ୍ଧାରକାରୀ ଦଳ ପହଞ୍ଚି ଥିଲା। ୯ ଜଣଙ୍କ ମୃତଦେହ ଉଦ୍ଧାର କରିଛି। ୪ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏବେ ଏହି ଦୁର୍ଘଟଣାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖାଯାଉଛି ଯେ କିଛିଲୋକ ଏକ ପଥର ଉପରେ ଛିଡ଼ା ହୋଇଛନ୍ତି। ଚାରିପଟେ ନଦୀର ପ୍ରଖର ସୁଅ ସେମାନଙ୍କୁ ଘେରି ରହିଛି।







# ସନ୍ଦେହରେ ଅଭିନେତ୍ରୀଙ୍କ ମୃତ୍ୟୁ

## ଦୁଇ ଥର ଶବ ବ୍ୟବଚ୍ଛେଦ ହେଲାଣି; ତଥାପି କାରଣ ଅସ୍ପଷ୍ଟ

ମୁମ୍ବାଇ, ୨୮।୬ (ଏଜେନ୍ସି): ସନ୍ଦେହଜନକ ଅବସ୍ଥାରେ ଅଭିନେତ୍ରୀ ଶେଫାଲି ଜରିୱାଲାଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ହୋଇଛି। ତାଙ୍କୁ ୪୨ ବର୍ଷ ହୋଇଥିଲା। ଶୁକ୍ରବାର ରାତିରେ ତାଙ୍କର ହୃଦ୍‌ଘାତ ଆସିଥିଲା। ଏହା ପରେ ସ୍ୱାମୀ ପରାଗ ତ୍ୟାଗୀ ଶେଫାଳିଙ୍କୁ ମୁମ୍ବାଇର ସୁବରବନ ଅଞ୍ଚଳରେ ଥିବା ବେଲେଭ୍ୟୁ ମଲ୍ଟିସ୍ପେସିଆଲିଟି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି କୁହାଯାଉଛି। କିନ୍ତୁ ଶେଫାଳିଙ୍କ ପରିବାର କିମ୍ବା ପ୍ରତିନିଧିଙ୍କ ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆଯାଇ ନାହିଁ। ମୁମ୍ବାଇ ପୁଲିସ ଏହି ମାମଲାର ଯାଞ୍ଚ ଆରମ୍ଭ କରିଦେଇଛି। ସମ୍ପର୍କୀୟ ଏବଂ ଶେଫାଳିଙ୍କ ଘରର ଚାକରଙ୍କୁ ଏହି ମାମଲାରେ ପଚରାଉଚୁରା କରୁଛି। ମୃତ୍ୟୁର କାରଣ ଏ ପର୍ଯ୍ୟନ୍ତ ଅସ୍ପଷ୍ଟ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ପୁଲିସ ମୋବାଇଲ ଫରେନସିକ୍ ୟୁନିଟ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଦେଇଛି। ଗୋଟିଏ ଟିମ୍ ଫେରି ଯାଇଥିବାବେଳେ ଆଉ ଗୋଟିଏ ଘଟଣାସ୍ଥଳରେ ରହିଛି। ଅନ୍ୟପଟେ କୁପର ହସ୍ପିଟାଲରେ ଶେଫାଳିଙ୍କ ମୃତଦେହ ଦୁଇଥର ବ୍ୟବଚ୍ଛେଦ ପରେ ଅନ୍ତିମ ସଂସ୍କାର କରାଯାଇଛି।

କାଣ୍ଟା ଲଗା ଗୀତରୁ ପ୍ରସିଦ୍ଧି ଅର୍ଜନ କରିଥିବା ଶେଫାଳି ମୁମ୍ବାଇର ଗୋଲ୍ଡେନ ରେଜ୍-ୱାଇ ବିଲ୍ଡିଂରେ ରହୁଥିଲେ। ସୂଚନା ଅନୁଯାୟୀ ଶେଫାଳିଙ୍କୁ ଅଚେତ ଅବସ୍ଥାରେ ଶୁକ୍ରବାର ରାତି ୧୧ଟା ୧୫ରେ ଅନ୍ଧେରୀ ସ୍ଥିତ ବେଲେଭ୍ୟୁ ଡାକ୍ତରଖାନାକୁ ନିଆଯାଇଥିଲା। ହସ୍ପିଟାଲ କର୍ମଚାରୀଙ୍କ ଅନୁଯାୟୀ ତାଙ୍କୁ ମୃତ ଅବସ୍ଥାରେ ଡାକ୍ତରଖାନାକୁ ଅଣାଯାଇଥିଲା। ମୃତଦେହକୁ କୁପର ହସ୍ପିଟାଲକୁ ପଠାଇ ଦିଆଯାଇଛି। ସେଠାରେ ସମ୍ପର୍କୀୟ ଘନିଷ୍ଠ ବନ୍ଧୁ ଏବଂ ଫିଟନେସ୍ ଟ୍ରେନର ପହଞ୍ଚିଛନ୍ତି। ସେ କହିଛନ୍ତି ଯେ ଶେଫାଳି ନିଜ ଖାଦ୍ୟ ଅଭ୍ୟାସକୁ ନେଇ ସଚେତନ ଥିଲେ। ସବୁ ଦିନ ବ୍ୟାୟାମ କରୁଥିଲେ। ଦୁଇ ଦିନ ତଳେ ଟ୍ରେନର ତାଙ୍କୁ ଭେଟି ଥିଲେ। ଶେଫାଳିଙ୍କୁ ମିର୍ଗି ରୋଗ ଥିଲା। ଏଥିପାଇଁ ସେ ଥଣ୍ଡା ଜିନିଷ ଏବଂ ମୃଦୁ ପାନୀୟ ପିଉ ନ ଥିଲେ। ଅନ୍ୟପଟେ ଶେଫାଳି ରହୁଥିବା କୋଠାର ସିକ୍ୟୁରିଟି ଗାର୍ଡ ଶତ୍ରୁଘ୍ନ କହିଛନ୍ତି ଯେ ଶୁକ୍ରବାର ରାତି ୯ଟାରେ ତାଙ୍କ ସ୍ୱାମୀ ପରାଗ ମୋଟରସାଇକେଲରେ ସୋସାଇଟିକୁ ଆସିଥିଲେ। ଗେଟ୍ ଖୋଲିବା ପରେ ସେ ରୁମ୍‌କୁ ଯାଇଥିଲେ। ଏହାର ଦେଢ଼ଘଣ୍ଟା ପରେ ପ୍ରାୟ ୧୦ଟା୩୦ରେ ଶେଫାଳିଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଏହାର କିଛି ସମୟ ପରେ ଶେଫାଳିଙ୍କ ଜଣେ ବନ୍ଧୁ ସୋସାଇଟିକୁ ଆସିଥିଲେ। ଅଭିନେତ୍ରୀଙ୍କ ମୃତ୍ୟୁ ହୋଇଯାଇଥିବା କହିଥିଲେ।

ସୂଚନାଯୋଗ୍ୟ ଯେ ୨୦୦୪ରେ ଶେଫାଳି ସଙ୍ଗୀତଜ୍ଞ ହରମିତ ସିଂହଙ୍କୁ ବିବାହ କରିଥିଲେ। ୨୦୦୯ ରେ ଉଭୟେ ଛାଡ଼ପତ୍ର ନେଇଥିଲେ। ଏହା ପରେ ୨୦୧୫ରେ ଶେଫାଳି ପରାଗଙ୍କୁ ବାହା ହୋଇଥିଲେ। ସେ ନଚ୍ ବାଲିଏ ଏବଂ ବିଗ୍ ବସ୍ ୧୩ ହାଉସ୍‌ରେ ପ୍ରବେଶ କରି ପ୍ରଶଂସା ସାଉଁଟି ଥିଲେ। ଏହା ମଧ୍ୟରେ ବଡ଼ ସୂଚନା ମିଳିଛି। ଶେଫାଳି ୫ରୁ ୬ ବର୍ଷ ହେଲା ଆଣ୍ଟି-ଏଜିଂ ଟ୍ରିଟ୍‌ମେଣ୍ଟ (ବୟସ ପ୍ରଭାବ ପଡ଼ିବାକୁ ଦେଉ ନ ଥିବା ଚିକିତ୍ସା) ନେଉଥିଲେ। ତ୍ୱଚାର ସୁନ୍ଦରତା ଏବଂ ଯୁବା ଦେଖାଯିବା ଲାଗି ଏହି ଚିକିତ୍ସା ନେଉଥିଲେ। ଏହି ଚିକିତ୍ସାରେ ଭିଟାମିନ୍ ସି ଏବଂ ଗ୍ଲୁଟାଥିଓନ ବ୍ୟବହାର କରାଯାଏ। ଅଧିକ ଗୋରା ଦିଶିବା ଲାଗି ଏବଂ ମୁହଁ ପରିଷ୍କାର କରିବା ଲାଗି ଗ୍ଲୁଟାଥିଓନ ଡ୍ରଗ୍ସ ନିଆଯାଏ ବୋଲି ଜଣେ ଡାକ୍ତର କହିଛନ୍ତି। ତେବେ ଏହା ହୃତ୍‌ପିଣ୍ଡ ଉପରେ କୌଣସି ପ୍ରତ୍ୟକ୍ଷ ପ୍ରଭାବ ପକାଏ ନାହିଁ ବୋଲି ଡାକ୍ତର ସୂଚନା ଦେଇଛନ୍ତି।

### ଶେଫାଳିଙ୍କ ମୃତ୍ୟୁରେ ବଲିଉଡ୍ ସ୍ତବ୍ଧ

### ହୃଦ୍‌ଘାତ ନେଲାଣି ଅନେକ ସେଲିବ୍ରିଟିଙ୍କ ଜୀବନ

ମୁମ୍ବାଇ, ୨୮।୬ (ଏଜେନ୍ସି): ଶେଫାଳିଙ୍କ ପୂର୍ବରୁ ଅନେକ ସେଲିବ୍ରିଟି ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଏମାନଙ୍କ ମଧ୍ୟରେ ସିଦ୍ଧାର୍ଥ ଶୁକ୍ଲା (୪୦ ବର୍ଷ), ପୁନୀତ ରାଜକୁମାର (୪୬), ଗାୟକ କ୍ରିଷ୍ଣାକୁମାର କୁନ୍ନଥ (୫୩), ନିର୍ଦ୍ଦେଶକ ରାଜ କୁଶଲ (୫୦), ହାସ୍ୟ ଅଭିନେତା ରାଜୁ ଶ୍ରୀବାସ୍ତବ (୫୮), ସତୀଶ ଚନ୍ଦ୍ର କୌଶିକ (୬୬), ସିଦ୍ଧାନ୍ତ ବୀର ସୂର୍ଯ୍ୟବଂଶୀ (୪୬), ଚିରଞ୍ଜିବୀ ସରଜା (୩୫), ହାସ୍ୟ ଅଭିନେତା ବିବେକ (୫୯), ମଧୁବାଳା (୩୬), ବ୍ୟବସାୟୀ ସଞ୍ଜୟ କପୁର (୫୩) ପ୍ରମୁଖ ସାମିଲ ଅଛନ୍ତି।









## ଅହମଦାବାଦ ବିମାନ ଦୁର୍ଘଟଣା

# ପାଇଲଟଙ୍କ ପାଇଁ ବଞ୍ଚିଗଲା ୨ ହଜାର ଜୀବନ

ନୂଆଦିଲ୍ଲୀ, ୨୮।୬ (ଏଜେନ୍ସି): ଗତ ୧୨ ତାରିଖର ଅହମଦାବାଦ ବିମାନ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ଏହି ଅଘଟଣରେ ୨୭୫ ଜଣଙ୍କ ଜୀବନ ଯାଇଥିଲା। ବିମାନର କ୍ୟାପ୍‌ଟେନ ସୁମିତ ସଭରୱାଲ (୫୬) ଉପସ୍ଥିତ ବୁଦ୍ଧି ପାଇଁ କ୍ଷୟକ୍ଷତି ଏବଂ ଜୀବନହାନୀ ବହୁତ କମ୍ ହୋଇଥିଲା, ନଚେତ୍ ଏହି ଦୁର୍ଘଟଣାରେ ୨ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଥାନ୍ତା। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିମାନ ଉପରକୁ ନ ଉଠିବା ପରେ ଏହା ଦୁର୍ଘଟଣାଗ୍ରସ୍ତ ହେବ ବୋଲି କ୍ୟାପ୍‌ଟେନ ସୁମିତ ଜାଣିପାରି ଥିଲେ। ତେଣୁ ସେ ଉପସ୍ଥିତ ବୁଦ୍ଧି ଖଟାଇ କମ୍ ଜନବହୁଳ ଅଞ୍ଚଳରେ ବିମାନକୁ ଖସାଇ ଥିଲେ। କ୍ଷୟକ୍ଷତି କମ୍ କରିବା ପାଇଁ ସେ ଏହି ନିଷ୍ପତ୍ତି ନେଇଥିଲେ। ବୋଇଂ ୭୮୭ ବିମାନ ମେଡିକାଲ ହଷ୍ଟେଲ ଉପରେ ପଡ଼ିଥିଲା। ଏହି ଅଞ୍ଚଳରେ ଜନସଂଖ୍ୟା ଘନତ୍ୱ ବହୁତ କମ୍ ଥିଲା। ମାତ୍ର ଏହାର ଚାରିପାଖରେ ବସ୍ତି ଏବଂ ତିନୋଟି ବଡ଼ ହସ୍ପିଟାଲ ରହିଥିଲା। ଯଦି ବିମାନ ତିନି ସେକେଣ୍ଡ ପୂର୍ବରୁ କିମ୍ବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଥାନ୍ତା ତେବେ ଭୟଙ୍କର ବିପର୍ଯ୍ୟୟ ହୋଇଥାନ୍ତା। ଦୁର୍ଘଟଣାସ୍ଥଳର ଡାହାଣ ପାର୍ଶ୍ୱରେ ସେନା ହସ୍ପିଟାଲ ଥିଲା। ଆଗରେ ଏକ ସିଭିଲ ହସ୍ପିଟାଲ ଏବଂ ଆଉ କିଛି ଦୂରରେ ଗୁଜରାଟ କ୍ୟାନସର ସୋସାଇଟି ମେଡିକାଲ କଲେଜ ରହିଥିଲା।



ଦୁର୍ଘଟଣା ପରେ ମାମଲାର ଯାଞ୍ଚ କରୁଥିବା ଜଣେ ବେସାମରିକ ବିମାନ ଚଳାଚଳ ଅଧିକାରୀ କହିଛନ୍ତି ଯେ ବିମାନର ଗତି ଅନୁଯାୟୀ ଏହା ସିଧା ୧୨୦୦ ବେଡ୍ ବିଶିଷ୍ଟ ସିଭିଲ ହସ୍ପିଟାଲରେ ମାଡ଼ ହେବାକୁ ଯାଉଥିଲା। ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି ଯେ ପାଇଲଟ କିଛି ସମୟ ପୂର୍ବରୁ ବିମାନକୁ ତଳକୁ ନେଇ ଆସିଥିଲେ। ଏଥିଯୋଗୁ ବିମାନ ମେଡିକାଲ କଲେଜ ହଷ୍ଟେଲର ଛାତରୁ ଖସି ଗଛ ଉପରେ ପଡ଼ିଥିଲା। ସୂଚନାଯୋଗ୍ୟ ଯେ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା କ୍ୟାପ୍‌ଟେନ ସୁମିତଙ୍କ ଗତ ୧୭ ତାରିଖରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ୮୨୦୦ ଘଣ୍ଟା ଉଡ଼ାଣର ଅଭିଜ୍ଞତା ଥିଲା।

# ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣ; ୧୬ ସୈନିକ ମୃତ

ଇସଲାମାବାଦ, ୨୮।୬ (ଏଜେନ୍ସି): ଆତଙ୍କବାଦୀ ଆକ୍ରମଣ କରି ପଡ଼ୋଶୀ ଦେଶରେ ଅସ୍ଥିରତା ସୃଷ୍ଟି କରୁଥିବା ପାକିସ୍ତାନ ନିଜେ ଏହାର ଶିକାର ହୋଇଛି। ଭାରତରେ ପୁଲୱାମା ଆକ୍ରମଣ ପାଇଁ ଦାୟୀ ପାକିସ୍ତାନରେ ଏଭଳି ଆକ୍ରମଣ ହୋଇଛି।

ଖୈବର ପଖତୁନଖ୍ୱା ପ୍ରଦେଶର ଉତ୍ତର ବଜିରସ୍ଥାନ ଜିଲ୍ଲାରେ ଶନିବାର ବିସ୍ଫୋରକ ଭର୍ତ୍ତି ଏକ ଗାଡ଼ି ନେଇ ଜଣେ ଆତଙ୍କବାଦୀ ପାକିସ୍ତାନୀ ସେନାର କନଭୟକୁ ଧକ୍କା ଦେଇଛି। ପରେ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଛି। ଏହି ବିସ୍ଫୋରଣରେ ୧୬ ଯବାନ ପ୍ରାଣ ହରାଇଛନ୍ତି। ୨୪ରୁ ଅଧିକ ମଧ୍ୟ ଆହତ ହୋଇଛନ୍ତି। ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇପାରେ ବୋଲି କୁହାଯାଉଛି। ଏହି ଆକ୍ରମଣ ପାଇଁ ଆତଙ୍କବାଦୀ ସଂଗଠନ ପାକିସ୍ତାନୀ ତାଲିବାନ (ଟିଟିପି) ନିଜକୁ ଦାୟୀ କରିଛି। ଏହି ଅଞ୍ଚଳକୁ ଟିଟିପିର ଗଡ଼ ଧରାଯାଉଛି। ଏହି ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ନିକଟସ୍ଥ ଦୁଇଟ ଘରର ଛାତ ଭୁଶୁଡି ଯାଇଛି। ଏଥିରେ ୬ରୁ ଅଧିକ ଶିଶୁ ଆହତ ହୋଇଛନ୍ତି। ପାକିସ୍ତାନ ତାଲିବାନର ଏକ ଗୋଷ୍ଠୀ ହାଫିଜ ଗୁଲ ବାହାଦୂର ଆର୍ମ୍ଡ ଗ୍ରୁପର ଆତ୍ମଘାତୀ ଏହି କାଣ୍ଡ ଘଟାଇଛନ୍ତି।

**ନିଜକୁ ଦାୟୀ କଲା ପାକିସ୍ତାନ ତାଲିବାନ**

୨୦୨୧ରେ ଆଫଗାନିସ୍ତାନରେ ତାଲିବାନ କ୍ଷମତାସୀନ ହେବା ପରଠାରୁ ପାକିସ୍ତାନର ଏହି ଅଞ୍ଚଳରେ ହିଂସା ଲାଗି ରହିଛି। ଅନବରତ ଭାବେ ସେନା ଉପରେ ଆକ୍ରମଣ ହେଉଛି। ତାଲିବାନ ସରକାର ଏଥିପାଇଁ ସହାୟତା କରୁଛନ୍ତି ବୋଲି ପାକିସ୍ତାନ ପକ୍ଷରୁ ଅଭିଯୋଗ କରାଯାଉଛି। ତେବେ ତାଲିବାନ ଏହି ଅଭିଯୋଗକୁ ଖାରଜ କରିଆସିଛି।

# ପୁଣି ବିବାଦ ଘେରରେ ନିର୍ବାଚନ କମିସନ

- ଜନ୍ମ ପ୍ରମାଣପତ୍ର ଦେବାକୁ ଭୋଟର ବାଧ୍ୟ
- ପ୍ରମାଣପତ୍ର ନଦେଲେ ତାଲିକାରୁ ନାଁ କଟିବ
- କମିସନଙ୍କୁ ଘେରିଲେ ବିରୋଧୀ ଦଳ
- ତାଲିକା ସଂଶୋଧନ ନାମରେ ଏନ୍‌ଆର୍‌ସି ?

ନୂଆଦିଲ୍ଲୀ, ୨୮।୬(ଏଜେନ୍ସି): ବିଭିନ୍ନ ସମୟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିବାଦରେ ଥିବା ଭାରତର ନିର୍ବାଚନ କମିସନ ପୁଣି ଆଉ ଏକ ନୂଆ ବିବାଦରେ ଫସିଯାଇଛନ୍ତି। ଏଥର ଘରଘର ବୁଲି ଯାଞ୍ଚ ପ୍ରକ୍ରିୟାକୁ ନେଇ। ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ବିହାରରେ। ଚଳିତ ବର୍ଷ ଶେଷ ଆଡ଼କୁ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଭୋଟର ତାଲିକାରେ ସଂଶୋଧନ କରାଯାଉଛି। ଏହି ପ୍ରକ୍ରିୟାରେ ନୂଆ ଓ ପୁରୁଣା ଭୋଟରଙ୍କୁ ଭାରତୀୟ ନାଗରିକତ୍ୱ ପ୍ରମାଣ ଦେବାକୁ କୁହାଯାଉଛି। ସେମାନଙ୍କର ଜନ୍ମସ୍ଥାନ ଓ ତାରିଖ ସଂପର୍କରେ ପ୍ରମାଣପତ୍ର ଲୋଡ଼ୁଛନ୍ତି ନିର୍ବାଚନ ଅଧିକାରୀ। ଏହାକୁ ନେଇ ବିରୋଧୀ ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଅଭିଯୋଗ କରିଛନ୍ତି ଯେ ଭୋଟର ତାଲିକା ସଂଶୋଧନ ବାହାନାରେ ସରକାର କମିସନଙ୍କୁ ଅସ୍ତ୍ର କରି ଏନ୍‌ଆର୍‌ସି ବା ଜାତୀୟ ନାଗରିକ ପଞ୍ଜୀକରଣ କରାଉଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ବେଆଇନ ଶରଣାର୍ଥୀଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା ଲାଗି ନିର୍ବାଚନ କମିସନ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନରେ ବୁଥ୍ ସ୍ତରରେ ନିର୍ବାଚନ ଅଧିକାରୀ ଘର ଘର ବୁଲି ସର୍ଭେ କରିବା ସହିତ ନୂଆ ଏବଂ ପୁରୁଣା ଭୋଟରଙ୍କ ଠାରୁ ତଥ୍ୟପ୍ରମାଣ ସଂଗ୍ରହ କରୁଛନ୍ତି। ସେମାନେ ଭାରତୀୟ ନାଗରିକ କି ନୁହନ୍ତି? ଯଦି ଭାରତୀୟ ନାଗରିକ, ତାହାହେଲେ ସେମାନଙ୍କୁ ସେମାନଙ୍କର ଜନ୍ମସ୍ଥାନ ଓ ଜନ୍ମ ତାରିଖ ସଂପର୍କରେ ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଉଛି। କେବଳ ନିଜର ନୁହେଁ, ସେମାନଙ୍କ ପିତାମାତାଙ୍କର ପ୍ରମାଣପତ୍ର ମଧ୍ୟ ଲୋଡ଼ାଯାଉଛି। ୧୯୮୭ପୂର୍ବରୁ ଜନ୍ମ ହୋଇଥିବା ଭୋଟରମାନଙ୍କୁ ସେମାନଙ୍କର ଜନ୍ମସ୍ଥାନ ଓ ଜନ୍ମ ତାରିଖର ପ୍ରମାଣପତ୍ର ଦାଖଲ କରିବାକୁ କୁହାଯାଉଛି। ସେହିଭଳି ଜୁଲାଇ ୧୯୮୭ରୁ ଡିସେମ୍ବର ୨୦୦୪ ମଧ୍ୟରେ ଜନ୍ମ ହୋଇଥିବା ଭୋଟରମାନଙ୍କୁ ସେମାନଙ୍କର ଜନ୍ମସ୍ଥାନ ଓ ତାରିଖ ପ୍ରମାଣପତ୍ର ସହିତ ପିତାମାତାଙ୍କର ଜନ୍ମସ୍ଥାନ ଓ ଜନ୍ମତାରିଖ ସଂପର୍କରେ କାଗଜପତ୍ର ଦାଖଲ କରିବାକୁ କୁହାଯାଉଛି।

ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ। ରାଷ୍ଟ୍ରୀୟ ଜନତା ଦଳ ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ଏମିତି ଲକ୍ଷ ଲକ୍ଷ ପରିବାର ଅଛନ୍ତି ଯେଉଁମାନଙ୍କ ପାଖରେ ଜନ୍ମସ୍ଥାନ ଓ ତାରିଖ ପ୍ରମାଣପତ୍ର ନାହିଁ। ସେମାନଙ୍କୁ ମତଦାନରୁ ବଞ୍ଚିତ କରିବା ଲାଗି ଏହା ଏକ ଷଡ଼ଯନ୍ତ୍ର। ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ ଏହାକୁ ଏନ୍‌ଆରସି ଠାରୁ ଅଧିକ ଭୟଙ୍କର ଓ ବିପଜ୍ଜନକ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ କମିସନଙ୍କ ଏଭଳି ନିଷ୍ପତ୍ତି ଗଣତନ୍ତ୍ର ପାଇଁ ବିପଦ। ରାଜ୍ୟ ସରକାର ଓ ଜାତୀୟ ରାଜନୈତିକ ଦଳଙ୍କ ସହିତ ବିଚାରପରାମର୍ଶ ନକରି କମିସନ ଏଭଳି ଏକତରଫା ନିଷ୍ପତ୍ତି ନେଇପାରିବେ ନାହିଁ। କେବଳ ବିଜେପିକୁ ସୁହାଇଲା ଭଳି କମିସନ ନିଷ୍ପତ୍ତି ନେଉଛନ୍ତି। ଗରିବ ଓ ଅଶିକ୍ଷିତ ପରିବାର ସେମାନଙ୍କର ପ୍ରମାଣପତ୍ର କେଉଁଠୁ ଆଣିବେ ? କେନ୍ଦ୍ର ସରକାର ନିର୍ବାଚନ କମିସନଙ୍କୁ ଅସ୍ତ୍ର କରି ଏନ୍‌ଆର୍‌ସି ପ୍ରକ୍ରିୟା ଆରମ୍ଭ କରିଛନ୍ତି ବୋଲି ଅଭିଯୋଗ କରି ମମତା କହିଛନ୍ତି ଯେ ଏହାଦ୍ୱାରା ଲକ୍ଷ ଲକ୍ଷ ଲୋକ ଭୋଟ ଅଧିକାରରୁ ବଞ୍ଚିତ ହେବେ। ସମାଜବାଦୀ ପାର୍ଟି ମୁଖ୍ୟ ତଥା ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ମଧ୍ୟ ମମତାଙ୍କୁ ସମର୍ଥନ କରି କହିଛନ୍ତି ଯେ କେନ୍ଦ୍ରରେ ବିଜେପି ସରକାରକୁ ସହଜରେ ବିଶ୍ୱାସ କରାଯାଇପାରିବ ନାହିଁ। ସେମାନେ ପଛଦ୍ୱାର ଦେଇ ଏନ୍‌ଆରସି ପ୍ରକ୍ରିୟା ଆରମ୍ଭ କରିଛନ୍ତି।

ସୂଚନାଯୋଗ୍ୟ ଯେ ୨୦୨୬ରେ ଆସାମ, କେରଳ, ପୁଡୁଚେରୀ, ତାମିଲନାଡୁ ଏବଂ ପଶ୍ଚିମ ବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ସେଠାରେ ମଧ୍ୟ ଏଭଳି ଅଭିଯାନ ଚଳାଇବାକୁ ଯୋଜନା କରିଛନ୍ତି ନିର୍ବାଚନ କମିସନ।



# କୋରିଆନ୍ ଟପ୍ ଫେଶନ

ସମୟ ଅନୁସାରେ ଫେଶନ ଟ୍ରେଣ୍ଡରେ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ସେହିପରି ବର୍ତ୍ତମାନ ସମୟରେ ଯୁବତୀଙ୍କ ମଧ୍ୟରେ କୋରିଆନ୍ ଟପର କ୍ରେଜ୍ ଦେଖିବାକୁ ମିଳୁଛି । ଅନ୍‌ଲାଇନ୍‌ରେ ଏହା ବିଭିନ୍ନ ଡିଜାଇନରେ ରହିଛି । ଏହା ଷ୍ଟାଇଲିଶ୍ ସାଙ୍ଗକୁ ଆକର୍ଷଣୀୟ ଦେଖାଯାଏ । ତେବେ ଏ ପ୍ରକାର ଟପ୍ସ ବିଶେଷ କରି ବଟନ୍ ୱେୟାର୍ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ ।

- ଧଳା ରଙ୍ଗ କୋରିଆନ୍ ଟପ୍ ଏବେର କଲେଜ ପଢୁଆ ଯୁବତୀଙ୍କ ମଧ୍ୟରେ ଖୁବ୍ ଚାହିଦା ରହିଛି । ଏହାକୁ ଟ୍ରାଉଜର୍, କଳା ଷ୍ଟ୍ରେଟ୍ ପ୍ୟାଣ୍ଟ, ଜିନ୍ସ, ଲଙ୍ଗ୍ ସ୍କର୍ଟ୍‌ରେ ପିନ୍ଧିପାରିବେ । ଏଥିରୁ ଏକ ସୁନ୍ଦର ଲୁକ୍ ମିଳିଥାଏ ।
- ସେହିପରି ଏହାକୁ ପେନ୍‌ସିଲ୍ ହିଲ୍ କିମ୍ବା ବୁଟ୍ ଭଲ ମାନିଥାଏ । ଏଥିସହ ସ୍ଲିଙ୍ଗ୍ ବ୍ୟାଗ୍, ମିନି କ୍ଲଚ୍, ତଥା ଲେଦର ବ୍ୟାଗ ବ୍ୟବହାର କରିପାରିବେ ।
- ରଙ୍ଗିନ କୋରିଆନ୍ ଟପ୍ସକୁ ଜିନ୍ସ ଭଲ ମାନିଥାଏ । ଏହି ଆଉଟ୍‌ଫିଟ୍‌ରେ ଭିନ୍ନ ଲୁକ୍ ଦେବାକୁ ଚାହୁଁଥିଲେ, ଆଧୁନିକ ଅଳଙ୍କାର ମାନିଥାଏ ।

# ଭାଇରାଲ ଗର୍ଲ

ଏବେ ଲୋକମାନଙ୍କର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ଏକ ଉତ୍ତମ ମାଧ୍ୟମ ପାଲଟିଛି ସାମାଜିକ ଗଣମାଧ୍ୟମ । ଏଥିରୁ ସେମାନଙ୍କୁ ପରିଚୟ, ଖ୍ୟାତି, ସମ୍ପତ୍ତି, ସମ୍ମାନ ମିଳିପାରୁଛି । ଏପରିକି ରାତାରାତି ସାଧାରଣ ମଣିଷରୁ ସୋସିଆଲ ମିଡିଆ ତାରକା ପାଲଟିଥାନ୍ତି । ତେବେ ସାମାଜିକ ଗଣମାଧ୍ୟମରୁ ପ୍ରସିଦ୍ଧି ଲାଭ କରି ଚର୍ଚ୍ଚା ସାଉଁଟିଥିବା ସେଭଳି କେତେ ଜଣ ଭାଇରାଲ ଗର୍ଲଙ୍କୁ ନେଇ ଏହି ଉପସ୍ଥାପନା ।



## ପ୍ରିୟା ପ୍ରକାଶ ବାରିୟର

ସୋସିଆଲ ମିଡିଆରେ ରାତାରାତି ଭାଇରାଲ ହୋଇଥିବା ମହିଳାଙ୍କ ମଧ୍ୟରୁ ଜଣେ ହେଲେ ପ୍ରିୟା ପ୍ରକାଶ ବାରିୟର୍ । ମଲୟାଲମ୍ ଏବଂ ତେଲୁଗୁ ଅଭିନେତ୍ରୀ ଭାବେ ପ୍ରିୟା ୧୮ ବର୍ଷ ବୟସରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲେ । 'ଓରୁ ଅଦାର ଲଭ୍' ଫିଲ୍ମରେ ସେ ଅଭିନେତାଙ୍କୁ ଆଖିମାରୁଥିବାର ଏକ ଦୃଶ୍ୟକୁ ଭାଇରାଲ୍ ହୋଇଥିଲା । ୨୬ ସେକେଣ୍ଡର ଏହି ଭିଡିଓକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । 'ୱିଙ୍କ ଗର୍ଲ' ନାମରେ ପରିଚିତ ପ୍ରିୟା ୨୦୧୮ ମସିହାରେ ସାମାଜିକ ଗଣମାଧ୍ୟମରେ ଅଧିକ ସର୍ଚ୍ଚ କରାଯାଇଥିବା ମହିଳା ଥିଲେ ।



## ମୋନାଲିସା ଭୋସଲେ

ପ୍ରୟାଗରାଜ କୁମ୍ଭମେଳାରେ 'ଭାଇରାଲ ଗର୍ଲ' ଭାବରେ ମୋନାଲିସା ସାମାଜିକ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚାରେ ରହିଥିଲେ । ତାଙ୍କର ସୁନ୍ଦରତା ଆକର୍ଷଣୀୟ ଆଖି ଲୋକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ମଧ୍ୟ ପ୍ରଦେଶ ଇନ୍ଦୋରରୁ ଆସିଥିବା ଜଣେ ସାଧାରଣ ଯୁବତୀ ଥିଲେ ମୋନାଲିସା । ରୁଦ୍ରାକ୍ଷ ମାଳି ବିକାଳୀରୁ ସେ ରାତାରାତି ସୋସିଆଲ ମିଡିଆ ସେନସେସନ୍ ପାଲଟିଥିଲେ । ମହାକୁମ୍ଭରେ କିଛି ୟୁଟ୍ୟୁବ୍‌ର ତାଙ୍କ ଭିଡିଓ ସୁଟ୍ କରି ତାକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ । ଫଳରେ ଏଥିରୁ ସେ ଭାଇରାଲ ହୋଇଥିଲେ । ପରେ ତାଙ୍କୁ 'ଦି ଡାଏରୀ ଅଫ୍ ମଣିପୁର' ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିଥିଲା ।



## ଗରିମା ଚୌରାସିଆ

'ବହୁତ ହାର୍ଡ ଗର୍ଲ' ନାମରେ ପରିଚିତ ଗରିମା ଚୌରାସିଆ ଟିକ୍‌ଟକ୍ ଭିଡିଓରୁ ଭାଇରାଲ ହୋଇଥିଲେ । ଗଲି ବୟ ଫିଲ୍ମ ଗୀତ ବହୁତ ହାର୍ଡରେ ଲିପ୍‌ସିଙ୍ଗ୍ କରି ସେ ଲୋକପ୍ରିୟତା ସାଉଁଟିଥିଲେ । କିଲର ଲୁକ୍ ସାଙ୍ଗକୁ ନୃତ୍ୟଶୈଳୀ ଲୋକଙ୍କୁ ଖୁବ୍ ପସନ୍ଦ ଆସିଥିଲା । ସେ ରାତିକ ମଧ୍ୟରେ ସୋସିଆଲ୍ ମିଡିଆ ତାରକା ପାଲଟିଥିଲେ । ଭାରତରେ ଟିକଟକ ବନ୍ଦ ହେବା ପରେ ମଧ୍ୟ ସେ ଇନ୍‌ଷ୍ଟାଗ୍ରାମ, ଏମ୍‌ଏକ୍ସ ଟକାଟକ୍ ଭଳି ସୋସିଆଲ ମିଡିଆରେ ସକ୍ରିୟ ଅଛନ୍ତି । ସେ ୧୯୯୭ ମସିହାରେ ଉତ୍ତରାଖଣ୍ଡ ହରିଦ୍ୱାରରେ ଜନ୍ମ ହୋଇଥିଲେ । ଦିଲ୍ଲୀରେ ରହୁଥିବା ଗରିମା ସୋସିଆଲ ମିଡିଆରେ ଭିଡିଓ କରିବା ସହ ଅନେକ ମ୍ୟୁଜିକ୍ ଭିଡିଓ କରିଛନ୍ତି । ଏଥିସହ ଭବିଷ୍ୟତରେ ଜଣେ ଅଭିନେତ୍ରୀ ହେବାକୁ ଆଶା ରଖିଛନ୍ତି ।



## ଅଞ୍ଜଳି ଅରୋରା

'କଚ୍ଚା ବାଦାମ' ଗୀତରେ ନୃତ୍ୟ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଲୋକପ୍ରିୟ ହୋଇଥିଲେ ଅଞ୍ଜଳି । ତାଙ୍କର ନୃତ୍ୟକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ଏହି ସଫଳତା ପରେ ଅଞ୍ଜଳିଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ଏହାପରେ ସେ ଲଗାତାର ଭିଡିଓ ପୋଷ୍ଟ କରିଥିଲେ । ତାଙ୍କର ଲୋକପ୍ରିୟତା ଯୋଗୁ 'ଲକ୍‌ଅପ ସିଜନ୍' -୧ ରେ ପ୍ରତିଯୋଗୀ ଭାବେ ଭାଗ ନେବାକୁ ସୁଯୋଗ ମିଳିଥିଲା । ଏହି ସୋ' ସେରେ ବିଜୟୀ ନ ହେଲେ ମଧ୍ୟ ବେଶ୍ ଲୋକପ୍ରିୟତା ସାଉଁଟିଥିଲେ । ଏବେ ସେ ରିଲ୍‌ସ କରିବା ସହ ଅନେକ ମ୍ୟୁଜିକ ଭିଡିଓରେ ମଧ୍ୟ ସେ କାମ କରୁଛନ୍ତି । ଏବେ ସେ ଜଣେ ୟୁଟ୍ୟୁବ୍‌ର, ମଡେଲ ତଥା ଅଭିନେତ୍ରୀ ଭାବେ ଜଣାଯାନ୍ତି । ସେ ନିଜର ନୃତ୍ୟ ମାଧ୍ୟମରେ ଏବେ ମଧ୍ୟ ଦର୍ଶକଙ୍କ ମନୋରଞ୍ଜନ କରିଆସୁଛନ୍ତି । ତାଙ୍କର ସାମାଜିକ ଗଣମାଧ୍ୟମରେ ଅନେକ ପ୍ରସଂଶକ ରହିଛନ୍ତି ।

# ଏପରି କରନ୍ତୁ କାଚ ବାସନ ସଫା

କାଚ ବାସନ ଆଖିକୁ ଆକର୍ଷଣୀୟ ଦେଖାଯାଏ । ତେଣୁ ଲୋକେ ଏହାକୁ ବିଶେଷ ଦିନଗୁଡ଼ିକରେ ଯଥା- ପୂଜା, ପର୍ବ, ଉତ୍ସବ ଆଦିରେ ବ୍ୟବହାର କରିଥାନ୍ତି । ହେଲେ ପରବର୍ତ୍ତୀ ସମୟରେ ଏହାକୁ ସଫା କରିବା କଷ୍ଟକର ହୋଇଥାଏ । ତେଣୁ କାଚ ବାସନକୁ ସହଜ ଉପାୟରେ କିପରି ସଫା କରିବେ ଜାଣି ରଖନ୍ତୁ...



- ସର୍ବଦା ନଖ ଉଷୁମ ପାଣି ବ୍ୟବହାର କରି କାଚ ବାସନଗୁଡ଼ିକୁ ସଫା କରିବା ଆବଶ୍ୟକ । ଏହା ଦ୍ୱାରା ବାସନରେ ଲାଗିଥିବା ଦାଗ ଛାଡ଼ିଥାଏ ।
- କାଚ ବାସନର ଉଜ୍ଜ୍ୱଳତା ବୃଦ୍ଧି ପାଇଁ ଲେମ୍ବୁ ଖୁବ୍ ଉପକାରୀ ହୋଇଥାଏ । ତେଣୁ ଏହାକୁ ବ୍ୟବହାର କରି ବାସନ ସଫା କରିପାରିବେ । ଏଥିପାଇଁ ପ୍ରଥମେ ଦୁଇ, ତିନୋଟି ଲେମ୍ବୁ ଚିପୁଡ଼ି ରସ କାଢ଼ନ୍ତୁ । ସେହି ରସକୁ ସ୍ୱଞ୍ଜ ସାହାଯ୍ୟରେ ବାସନରେ ଘଷି ସଫା କରନ୍ତୁ । ଏହା ଦ୍ୱାରା ବାସନରେ ଚମକ ବୃଦ୍ଧି ପାଇଥାଏ ।
- ବେକିଂସୋଡ଼ା ବ୍ୟବହାର କରି କାଚବାସନ ସଫା କରିବା କରିପାରିବେ । ନଖ ଉଷୁମ ପାଣିରେ ବେକିଂ ସୋଡ଼ା ମିଶାଇ ବାସନକୁ କିଛି ସମୟ ବୁଡ଼ାଇ ରଖନ୍ତୁ । ଏହାପରେ ସ୍ୱଞ୍ଜ ବ୍ୟବହାର କରନ୍ତୁ ।

# ନଡ଼ିଆ ତେଲ, କର୍ପୂରରେ କେଶର ଯତ୍ନ

ନଡ଼ିଆ ତେଲ କେଶ ପାଇଁ ଖୁବ୍ ଉପକାରୀ ହୋଇଥାଏ । ଏଥିପାଇଁ ଅନେକ ନଡ଼ିଆ ତେଲରେ ମେଥି, ଭୃସଙ୍ଗ ପତ୍ର ପକାଇ ଲଗାଇଥାନ୍ତି । ଏହାଦ୍ୱାରା କେଶ ଘନ କଳା ଓ ମଜଭୂତ ହୋଇଥାଏ । ଚାହିଁଲେ ନଡ଼ିଆ ତେଲରେ କର୍ପୂର ମିଶାଇ ଲଗାଇପାରିବେ । ଏହା ଦ୍ୱାରା କେଶ ସମସ୍ୟା ଦୂର ହୋଇଥାଏ ।



- ଗୋଟିଏ ଛୋଟ ପାତ୍ରରେ ଅଧା କପ୍ ତେଲ ନେଇ ସେଥିରେ ଗୋଟିଏ କର୍ପୂର ମିଶାଇ ତେଲକୁ ଅଳ୍ପ ଉଷୁମ କରନ୍ତୁ । ତେଲ ଥଣ୍ଡା ହୋଇଗଲେ ଏହାକୁ ଏକ ବୋତଲରେ ରଖି ଷ୍ଟୋର କରନ୍ତୁ । ଏହା କେଶରେ ଚମକ ଆଣିଥାଏ ।
- ନିୟମିତ କେଶରେ ନଡ଼ିଆ ତେଲ କର୍ପୂର ଲଗାଇଲେ ଏହା କେଶ ବୃଦ୍ଧିରେ ସହାୟକ ହୁଏ । ଏଥିସହ କେଶ ଘନ ଓ କଳା ହୋଇଥାଏ ।
- ସେହିପରି କେଶରେ ରୂପି ସମସ୍ୟା ଥିଲେ, ଏହି ତେଲ ଲଗାଇପାରିବେ । ଏହା କେଶରୁ ରୂପି ସମସ୍ୟା ଦୂର କରିଥାଏ ।
- କେଶର ପ୍ରାକୃତିକ ଚମକବୃଦ୍ଧି କରିବା ସହ ରୁକ୍ଷକେଶକୁ ମଜଭୂତ କରିବାକୁ ଚାହୁଁଥିଲେ, ଏହି ତେଲ ଲଗାଇପାରିବେ ।

# ବର୍ଷାଦିନେ କପଡ଼ାରୁ ଦୁର୍ଗନ୍ଧ ଆସୁଥିଲେ

ସାଧାରଣତଃ ବର୍ଷା ହେଲେ ଆଶ୍ୱସ୍ତି ମିଳିଥାଏ । କିନ୍ତୁ ଲଗାତାର ବର୍ଷା ଲାଗି ରହିଲେ, ଲୁଗାପଟା ଶୁଖିବା ଏ ଦିନେ ମୁଖ୍ୟ ସମସ୍ୟା ପାଲଟିଥାଏ । କାରଣ ବର୍ଷାଦିନେ ପାଗ ଓଦା ଥିବାରୁ ଲୁଗାପଟା ଭଲରେ ଶୁଖିପାରେ ନାହିଁ । ଫଳରେ ସେଥିରୁ ଦୁର୍ଗନ୍ଧ ବାହାରି ଥାଏ । ତେଣୁ ବର୍ଷାଦିନେ କିଛି ଘରୋଇ ଉପାୟ ଆପଣାଇ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ ।

### ବେକିଂ ସୋଡ଼ା, ଭିନେଗାର୍

ଲୁଗାପଟା ଧୋଇବା ସମୟରେ ଏକ ବାଲ୍‌ଟିରେ ସର୍ଫ ନେଇ ସେଥିରେ ଏକ ଚାମଚ ବେକିଂସୋଡ଼ା, ଅଳ୍ପ ଭିନେଗାର ଢାଳନ୍ତୁ । ଏହା କପଡ଼ାରୁ ଦୁର୍ଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ । ଏଥିସହ କପଡ଼ାକୁ ସତେଜ ରଖିଥାଏ ।

### ଭଲରେ ଶୁଖାନ୍ତୁ କପଡ଼ା


ଅନେକ ସମୟରେ ଲୋକମାନେ କାର୍ଯ୍ୟ ବ୍ୟସ୍ତତା ଯୋଗୁ ଅଧା ଶୁଖିଥିବା ଲୁଗାପଟାକୁ ଆଣି ଘରେ ରଖି ଦିଅନ୍ତି । ଫଳରେ ଏଥିରୁ ଦୁର୍ଗନ୍ଧ ବାହାରିଥାଏ । ତେଣୁ କପଡ଼ା ସମ୍ପୂର୍ଣ୍ଣ ଶୁଖିଯିବା ପରେ ଏହାକୁ ଭାଙ୍ଗି ରଖିବା ଆବଶ୍ୟକ ।

### ଖରାରେ ଶୁଖାନ୍ତୁ

ସାଧାରଣତଃ ବର୍ଷାଦିନେ ଖରା ଅଳ୍ପ ସମୟ ପାଇଁ ହୋଇଥାଏ । ଏଣୁ ଖରାହେବା ମାତ୍ରେ ଘରେ ଥିବା ଲୁଗାପଟାକୁ କିଛି ସମୟ ପାଇଁ ଖରାରେ ଶୁଖାଇ ଦିଅନ୍ତୁ । ଏହାଦ୍ୱାରା କପଡ଼ାରୁ ଦୁର୍ଗନ୍ଧ ଦୂର ହୋଇଥାଏ ।

### ଆଣ୍ଟି ବ୍ୟାକ୍ଟେରିଆଲ୍ ଫ୍ୟାବ୍ରିକ୍ ସ୍ପ୍ରେ

ବାରମ୍ବାର କପଡ଼ା ଧୋଇବାରେ ସମସ୍ୟା ହେଉଥିଲେ, ବଜାରରେ ମିଳୁଥିବା ଆଣ୍ଟି ବ୍ୟାକ୍ଟେରିଆଲ୍ ଫ୍ୟାବ୍ରିକ୍ ସ୍ପ୍ରେ ବ୍ୟବହାର କରିପାରିବେ । ଏହା କପଡ଼ାରେ ଦୁର୍ଗନ୍ଧ କିଟାଣୁକୁ ଦୂର କରିଥାଏ ।



ମୋ ହାଣ୍ଡିଶାଳରୁ...

# ପୋଟଳ ପକୁଡ଼ି ତରକାରୀ



### ଆବଶ୍ୟକ ସାମଗ୍ରୀ

ବଟୁରା ବୁଟ ଡାଲି – ଏକ କପ୍, ପୋଟଳ – ପାଞ୍ଚ-ସାତୋଟି, ଆଳୁ- ତିନିଗୋଟି, କଟା ପିଆଜ – ଏକ କପ୍, ଟମାଟୋ– ଗୋଟିଏ, ଅଦା ରସୁଣ ପେଷ୍ଟ – ଏକ ଚାମଚ, ଭୃସଙ୍ଗ ପତ୍ର – ଦୁଇ ପାଖୁଡ଼ା, ହଳଦୀଗୁଣ୍ଡ, - ଏକ ଚାମଚ, ଲଙ୍କା ଗୁଣ୍ଡ – ଏକ ଚାମଚ, ଜୀରା ଗୁଣ୍ଡ – ଏକ ଚାମଚ, ଡାଲଚିନି – ଖଣ୍ଡେ, ଗୋଟା ଧନିଆ – ଏକ ଚାମଚ, କସୁରୀ ମେଥି – ଅଳ୍ପ, ଦହି – ଦୁଇ ଚାମଚ, ଲୁଣ - ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ ।


### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ବଟୁରା ବୁଟଡାଲିକୁ ପାଣିରୁ ଛାଣି ଜାର୍‌ରେ ଦେଇ ସେଥିରେ କଞ୍ଚାଲଙ୍କା, ରସୁଣ ପାଖୁଡ଼ା ପକାଇ ଗ୍ରାଇଣ୍ଡିଂ କରନ୍ତୁ । ଏହାକୁ ଗୋଟିଏ ପାତ୍ରରେ କାଢ଼ି ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଲୁଣ, ଜୀରାଗୁଣ୍ଡ, ଭୃସଙ୍ଗ ପତ୍ର ଲୁଣ ଦେଇ ଗୋଳାଇ ଦିଅନ୍ତୁ । ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଗଲେ ବୁଟଡାଲି ବଟାକୁ ଛୋଟ ଗୁଳା କରି ପକୁଡ଼ି ଭଳି ଛାଣି ଏକ ପ୍ଲେଟ୍‌ରେ ରଖନ୍ତୁ । ଏହାପରେ ଆଉ ଏକ କଡ଼େଇରେ ଅଳ୍ପ ତେଲ ଦେଇ ସେଥିରେ ଆଳୁ ପୋଟଳ ଭାଜନ୍ତୁ । ନାଲି ହୋଇଗଲେ ଏହାକୁ ପ୍ଲେଟ୍‌ରେ କାଢ଼ି ରଖନ୍ତୁ । ବଳକା ତେଲରେ ଅଳ୍ପ ଜିରା, ଡାଲଚିନି, କଟା ପିଆଜ ପକାଇ ଭାଜନ୍ତୁ । ଏହାପରେ ଅଦା ରସୁଣ ପେଷ୍ଟ, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ ଦିଅନ୍ତୁ । ଏହାପରେ ଦହି ଦେଇ ମସଲାକୁ ଏପାଖ ସେପାଖ କରନ୍ତୁ । ଅଳ୍ପ ପାଣି ଦେଇ ପାଞ୍ଚମିନିଟ୍ କଷି ଭାଜି ରଖିଥିବା ପୋଟଳ ଆଳୁ ଦିଅନ୍ତୁ । ପିଠାଖଡ଼ିକାରେ ଏପାଖସେପାଖ କରି ଢାଙ୍କୁଣି ଘୋଡ଼ାନ୍ତୁ । ପୋଟଳ ଆଳୁ ସିଝିଗଲା ପରେ ସେଥିରେ ଛାଣି ରଖିଥିବା ପକୁଡ଼ି ଦେଇ ଗରମ ମସଲା ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ପୋଟଳ ପକୁଡ଼ି ତରକାରୀ' ।

● ପୁରୁଷ ୧୦୦ ମିଟର ରେସ୍

## ଥମ୍ପସନଙ୍କ ନାମରେ ଦଶନ୍ଧିର ଶ୍ରେଷ୍ଠ ଟାଇମିଂ

କିଙ୍ଗସଟନ, ୨୮ ।୬ (ଏଜେନ୍ସି): ବିଶ୍ୱ ଚାମ୍ପିଅନସିପ୍‌କୁ ଆଉ ୭୫ ଦିନ ବାକିଥିବାବେଳେ ଜାମାଇକା ସ୍ପ୍ରିଣ୍ଟର କିଶାନେ ଥମ୍ପସନ ପୁରୁଷ ୧୦୦ ମିଟରରେ ଦଶନ୍ଧିର ଶ୍ରେଷ୍ଠ ଟାଇମିଂ ହାସଲ କରିଛନ୍ତି। ଶୁକ୍ରବାର ରାତିରେ ଏଠାରେ ଅନୁଷ୍ଠିତ ଜାମାଇକାନ ଚାମ୍ପିଅନସିପ୍‌ରେ ୧୦୦ ମିଟର ରେସ୍‌କୁ ଥମ୍ପସନ ୯.୭୫ ସେକେଣ୍ଡରେ ଫିନିଶ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପ୍ୟାରିସ ଅଲିମ୍ପିକ ରୌପ୍ୟ ପଦକ ବିଜେତା ଥମ୍ପସନଙ୍କ ଏହା ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟ ହୋଇଛି। ଏଥିସହ ପୁରୁଷ ୧୦୦ ମିଟର ରେସ୍ ଇତିହାସରେ ଏହା ୬ଷ୍ଠ ଶ୍ରେଷ୍ଠ ଟାଇମିଂ। ପୁରୁଷ ୧୦୦ ମିଟର ରେସ୍‌ରେ ବିଶ୍ୱର ଶ୍ରେଷ୍ଠ ଟାଇମିଂ ଜାମାଇକାର ଉସେନ ବୋଲ୍ଟ (୯.୫୮ ସେକେଣ୍ଡ)ଙ୍କ ନାମରେ ରହିଛି। ସେହିଭଳି ବିଶ୍ୱ ଆଥ୍‌ଲେଟିକ୍ସ ପକ୍ଷରୁ ମଧ୍ୟ ଏହାକୁ ୨୦୧୫ ପରେ ଶ୍ରେଷ୍ଠ ଟାଇମିଂ ବୋଲି କୁହାଯାଇଛି।




● ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ

## ମହିଳା ଦଳର ୭ମ ପରାଜୟ

ବର୍ଲିନ, ୨୮ ।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ୟୁରୋପ୍ ଲେଗ୍ (ଚରଣ)ରେ ଭାରତୀୟ ମହିଳା ହକି ଦଳ କ୍ରମାଗତ ୭ମ ପରାଜୟବରଣ କରିଛି। ଶନିବାର ଏଠାରେ ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ୦-୩ ଗୋଲ୍‌ରେ ଚାଇନା ମହିଳା ଦଳ ନିକଟରୁ ପରାସ୍ତ ହୋଇଥିଲା। ଫଳରେ ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବର୍ତ୍ତମାନ ସୁଦ୍ଧା ପ୍ରୋ ଲିଗ୍‌ରେ ୧୫ ମ୍ୟାଚ୍ ଖେଳି ୧୦ ପଏଣ୍ଟ ପାଇ ୯ ଦଳୀୟ ଟେବଲ୍ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ଭାରତ ଏହାର ଶେଷ ମ୍ୟାଚ୍‌ରେ ପୁଣିଥରେ ଚାଇନା ସହ ରବିବାର ଖେଳିବ। ଏହି ନୈରାଶ୍ୟଜନକ ପ୍ରଦର୍ଶନ ଲାଗି ଆସନ୍ତା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ସିଜନରୁ ଭାରତୀୟ ମହିଳା ଦଳ ବାଦ୍ ପଡ଼ିବା ସମ୍ଭାବନା ସୃଷ୍ଟି ହୋଇଛି।

● ଦ.ଆଫ୍ରିକା-ଜିମ୍ବାୱେ ପ୍ରଥମ ଟେଷ୍ଟ

## ପ୍ରିଟୋରିଅସ୍, ବୋଶ୍‌ଙ୍କ ଶତକ

ବୁଲାୱେ,୨୮।୬ (ଏଜେନ୍ସି): ଦୀର୍ଘ ୧୧ ବର୍ଷ ପରେ ଦକ୍ଷିଣ ଆଫ୍ରିକା ସହ ଟେଷ୍ଟ ମୁକାବିଲା କରିଛି ଜିମ୍ବାୱେ। ଏହି ଟେଷ୍ଟର ପ୍ରଥମ ଦିନରେ ଡେବ୍ୟୁଟାଣ୍ଟ ଲୁହାନ-ଡ୍ରେ ପ୍ରିଟୋରିଅସ ଓ କର୍ବିନ ବୋଶ୍ ଶତକ ହାସଲ କରିଛନ୍ତି। ୧୯ ବର୍ଷୀୟ ଯୁବ ଖେଳାଳି ପ୍ରିଟୋରିୟସ ୧୫୩ ଓ ୩୦ ବର୍ଷରେ ତୃତୀୟ ଟେଷ୍ଟ ଖେଳୁଥିବା ବୋଶ୍ ଅପରାଜିତ ୧୦୦ ରନ୍ କରିଛନ୍ତି। ଏହା ଫଳରେ ପ୍ରଥମ ଦିନ ଖେଳ ଶେଷବେଳକୁ ଦକ୍ଷିଣ ଆଫ୍ରିକା ୯ ୱିକେଟରେ ୪୧୮ ରନ୍ କରିଛି। ଅନ୍ୟମାନଙ୍କ ମଧ୍ୟରେ ଡିୱାଲ୍ଡ ବ୍ରେଭିସ୍ ଡେବ୍ୟୁ କରିଥିଲାବେଳେ ୫୧ ଓ ଅନ୍ୟତମ ଡେବ୍ୟୁଟାଣ୍ଟ କୋଡି ୟୁସୁଫ୍ ୨୭ ରନ୍‌ର ଯୋଗଦାନ ଦେଇଛନ୍ତି। ଜିମ୍ବାୱେ ପକ୍ଷରୁ ତାନକା ଚିଭାଙ୍ଗା ୪ଟି ଓ ବ୍ଲେସିଂ ମୁଜରବାନି ୨ଟି ୱିକେଟ ପାଇଛନ୍ତି। ତେମ୍ବା ବଭୁମାଙ୍କ ଅନୁପସ୍ଥିତିରେ କେଶବ ମହାରାଜ ଦଳର ନେତୃତ୍ୱ ନେଉଛନ୍ତି। ମହାରାଜ ଏକମାତ୍ର ଖେଳାଳି ଭାବେ ଜିମ୍ବାୱେ ସହ ୧୧ ବର୍ଷ ତଳେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍ ଖେଳିଥିଲେ।

## ଲକ୍ଷ୍ମୀପ୍ରିୟା ୨ୟ, ଦୟାନିଧି ୩ୟ

ଭୁବନେଶ୍ୱର, ୨୮ ।୬ (ସମିସ): ବେଙ୍ଗାଲୁରୁର କାନ୍ତିରଭା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ସ ମିଟ୍‌ରେ ଦୁଇ ଓଡ଼ିଆ କ୍ରୀଡ଼ାବିତ୍ ଲକ୍ଷ୍ମୀପ୍ରିୟା କିସାନ ଓ ଦୟାନିଧି ମୁଣ୍ଡା ପୋଡିୟମ ଫିନିଶ୍ କରିବାରେ ସଫଳ ହୋଇଛନ୍ତି। ମହିଳା ୮୦୦ ମିଟର ରେସ୍‌ରେ ଲକ୍ଷ୍ମୀପ୍ରିୟା ୨ ମିନିଟ୍ ୧୦.୨୪ ସେକେଣ୍ଡରେ ଶେଷ କରି ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ଜିତିଥିଲେ। ଆଇଓସିଏଲ୍‌ର ହୁଇଡ୍ରୋମ ଭୁବନେଶ୍ୱର (୨:୦୯.୩୦) ପ୍ରଥମ ସ୍ଥାନରେ ରହିଥିଲେ। ସେହିଭଳି ଦୟାନିଧି ପୁରୁଷ ୮୦୦ ମିଟରରେ ତୃତୀୟ ସ୍ଥାନ ହାସଲ କରିଥିଲେ। ସେ ଏହି ଦୂରତାକୁ ଅତିକ୍ରମ କରିବାକୁ ସେ ୧ ମିନିଟ୍ ୫୦.୪୮ ସେକେଣ୍ଡ ସମୟ ନେଇଥିଲେ। ଉଭୟ ଲକ୍ଷ୍ମୀପ୍ରିୟା ଓ ଦୟାନିଧି ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥ୍‌ଲେଟିକ୍ସ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।

ଭାରତୀୟ କ୍ରିକେଟ ଦଳର ଜୋର୍‌ଦାର୍ ଅଭ୍ୟାସ

# ଦ୍ୱିତୀୟ ଟେଷ୍ଟରେ ଖେଳି ନ ପାରନ୍ତି ବୁମ୍‌ରା

ଏଜ୍‌ବାଷ୍ଟନ, ୨୮ ।୬ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଏଠାରେ ଜୁଲାଇ ୨ରୁ ଆରମ୍ଭ ହେବ। ହେଡିଂଲେରେ ପ୍ରଥମ ଟେଷ୍ଟ ହାରିବା ପରେ ଗତକାଲିଠାରୁ ଭାରତୀୟ ଦଳ ଜୋରଦାର ଅଭ୍ୟାସ ଆରମ୍ଭ କରିଛି। ବିଶେଷ କରି ଦଳ ପ୍ରଥମ ଦୁଇ ଦିନ ଅଭ୍ୟାସରେ ବୋଲିଂ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଦଳର ଲକ୍ଷ୍ୟ ରହିଛି ଦ୍ୱିତୀୟ ଟେଷ୍ଟ ଜିତି ସିରିଜ୍‌କୁ ବରାବର ସ୍ଥିତି ଆଣିବା। ଏଥିଲାଗି ଦଳର ସମସ୍ତ ଖେଳାଳି ଦୁଇ ଦିନରେ ଭଲ ଅଭ୍ୟାସ କରିଛନ୍ତି। ପ୍ରଥମ ଦିନରେ ଦଳର ପ୍ରମୁଖ ବୋଲର ଅଭ୍ୟାସ କରି ନ ଥିଲେ। ଯଶପ୍ରୀତ୍ ବୁମ୍‌ରା ପଡ଼ିଆକୁ ଆସି ନ ଥିଲେ। କିନ୍ତୁ ଶନିବାର ଦ୍ୱିତୀୟ ଦିନରେ ସମସ୍ତ ପ୍ରମୁଖ ବୋଲର ଦୀର୍ଘ ସମୟ ଧରି ବୋଲିଂ କରିଥିଲେ। ବୁମ୍‌ରା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଅଭ୍ୟାସ କରିଥିଲେ। ପ୍ରଥମ ଦିନରେ ସିରାଜ ବ୍ୟାଟିଂ ଅଭ୍ୟାସ କରିଥିଲାବେଳେ ଅର୍ଶଦୀପ ସିଂ ଓ ଆକାଶ ଦୀପ୍ ଦୀର୍ଘ ସମୟ ଧରି ବୋଲିଂ ଅଭ୍ୟାସ କରିଥିଲେ। ଦ୍ୱିତୀୟ ଦିନରେ ପ୍ରମୁଖ ବୋଲର ବୋଲିଂ କରିବା ଫଳରେ ସମର୍ଥକ ଓ ମ୍ୟାନେଜ୍‌ମେଣ୍ଟ ନୂଆ ଉତ୍ସାହ ପାଇଛି।

ଶନିବାର ପ୍ରଥମେ ସମସ୍ତ ଖେଳାଳି ଶାରିରୀକ ଅଭ୍ୟାସ କରିବା ପରେ ବ୍ୟାଟିଂ ଓ ବୋଲିଂ କରିଥିଲେ। ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିଲେ ପ୍ରଥମ ଟେଷ୍ଟର ନଂ-୩ ବ୍ୟାଟର ତଥା ଡେବ୍ୟୁଟାଣ୍ଟ ସାଇ ସୁଦର୍ଶନ। କିନ୍ତୁ ଦଳର ପ୍ରମୁଖ ବ୍ୟାଟର ତଥା ଅଧିନାୟକ ଶୁବମନ ଗିଲ୍, ଉପଅଧିନାୟକ ଋଷଭ ପନ୍ତ, ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ଆଜି ବ୍ୟାଟିଂ କରିବାକୁ ଆସି ନ ଥିଲେ। ଏମାନେ ସମସ୍ତେ ପ୍ରଥମ ଟେଷ୍ଟରେ ଶତକ ହାସଲ କରିଥିଲେ ଓ ପ୍ରଥମ ଦିନ ଦୀର୍ଘଦିନ ଧରି ଅଭ୍ୟାସ କରିଥିଲେ। ଏମାନଙ୍କ ମଧ୍ୟରେ ପନ୍ତ ସବୁଠାରୁ ଅଧିକ ସମୟ ଅଭ୍ୟାସ କରିଥିଲେ। ବୁମରା ଅଭ୍ୟାସ କରିବାକୁ ଆସିବା ଭାରତ ଲାଗି ଉତ୍ସାହଜନକ ଖବର। କିନ୍ତୁ ଦ୍ୱିତୀୟ ଟେଷ୍ଟରେ ତାଙ୍କର ଖେଳିବା ନେଇ ସନ୍ଦେହ ରହିଛି। ଏହି ୩୧ ବର୍ଷୀୟ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ପ୍ରଥମ ଟେଷ୍ଟରେ ୪୪ ଓଭର ବୋଲିଂ କରିଥିଲେ। ସିରିଜ୍ ଆରମ୍ଭ ପୂର୍ବରୁ ବୁମ୍‌ରା ୫ଟି ମଧ୍ୟରୁ ୩ଟି ଟେଷ୍ଟ ଖେଳିବେ ବୋଲି ହେଡ୍ କୋଚ୍ ଗୌତମ ଗମ୍ଭୀର କହିଥିଲେ। ତାଙ୍କ କଥାକୁ ଗୁରୁତ୍ୱ ଦେଲେ ୱାର୍କଲୋଡ୍ ଅନୁଯାୟୀ ବୁମ୍‌ରା ଦ୍ୱିତୀୟ ଟେଷ୍ଟ ଖେଳିବେ ନାହିଁ। ଏହି ସମୟରେ ବୁମ୍‌ରା ତାଙ୍କ ବକ୍ତବ୍ୟକୁ ବଦଳାଇ ଦେଇଥିଲେ। ସେ କହିଥିଲେ ବୁମ୍‌ରା ଚାହିଁଲେ ଓ ତାଙ୍କ ଶରୀର ଫିଟ୍ ରହିଲେ



ସେ କ୍ରମାଗତ ଟେଷ୍ଟ ଖେଳିପାରନ୍ତି, କିମ୍ବା ବିଶ୍ରାମ ନେଇପାରନ୍ତି। ପ୍ରଥମ ଟେଷ୍ଟ ହାରିବା ପରେ ଭାରତୀୟ ଦଳ କିଛି ରିସ୍କ ନେବାକୁ ଚାହିଁବ ନାହିଁ। ତାହା ନୁହେଁ ଯେ ଦଳରେ ବିରାଟ ପରିବର୍ତ୍ତନ ହେବ। ତାହା ମଧ୍ୟରେ ବୁମ୍‌ରା ଖେଳିବେ କି ନାହିଁ ସନ୍ଦେହ ରହିବା ସ୍ୱାଭାବିକ୍। ସିରିଜ୍‌ରେ ସ୍ଥିତି ଯାହା ଥାଉନା କାହିଁକି ବୁମ୍‌ରାଙ୍କ ଶରୀର ଖେଳିବା ଲାଗି ଫିଟ୍ ନ ରହିଲେ ସେ ଖେଳିବେ ନାହିଁ ବୋଲି ଗମ୍ଭୀର କହିଛନ୍ତି।

ପ୍ରଥମ ଟେଷ୍ଟରେ ବୋଲିଂ ଯେପରି ପ୍ରଭାବହୀନ ହୋଇଥିଲା, ତା'ଠାରୁ ଅଧିକ ଦୟନୀୟ ହୋଇଥିଲା ଫିଲ୍ଡିଂ। ପ୍ରଥମେ ଓ ଶେଷରେ ଖେଳାଳିମାନେ ଫିଲ୍ଡିଂ ଅଭ୍ୟାସ କରିଥିଲେ। ପ୍ରଥମ ଟେଷ୍ଟରେ ଭାରତ ପ୍ରାୟ ୧୦ଟି କ୍ୟାଚ୍ ହାତଛଡ଼ା କରିଥିଲାବେଳେ ଏହାକୁ ନ ଦୋହରାଇବା ଲାଗି ଭାରତୀୟ ଫିଲ୍ଡରମାନେ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ନୂଆ ଟିମ୍, ନୂଆ ପୋଜିସନରେ ଖାପ୍ ଖୁଆଇବାକୁ ସମୟ ଲାଗିବ ବୋଲି ଗମ୍ଭୀର କହିଛନ୍ତି।

ଇଂଲଣ୍ଡ ବିପକ୍ଷ ପ୍ରଥମ ଟି-୨୦

## ମନ୍ଧାନାଙ୍କ ଶତକରେ ଭାରତ ବିଜୟୀ

ନଟିଂହାମ, ୨୮ ।୬ (ଏଜେନ୍ସି): ଅଧିନାୟିକା ସ୍ମୃତି ମନ୍ଧାନାଙ୍କ ଦମ୍‌ଦାର ଶତକ ବଳରେ ଶନିବାର ଏଠାରେ ଅନୁଷ୍ଠିତ ପ୍ରଥମ ଟି-୨୦ ମ୍ୟାଚରେ ଭ୍ରମଣକାରୀ ଭାରତ ୯୨ ରନରେ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳକୁ ପରାସ୍ତ କରିଛି। ଏହା ଫଳରେ ଇଂଲଣ୍ଡ ଟି-୨୦ରେ ସର୍ବବୃହତ୍ ପରାଜୟ ବରଣ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୨୧୧ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ଘରୋଇ ଇଂଲଣ୍ଡ ୧୪.୫ ଓଭରରେ ୧୧୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ(୬୬ ରନ)ଙ୍କୁ ଛାଡ଼ିଦେଲେ ଅନ୍ୟ ଇଂଲଣ୍ଡ ବ୍ୟାଟର୍‌ମାନେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ବିଜୟୀ ଭାରତ ପକ୍ଷରୁ ପ୍ରଦାର୍ପଣକାରୀ ବାମହାତୀ ସ୍ପିନର ଶ୍ରୀ ଚରଣି ସର୍ବାଧିକ ୪ ଏବଂ ରାଧା ଯାଦବ ଓ ଦୀପ୍ତି ଶର୍ମା ୨ଟି ଲେଖାଏ ୱିକେଟ୍ ନେଇଥିଲେ। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ୨ୟ ମ୍ୟାଚ୍ ମଙ୍ଗଳବାର ଖେଳାଯିବ।




ଶନିବାର ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଅଧିନାୟିକା ମନ୍ଧାନାଙ୍କ ୧୧୨ ରନ ବଳରେ ୫ ୱିକେଟ୍ ହରାଇ ରେକର୍ଡ ୨୧୦ ରନ କରିଥିଲା। ୫୧ ବଲରେ ଶତକ ପୂରଣ କରିଥିବା ମନ୍ଧାନା ମୋଟ୍ ୬୨ ବଲ୍ ଖେଳି ୧୧୨ ରନ କରିଥିଲେ। ଏହି ମାରାଥନ ପାଳିରେ ସେ ୧୫ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହର୍ଲିନ ଦେଓଲ ୪୩, ଶେଫାଳି ବର୍ମା ୨୦, ରିଚା ଘୋଷ ୧୨ ରନ କରିଥିଲେ। ଘରୋଇ ଇଂଲଣ୍ଡ ପାଇଁ ଲୌରେନ ବେଲ୍ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଏହି ଶତକୀୟ ପାଳିରେ ମନ୍ଧାନା ଏକାଧିକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ମହିଳା ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ହର୍‌ମନପ୍ରୀତ୍ କୌରଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ମନ୍ଧାନା ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ପୂର୍ବରୁ ୨୦୧୮ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ହର୍‌ମନପ୍ରୀତ୍ ୧୦୩ ରନର ମାରାଥନ ଇନିଂସ ଖେଳିଥିଲେ। ସେହିଭଳି ପ୍ରଥମ ଭାରତୀୟ ଭାବେ ମନ୍ଧାନା ଅନ୍ତର୍ଜାତୀୟ କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ଶତକ ହାସଲ କରିବାର କୀର୍ତ୍ତିମାନ କରିଛନ୍ତି। ଏହାବାଦ୍ ମନ୍ଧାନା ଓ ଶେଫାଳି ଯୋଡ଼ି ଟି-୨୦ କ୍ରିକେଟ୍‌ରେ ରେକର୍ଡ ୨୧ଥର ଲାଗି ଓପନିଂ ୱିକେଟ୍‌ରେ ଅର୍ଦ୍ଧଶତକୀୟ ଭାଗୀଦାରି ଗଢ଼ିଛନ୍ତି। ଏହିକ୍ରମରେ ଅଷ୍ଟ୍ରେଲିଆର ଆଲିସା ହେଲୀ ଓ ବେଥ୍ ମୁନୀ (୨୦ଥର)ଙ୍କୁ ପଛରେ ପକାଇଛନ୍ତି।

● ଏଫ୍‌ଆଇଏଚ୍ କନିଷ୍ଠ ପୁରୁଷ ବିଶ୍ୱକପ୍

## ଗୋଟିଏ ଗ୍ରୁପ୍‌ରେ ଭାରତ-ପାକିସ୍ତାନ

ଚେନ୍ନଇ, ୨୮ ।୬ (ଏଜେନ୍ସି): ଏଫ୍‌ଆଇଏଚ୍ କନିଷ୍ଠ ପୁରୁଷ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ନଭେମ୍ବର ୨୮ରୁ ଚେନ୍ନାଇରେ ଆରମ୍ଭ ହେବ। ଏଥିଲାଗି ବିଶ୍ୱକପ୍‌ର ଡ୍ର ଉଠାଣ କାର୍ଯ୍ୟକ୍ରମ ଶନିବାର ସୁଇଜରଲାଣ୍ଡର ଲାଇସାନେଠାରେ ଥିବା ବିଶ୍ୱ ହକିର ସର୍ବୋଚ୍ଚ ସଂସ୍ଥା ଏଫ୍‌ଆଇଏଚ୍‌ର ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟୋଜକ ଭାରତ ଓ ଚିରପ୍ରତିଦ୍ୱନ୍ଦୀ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଦୁଇଥରର ବିଶ୍ୱକପ୍ ବିଜେତା ଭାରତ ସମେତ ପାକିସ୍ତାନ, ସୁଇଜରଲାଣ୍ଡ ଓ ଚିଲି ଗ୍ରୁପ୍-ବି'ରେ ରହିଛନ୍ତି। ଏହି ବିଶ୍ୱକପ୍‌ରେ ୨୪ଟି ଦଳ ଅଂଶଗ୍ରହଣ କରୁଥିବାବେଳେ ୬ଟି ଗ୍ରୁପ୍‌ରେ ସେମାନଙ୍କୁ ବିଭକ୍ତ କରାଯାଇଛି। ଡିଫେଣ୍ଡିଂ ତଥା ସର୍ବାଧିକ ୭ଥରର ଚାମ୍ପିଅନ ଜର୍ମାନୀ ଗ୍ରୁପ୍-ଏ'ରେ ଦକ୍ଷିଣ ଆଫ୍ରିକା, କାନାଡା ଓ ଆୟର୍ଲାଣ୍ଡ ସହ ସ୍ଥାନ ପାଇଛି। ପ୍ରଥମଥର ଲାଗି କନିଷ୍ଠ ପୁରୁଷ ହକି ବିଶ୍ୱକପ୍‌ରେ ୨୪ ଦଳ ଅଂଶଗ୍ରହଣ କରିବେ। ତାମିଲନାଡୁର ଚେନ୍ନଇ ଓ ମଦୁରାଇରେ ବିଶ୍ୱକପ୍‌ର ସମସ୍ତ ମ୍ୟାଚ୍ ଖେଳାଯିବ। ଶନିବାର ଡ୍ର ଉଠାଣ କାର୍ଯ୍ୟକ୍ରମରେ ଏଫ୍‌ଆଇଏଚ୍ ସଭାପତି ତୟାବ ଇକ୍ରାମ, ହକି ଇଣ୍ଡିଆ ସମ୍ପାଦକ ଭୋଲାନାଥ ସିଂ, ନିର୍ଦ୍ଦେଶକ ଆର୍‌କେ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ, ଭାରତ ଦୁଇଥର (୨୦୦୧ ଓ ୨୦୧୬) କନିଷ୍ଠ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଛି।




### କେଉଁ ଗ୍ରୁପ୍‌ରେ କିଏ

| | |
|---|---|
| ଗ୍ରୁପ୍-ଏ | : ଜର୍ମାନୀ, ଦକ୍ଷିଣ ଆଫ୍ରିକା, କାନାଡା, ଆୟର୍ଲାଣ୍ଡ |
| ଗ୍ରୁପ୍-ବି | : ଭାରତ, ପାକିସ୍ତାନ, ଚିଲି, ସୁଇଜରଲାଣ୍ଡ |
| ଗ୍ରୁପ୍-ସି | : ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ଜାପାନ, ଚାଇନା |
| ଗ୍ରୁପ୍-ଡି | : ସ୍ପେନ, ବେଲ୍‌ଜିୟମ, ଇଜିପ୍ଟ, ନାମ୍ବିଆ |
| ଗ୍ରୁପ୍-ଇ | : ନେଦରଲାଣ୍ଡସ, ମାଲେସିଆ, ଇଂଲଣ୍ଡ, ଅଷ୍ଟ୍ରିଆ |
| ଗ୍ରୁପ୍-ଏଫ୍ | : ଫ୍ରାନ୍ସ, ଅଷ୍ଟ୍ରେଲିଆ, ଦକ୍ଷିଣ କୋରିଆ, ବାଂଲାଦେଶ |

ପାୱାର ଗ୍ରୀଡ୍ ଆନ୍ତଃକ୍ଷେତ୍ରୀୟ ଚେସ୍

## କମଲେଶ, କଲ୍ପେଶଙ୍କୁ ଟାଇଟଲ

ଭୁବନେଶ୍ୱର, ୨୮।୬ (ସମିସ): ଏଠାରେ ଚାଲିଥିବା ପାୱାର ଗ୍ରୀଡ୍ ଆନ୍ତଃକ୍ଷେତ୍ରୀୟ ଚେସ୍ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଗୁଡ୍‌ଗାଓଁସ୍ଥିତ କେନ୍ଦ୍ରୀୟ କାର୍ଯ୍ୟାଳୟର ମକଲେଶ ଭୋରାନି ଓ ପଶ୍ଚିମାଞ୍ଚଳର କଲ୍ପେଶ ରବୀନ୍ଦ୍ର କୋଟୱାଲ ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ଟାଇଟଲ ବିଜୟୀ ହୋଇଛନ୍ତି। ମହିଳା ବିଭାଗରେ ହିମାଂଶି ଓ ସାହିସ୍ତା ହନିଫ୍ ଓ ପୁରୁଷ ବିଭାଗରେ ଉତ୍ତରାଞ୍ଚଳର ଗୌରବ କୁମାର ଓ ଦକ୍ଷିଣାଞ୍ଚଳର ହରିକ୍ରିଷ୍ଣା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଖେଳ ଶେଷରେ ପାୱାର ଗ୍ରୀଡ୍ (ପାୱାର ପ୍ରୋଜେକ୍ଟ)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ସୁନୀତା ଚୌହାନ, ମହାପ୍ରବନ୍ଧକ (ମାନବ ସମ୍ବଳ) ଅଜିତ ପଣ୍ଡା ଓ ଅନ୍ତର୍ଜାତୀୟ ଆର୍ବିଟର ତାପସ କୁମାର ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ସନ୍ତୋଷ ମହାପାତ୍ର ଆଦି ଖେଳ ପରିଚାଳନା କରିଥିଲେ।




# ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆର ସହଜ ବିଜୟ

ବାର୍ବାଡସ୍, ୨୮ ।୬ (ଏଜେନ୍ସି)

ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ସ୍ଥାନୀୟ କେନିଙ୍ଗଟନ୍ ଓଭାଲ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ ୧୫୯ ରନର ବଡ଼ ବ୍ୟବଧାନରେ ପରାସ୍ତ ହୋଇଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୩୦୧ ରନର ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ୩ୟ ଦିବସରେ ଦ୍ୱିତୀୟ ପାଳିରେ ୧୪୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦ୍ୱିତୀୟ ପାଳିରେ ୱେଷ୍ଟଇଣ୍ଡିଜ ବ୍ୟାଟର୍ ମାତ୍ର ୩୩.୪ ଓଭର ଖେଳିବାକୁ ସମର୍ଥ ହୋଇଥିଲେ। ଦଳ ପକ୍ଷରୁ ବ୍ୟାଟିଂକ୍ରମର ୧୦ମ ସ୍ଥାନରେ ଆସିଥିବା ସାମରା ଜୋଶେଫ୍ ୨୨ ବଲରେ ୪ ଚୌକା ଓ ୪ ଛକା ସହାୟତାରେ ୪୪ ରନର ଦ୍ରୁତ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିନ ଗ୍ରେଭସ ଅପରାଜିତ ୩୮, ଜନ କ୍ୟାମ୍ପବେଲ୍ ୨୩ ଓ କେସି କାର୍ଟି ୨୦ ରନର ପାଳି ଖେଳିଥିଲେ। ଅନ୍ୟ ୭ଜଣ ଇଣ୍ଡିଜ ବ୍ୟାଟର୍ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ୍ ହାଜଲେଉଡ୍ ସର୍ବାଧିକ ୫, ନାଥନ ଲାୟନ ୨ ଏବଂ ମିଚେଲ ଷ୍ଟାର୍କ ଓ ଅଧିନାୟକ ପ୍ୟାଟ୍ କମିନ୍ସ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ।

୧୫୯ ରନରେ ହାରିଲା ୱେଷ୍ଟଇଣ୍ଡିଜ




ପୂର୍ବରୁ ପ୍ରଥମ ପାଳିରେ ଅଷ୍ଟ୍ରେଲିଆ ୧୮୦ ରନ କରିଥିବାବେଳେ ୱେଷ୍ଟଇଣ୍ଡିଜ ୧୯୦ ରନ କରି ୧୦ ରନରେ ଅଗ୍ରଣୀ ରହିଥିଲା। ଏହାପରେ ଅଷ୍ଟ୍ରେଲିଆ ୩୧୦ ରନ କରିବାକୁ ସମର୍ଥ ହୋଇଥିଲା। ପ୍ରଥମ ପାଳିରେ ୫୯ ଓ ୨ୟ ପାଳିରେ ୬୧ ରନ କରିଥିବା ଟ୍ରାଭିସ୍ ହେଡ୍ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏଥିସହ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି)ରେ ପ୍ରଥମ ଖେଳାଳି ଭାବେ ୧୦ଥର ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ୨ୟ ମ୍ୟାଚ୍ ଜୁଲାଇ ୩ରୁ ଆରମ୍ଭ ହେବ।

### କମିନ୍ସଙ୍କ କୀର୍ତ୍ତିମାନ

ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କମିନ୍ସ ଏହି ଟେଷ୍ଟର ପ୍ରଥମ ପାଳିରେ ୱେଷ୍ଟଇଣ୍ଡିଜ ଅଧିନାୟକ ରୋଷ୍ଟନ ଚେଜ୍‌ଙ୍କୁ ୪୪ ରନରେ ଆଉଟ୍ କରିଥିଲେ। ଏଥିସହ ସେ ବିଶ୍ୱର ପ୍ରଥମ ଅଧିନାୟକ ଭାବେ ଟେଷ୍ଟ ଖେଳୁଥିବା ସମସ୍ତ ୧୦ ଦେଶର ଅଧିନାୟକଙ୍କୁ ଆଉଟ୍ କରିବାର ରେକର୍ଡ କରିଛନ୍ତି। ପୂର୍ବରୁ ଭାରତର ରୋହିତ୍ ଶର୍ମା ୬ଥର, ଦକ୍ଷିଣ ଆଫ୍ରିକାର ଡିନ୍ ଏଲ୍‌ଗାର, ଇଂଲଣ୍ଡର ବେନ୍ ଷ୍ଟୋକ୍ସ, ତେମ୍ବା ବଭୁମା, ୱେଷ୍ଟଇଣ୍ଡିଜର କ୍ରେଗ୍ ବ୍ରାଥୱେଟ୍ ୩ଥର ଲେଖାଏ କମିନ୍ସଙ୍କ ଶିକାର ବନିଛନ୍ତି। ସେହିଭଳି ଟିମ୍ ସୌଦୀ, ଜୋ ରୁଟ୍, ଶାନ ମାସୁଦ, ଯଶପ୍ରୀତ୍ ବୁମ୍‌ରା, ଓ ରୋଷ୍ଟନ ଚେଜ୍ ମଧ୍ୟ ନିଜ ଦେଶର ନେତୃତ୍ୱ ନେଉଥିବାବେଳେ କମିନ୍ସଙ୍କ ବଲରେ ଆଉଟ୍ ହୋଇଥିଲେ। ଅପରପକ୍ଷରେ ଅଷ୍ଟ୍ରେଲିଆ ଅଧିନାୟକ ଭାବେ ଟେଷ୍ଟରେ ସର୍ବାଧିକ ୱିକେଟ୍ ନେବାର ରେକର୍ଡ ମଧ୍ୟ କମିନ୍ସଙ୍କ ନାମରେ ଲିପିବଦ୍ଧ ହୋଇଛି। କମିନ୍ସ ଅଧିନାୟକ ଭାବେ ଟେଷ୍ଟରେ ୧୪୦ ୱିକେଟ୍ ନେଇ ରିଚି ବେନର୍ଡ (୧୩୮)ଙ୍କୁ ପଛରେ ପକାଇଛନ୍ତି।

ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶର ପାଳି ପରାଜୟ

## ସିରିଜ୍ ଜିତିଲା ଶ୍ରୀଲଙ୍କା




କଲମ୍ବୋ, ୨୮ ।୬ (ଏଜେନ୍ସି): ବାମହାତୀ ସ୍ପିନ ବୋଲର୍ ପ୍ରବାଥ ଜୟସୂରିଆଙ୍କ ୫ ୱିକେଟ୍ ସଫଳତା ବଳରେ ଘରୋଇ ଶ୍ରୀଲଙ୍କା ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୨ୟ ଟେଷ୍ଟରେ ଏକ ପାଳି ଓ ୭୮ ରନରେ ବାଂଲାଦେଶକୁ ପରାସ୍ତ କରିଛି। ଫଳରେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ଶ୍ରୀଲଙ୍କା ୧-୦ରେ ଜିତିନେଇଛି। ପୂର୍ବରୁ ଗଲ୍‌ରେ ଖେଳାଯାଇଥିବା ସିରିଜର ପ୍ରଥମ ମ୍ୟାଚ୍ ଅମୀମାଂସିତ ରହିଥିଲା।

ଏହି ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ବାଂଲାଦେଶ ପ୍ରଥମ ପାଳିରେ ୨୪୭ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଶ୍ରୀଲଙ୍କା ଓପନର୍ ପାଥୁମ ନିଶାଙ୍କା'ଙ୍କ ୧୫୮ ରନର ମାରାଥନ ଶତକୀୟ ପାଳି ବଳରେ ୪୫୮ ରନରେ ପ୍ରଥମ ପାଳି ସୀମିତ ରଖିଥିଲା। ବାଂଲାଦେଶର ତାଇଜୁଲ ଇସଲାମଙ୍କୁ ୫ ୱିକେଟ୍ ସଫଳତା ମିଳିଥିଲା। ଏହାପରେ ୨୧୧ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ବାଂଲାଦେଶ ଶୁକ୍ରବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୬ ୱିକେଟ ହରାଇ ୧୧୫ ରନ ସଂଗ୍ରହ କରିଥିଲା। ଶନିବାର ୪ର୍ଥ ଦିବସରେ ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିବା ବାଂଲାଦେଶ ଆଉ ୧୮ ରନ ଯୋଡ଼ି ୧୩୩ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ଶ୍ରୀଲଙ୍କା ଏକ ପାଳି ଓ ୭୮ ରନରେ ସହଜସାଧ ବିଜୟ ଲାଭ କରିଥିଲା। ବାଂଲାଦେଶ ପକ୍ଷରୁ ଦ୍ୱିତୀୟ ପାଳିରେ ମୁସଫିକର ରହିମ ସର୍ବାଧିକ ୨୬, ମେହଦୀ ହାସନ ମିରାଜ ୧୧, ଲିଟନ ଦାସ ୧୪, ଅଧିନାୟକ ନାଜମୋଲ ହୋସେନ ସାଣ୍ଟୋ ଓ ଏନାମୁଲ୍ ହକ୍ ୧୯ ରନ ଲେଖାଏ କରିଥିଲେ। ବୋଲିଂରେ ଶ୍ରୀଲଙ୍କାର ପ୍ରବଥା ଜୟସୂରିଆ ୫୬ ରନ ବ୍ୟୟରେ ବାଂଲାଦେଶର ୫ ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଟେଷ୍ଟ କ୍ରିକେଟ୍‌ରେ ଏହା ତାଙ୍କର ୧୨ତମ ୫ ୱିକେଟ୍ ସଫଳତା। ପାଥୁମ ନିଶାଙ୍କା ମ୍ୟାଚ୍ ଓ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଦୁଇଦେଶ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଏକଦିବସୀୟ ସିରିଜ ବୁଧବାରଠାରୁ ଆରମ୍ଭ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS